# ୨୫

# ଅନୁନ୍ନତ ଶ୍ରେଣୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଓ କ୍ଷମତା (ଅଧିକାର)

ଆମ୍ଭେମାନେ ଅନେକ ସମୟରେ ବିଭିନ୍ନ କ୍ଷେତ୍ରର ସାମାଜିକ ଓ ଅର୍ଥନୈତିକ ପ୍ରଗତି ବିଷୟ, ସମ୍ବାଦପତ୍ର ଓ ମାଗାଜିନ୍ ପୃଷ୍ଠାରେ ସ୍ଥାନ ପାଇଥିବାର ଦେଖୁ। ଉକ୍ତ କ୍ଷେତ୍ରଗୁଡ଼ିକ ମଧ୍ୟରେ ଦାରିଦ୍ର୍ୟ, ନିଯୁକ୍ତି, ରାସ୍ତାଘାଟର ଉନ୍ନତି, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ପ୍ରଭୃତି ମୁଖ୍ୟ ଅଟେ। ନିର୍ଦ୍ଦିଷ୍ଟ ଭାବେ ନିର୍ବାଚନ ସମୟରେ ଏହି ସମସ୍ୟାଗୁଡ଼ିକୁ, ରାଜନୈତିକ ନେତା, ରାଜନୈତିକ ଦଳ, ମତଦାତାଗଣ ଓ ସମ୍ବାଦପତ୍ରମାନେ ଆଲୋଚନା କରନ୍ତି। ଯେତେବେଳେ କୌଣସି ପ୍ରଗତି ବିଷୟରେ ଆଲୋଚନା ହୁଏ ବା ବିଶେଷ କରି ସାମାଜିକ ଓ ଅର୍ଥନୈତିକ ପ୍ରଗତି ବିଷୟରେ ଆଲୋଚନା ହୁଏ, ଉକ୍ତ ଆଲୋଚନା କେବଳ ସମାଜର ଅନୁନ୍ନତ, ଦୁର୍ବଳ ଓ ଅସହାୟ ଶ୍ରେଣୀର ଲୋକଙ୍କ ପ୍ରଗତିକୁ ବୁଝାଇଥାଏ। ଏହି ପାଠ୍ୟରେ ବ୍ୟବହୃତ ବାକ୍ୟାଂଶ ତୁମେ ତୁମର ପାଠ୍ୟ ପୁସ୍ତକ କିମ୍ବା ଅନ୍ୟ କେଉଁଠାରେ ଦେଖିଥିବ। ଉକ୍ତ ବାକ୍ୟାଂଶର ଅର୍ଥ କଣ? ଅନୁନ୍ନତ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ଓ କ୍ଷମତା ଭିତରେ ଥିବା ସମ୍ପର୍କକୁ ଆମେ କାହିଁକି ଓ କିପରି ବୁଝିବା ଉଚିତ୍? ଏହି ପାଠ୍ୟକ୍ରମଟିରେ ଉକ୍ତ ବିଷୟ ନିମ୍ନରେ ଆଲୋଚନା ହୋଇଛି।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟିର ପାଠ ସମାପ୍ତ କରି ତୁମେ ନିମ୍ନୋକ୍ତ ବିଷୟର ବାଖ୍ୟା କରିପାରିବ।

- ସାମାଜିକ ଓ ଅର୍ଥନୈତିକ ବିକାଶ, ମାନବ ସମ୍ବଳ ବିକାଶ ଆଞ୍ଚଳିକ ବିକାଶ ଓ ଜୀବନ ପରିପୋଷକ ପଦାର୍ଥର ବିକାଶ ପ୍ରଭୃତିର ସଂଜ୍ଞା ନିରୂପଣ କରିବା।
- ଆଞ୍ଚଳିକ ବୈଷମ୍ୟ, ସାମାଜିକ ଓ ଅର୍ଥନୈତିକ ବିଭେଦତା ପାଇଁ କେଉଁ ଉପାଦାନଗୁଡ଼ିକ ଦାୟୀ।
- ହରିଜନ, ଆଦିବାସୀ ଓ ମହିଳା ପ୍ରଭୃତି ଅନୁନ୍ନତ ଶ୍ରେଣୀଙ୍କ କ୍ଷମତା (ଅଧିକାର) ସହ ସଂପୃକ୍ତ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା।
- ହରିଜନ, ଆଦିବାସୀ, ମହିଳା ଓ ଶିଶୁମାନଙ୍କ ସମସ୍ୟା ସହ ସଂପୃକ୍ତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ।

- ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ଜ୍ଞାନ ଆହରଣ କରିବା।

## ୨୫.୧ ସାମାଜିକ ଓ ଅର୍ଥନୈତିକ ବିକାଶର ଅର୍ଥ

ସାମାଜିକ ଓ ଅର୍ଥନୈତିକ ବିକାଶମାନେ କ'ଣ ବୁଝାଯାଏ ? ଏହା ବୁଝିବା ପାଇଁ ବିକାଶର ଅର୍ଥ ବୁଝିବା ଆବଶ୍ୟକ। ବିକାଶ ଅର୍ଥ, ଯେଉଁଠାରେ ନିରବଚ୍ଛିନ୍ନ ପ୍ରଗତି ଲାଗିରହିଥାଏ। ଉକ୍ତ ଶବ୍ଦର ଅର୍ଥ ବିଭିନ୍ନ ବାଟରେ ପ୍ରକାଶ କରାଯାଇ ପାରେ। ବିଶେଷ କରି ସାମାଜିକ, ରାଜନୈତିକ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଭାଷା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ବିକାଶର ଅର୍ଥ ଭିନ୍ନ ପ୍ରକାରର ଅଟେ, କିନ୍ତୁ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବିକାଶର ଅର୍ଥ ଲୋକମାନଙ୍କ ଜୀବନଶୈଳୀର ବିକାଶ। ଏହା ସାଧାରଣତଃ, ଉନ୍ନତ ଶିକ୍ଷା, ଆୟ, ଦକ୍ଷତା ଓ ନିଯୁକ୍ତି ମାଧ୍ୟମରେ ହୋଇଥାଏ। ବିକାଶ, ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନର ଏକ ପ୍ରକ୍ରିୟା ଯାହା ସାଂସ୍କୃତିକ ଓ ପରିବେଶୀୟ ଭିତିଭୂମି ଦ୍ୱାରା ପ୍ରଭାବିତ।

### ଅଭ୍ୟାସ ୨୫.୧

ତୁମେ, ଅର୍ଥନୈତିକ ବିକାଶ, ସାମାଜିକ ବିକାଶ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିକାଶର ସଂଜ୍ଞା ସମ୍ପର୍କରେ, ସମ୍ବାଦପତ୍ରର ଆଲୋଚନାରୁ ବା ଅନ୍ୟ କୌଣସି ସୂତ୍ରରୁ ପଢିଥିବାର ସୁଯୋଗ ପାଇଥିବ।
'ବିକାଶ' ଶବ୍ଦ ବ୍ୟବହାର କରି ତୁମେ, ଉପରିଲିଖିତ ବାକ୍ୟାଂଶ ସଦୃଶ ଆଉ କିଛି ବାକ୍ୟାଂଶ ପ୍ରସ୍ତୁତ କର। (୮ଟି)

ସାମାଜିକ ଓ ଅର୍ଥନୈତିକ ବିକାଶ ଅର୍ଥ, ଏହା ସମାଜରେ ସାମାଜିକ ଓ ଅର୍ଥନୈତିକ ବିକାଶର ଏକ ପ୍ରକ୍ରିୟା ଅଟେ। ଏହା ମାପିବା ପାଇଁ କିଛି ସାଙ୍କେତିକ ସୂଚକ ବ୍ୟବହାର କରାଯାଏ। ମୋଟ ଘରୋଇ ଉତ୍ପାଦନ (GDP), ବଞ୍ଚିବାର ବୟସ ସୀମା, ସ୍ୱାକ୍ଷରତା, ନିଯୁକ୍ତିର ସୁଯୋଗ ପ୍ରଭୃତି ସୂଚକ ଦ୍ୱାରା ନିର୍ଣ୍ଣୟ କରାଯାଏ। ଉକ୍ତ ବିଷୟରେ ଅଧିକ ଜ୍ଞାନ ଲାଭ ପାଇଁ, ସାମାଜିକ ବିକାଶ ଓ ଅର୍ଥନୈତିକ ବିକାଶର ପାଠ୍ୟବସ୍ତୁକୁ ଅଲଗାଭାବେ ପଠନ କରାଯାଇପାରେ।

### ସାମାଜିକ ବିକାଶ

ସାମାଜିକ ବିକାଶ ଏକ ପ୍ରକ୍ରିୟା ଯାହା ସାମାଜିକ ଅନୁଷ୍ଠାନଗୁଡିକୁ ପରିବର୍ତ୍ତିତ କରି ସମାଜର ଦକ୍ଷତା ବଢାଇ ଏହାର ଆଶା ଆକାଂକ୍ଷାକୁ ଚରିତାର୍ଥ କରିଥାଏ। ସମାଜର ଚାହିଦା ମୁତାବକ, ଏହା ତାର ଗୁଣାତ୍ମକ ପରିବର୍ତ୍ତନ ଆଣେ। ଏହା ବ୍ୟତୀତ, ସାମାଜିକ ବିକାଶ, ଲୋକଙ୍କ ଉନ୍ନତ ମନୋଭାବ, ଅଧିକ ଗୁଣାତ୍ମକ ପ୍ରକ୍ରିୟାର ପ୍ରଚଳନ କିମ୍ବା ଉନ୍ନତ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଏହାର କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରିଥାଏ।



ଚିତ୍ର ୨୫.୧ (ସାମାଜିକ ବିକାଶ)

ତୁମେ ନିମ୍ନୋକ୍ତ ଉଦାହରଣରେ ଦେଖିବ ଯେ, ପରିବେଶ, ଜୀବନଯାପନ ପ୍ରଣାଳୀ ଓ ପ୍ରଯୁକ୍ତି ବିଦ୍ୟାମାନଙ୍କ ମଧ୍ୟରେ ଏକ ଉତ୍ତମ ସମ୍ପର୍କ ଅଛି ।

## ଅର୍ଥନୈତିକ ବିକାଶ

କୌଣସି ଦେଶ ବା ଅଞ୍ଚଳର ଅର୍ଥନୈତିକ ସମ୍ପତ୍ତିର ବିକାଶକୁ ଅର୍ଥନୈତିକ ପ୍ରଗତି କୁହାଯାଏ । ଅର୍ଥନୈତିକ ଅଭିବୃଦ୍ଧି ବେଳେବେଳେ ଅର୍ଥନୈତିକ ବିକାଶର ସୂଚକ ବୋଲି ମନେ କରାଯାଏ। କିନ୍ତୁ ଅର୍ଥନୈତିକ ଅଭିବୃଦ୍ଧି ସାଧାରଣତଃ ପ୍ରକୃତ ଜାତୀୟ ଆୟ, ମୋଟ ଘରୋଇ ଉତ୍ପାଦନ ଓ ମୁଣ୍ଡପିଛା ଆୟ ପ୍ରଭୃତି ନିର୍ଦ୍ଦିଷ୍ଟ ମାପକର ବୃଦ୍ଧିକୁ ବୁଝାଏ। କହିବାକୁ ଗଲେ, ଅର୍ଥନୈତିକ ବିକାଶ, ଦେଶର ଜନସାଧାରଣଙ୍କ, ଆର୍ଥିକ, ରାଜନୈତିକ ଓ ସାମାଜିକ ବିକାଶର ଧାରାକୁ ବୁଝାଇଥାଏ।

### ତୁମେ ଜାଣ କି

**ମୋଟ ଘରୋଇ ଉତ୍ପାଦନ (GDP)**

**ମୋଟ ଘରୋଇ ଉତ୍ପାଦନ** କିମ୍ବା ମୋଟ ଘରୋଇ ଆୟ (GDI), କୁହାଯାଉଥିବା ଦେଶର ଅର୍ଥନୈତିକ ବ୍ୟବସ୍ଥା ପାଇଁ ଜାତୀୟ ଆୟର ନିର୍ଦ୍ଦିଷ୍ଟ ପରିମାପକକୁ ବୁଝାଏ। ଦେଶର ସୀମା ଭିତରେ ଏକ ନିର୍ଦ୍ଦିଷ୍ଟ ବର୍ଷରେ ଓ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବ୍ୟବସ୍ଥାରେ, ଉତ୍ପାଦିତ ସମସ୍ତ ବସ୍ତୁ ଓ ସେବାର ସମ୍ପୂର୍ଣ୍ଣ ମୂଲ୍ୟକୁ ମୋଟ ଘରୋଇ **ଉତ୍ପାଦନ କୁହାଯାଏ।**

**ଜାତୀୟ ଆୟ** - ଶ୍ରମ ଓ ଅର୍ଥବିନିଯୋଗ ଆୟ ସଙ୍ଗେ, ଦେଶର ସମସ୍ତ ଲୋକଙ୍କର ଆୟକୁ ଜାତୀୟ ଆୟ କୁହାଯାଏ। ଏକ ବର୍ଷ ମଧ୍ୟରେ ଦେଶର ସର୍ବମୋଟ ଆୟର ମୂଲ୍ୟ ଓ ମଜୁରୀ, ଲାଭ, ସୁଧ, ଭଡା ଏବଂ ସମସ୍ତ ଅବସର କାଳୀନ ଭତ୍ତାର ମୂଲ୍ୟ ମିଶି ଜାତୀୟ ଆୟ ସ୍ଥିର ବଛାଯାଏ।

**ମୁଣ୍ଡପିଛା ଆୟ** - ଦେଶର ମୋଟ ଆୟକୁ ସେ ଦେଶର ଲୋକସଂଖ୍ୟା ଦ୍ୱାରା ଭାଗ କଲେ, ପଡିଥିବା ଭାଗଫଳକୁ ମୁଣ୍ଡପିଛା ଆୟ କୁହାଯାଏ।

ସାମାଜିକ ଓ ଅର୍ଥନୈତିକ ବିକାଶ ଏକ କ୍ରମନ୍ନୋତି ପ୍ରକ୍ରିୟା ଯାହା ବିଭିନ୍ନ ମାଧ୍ୟମରେ ପ୍ରତିଫଳିତ ହୁଏ। ଏହା ମନୁଷ୍ୟ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଥାଏ। ତୁମେ ଭାବୁଛ କି, ସାମାଜିକ ଓ ଅର୍ଥନୈତିକ ବିକାଶ, ପ୍ରଗତିର ସମସ୍ତ ଦିଗର ଯତ୍ନନେବ ? ଏହାର ମୁଖ୍ୟ ସୂଚକ ମୋଟ ଘରୋଇ ଉତ୍ପାଦନ (GDP) ଅଟେ। ଏହା ଅର୍ଥନୈତିକ ବିକାଶର ଏକ ନିର୍ଦ୍ଦିଷ୍ଟ ସୂଚକ ବା ପରିମାପକ ଅଟେ। କିନ୍ତୁ ଉକ୍ତ GDP, କେତେଗୁଡିଏ ମୁଖ୍ୟ ଦିଗକୁ ବିଚାରକୁ ନିଏ ନାହିଁ। ସେଗୁଡିକ ମଧ୍ୟରେ ଅବସର ବିନୋଦନ ସମୟ, ପରିବେଶ ଉତ୍କର୍ଷ ସ୍ତର, ସ୍ୱାଧୀନତା, ସାମାଜିକ ନ୍ୟାୟ ଓ ଲିଙ୍ଗଗତ ସଂଜ୍ଞା ପ୍ରଭୃତି ପ୍ରଧାନ। ମୁଣ୍ଡପିଛା ଆୟ ଅନ୍ୟ ଏକ ସୂଚକ ଅଟେ, ଯାହା ଲୋକମାନଙ୍କ ମଧ୍ୟରେ ଥିବା ଆୟ ସମାନତା ସ୍ତରକୁ ସୂଚାଇ ନଥାଏ। ବିକାଶର ସୁଫଳ ଗୁଡିକ ସମଭାବରେ ବାଣ୍ଟିହୋଇ ଅନୁନ୍ନତ ଶ୍ରେଣୀ ଲୋକଙ୍କ ନିକଟରେ ପହଞ୍ଚିବାର ଭରଷାକୁ ଏହି ସୂଚକଗୁଡିକ ସୂଚାଇ ନଥାଏ । ଏଥିପାଇଁ "ମାନବ ବିକାଶ" ନାମକ ଏକ ନୂତନ ଚିନ୍ତାଧାରାର ବ୍ୟବହାର କରାଯାଉଛି। ସମସ୍ତ ସୁବିଧା ସୁଯୋଗ ଓ ସ୍ୱାଧୀନତା ଉପଭୋଗ କରି, ମୋଟରେ ଏକ ଉତ୍ତମ ଜୀବନଯାପନ କରିବା ଉପରେ ଉକ୍ତ ଚିନ୍ତାଧାରା ଗୁରୁତ୍ୱ ଆରୋପ କରୁଛି ।





## ୨୫.୨ ମାନବ ବିକାଶ

ଆମେ, ଯେତେବେଳେ ଅର୍ଥନୈତିକ ବିକାଶ କଥା କହୁଛୁ, କେବଳ ଆୟ ଉପରେ ଗୁରୁତ୍ୱ ଦେଉଛୁ। ଦୀର୍ଘଦିନ ଧରି ବିକାଶ ସମ୍ପର୍କରେ ସାଧାରଣ ମତାମତ ଥିଲା ଯେ, ଏହା କେବଳ ସମ୍ପତ୍ତି ଓ ଅର୍ଥନୈତିକ ବସ୍ତୁମାନଙ୍କୁ ଏକତ୍ର କରି ନିଜ ଅଧିକାର ଭୁକ୍ତ କରିବା କିନ୍ତୁ ମାନବ ବିକାଶ ଲୋକଙ୍କ ଉନ୍ନତିର ସ୍ତର ଓ ସେମାନଙ୍କର ପସନ୍ଦର ବିସ୍ତୃତି ଓ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଏ । ଏହା ମାନବ ଜୀବନର ସମସ୍ତ ଦିଗ ପ୍ରତି ଦୃଷ୍ଟି ଦିଏ ଓ ଲୋକମାନଙ୍କର ପସନ୍ଦ ଯଥା- ଆର୍ଥିକ, ସାମାଜିକ, ରାଜନୈତିକ, ସାଂସ୍କୃତିକ, ଶିକ୍ଷା, ଶାରିରୀକ, ମାନସିକ ଓ ଆବେଗପୂର୍ଣ୍ଣ ଦିଗର ଅର୍ଥପୂର୍ଣ୍ଣ ପରିପ୍ରକାଶ କରେ । ବିକାଶର ଅନେକ ଉପାଦାନ ମଧ୍ୟରୁ ଆୟ ଏକ ଉପାଦାନ ଅଟେ । ମାନବ ବିକାଶ, ଲୋକମାନଙ୍କୁ ବିକାଶ ପ୍ରକ୍ରିୟାର କେନ୍ଦ୍ରରେ ରଖେ ଓ ଏହା କେବଳ ଆୟ ବୃଦ୍ଧି ନକରି, ସମସ୍ତ ମାନବ ପସନ୍ଦ ମାନଙ୍କର ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଏ । ଏହା କେବଳ ଅର୍ଥନୈତିକ ଅଭିବୃଦ୍ଧି ବୁଝାଏ ନାହିଁ, କିନ୍ତୁ ଏହାର ଉପଯୁକ୍ତ ବଣ୍ଟନ ଓ ଗୁଣ ଉପରେ ଭରଷା ରଖେ ।

### ? ତୁମେ ଜାଣ କି

ମାନବ ବିକାଶର ସଂଜ୍ଞା ପ୍ରଥମେ ଡକ୍ଟର ମେହେବୁବ୍ ଉଲ୍‌ହକ୍, ଜଣେ ପାକିସ୍ଥାନୀ ଅର୍ଥନୀତିଜ୍ଞଙ୍କ ଦ୍ୱାରା ପ୍ରଚାରିତ ହୋଇଥିଲା । ସେ ବର୍ଣ୍ଣନା କରିଥିଲେ ଯେ, ଉକ୍ତ ବିକାଶ ଲୋକମାନଙ୍କ ପସନ୍ଦର ପ୍ରସାର ଓ ଜୀବନର ପ୍ରଗତିକୁ ତ୍ୱରାନ୍ୱିତ କରିଥାଏ । ଭାରତୀୟ ନୋବେଲ ବିଜେତା ପ୍ରଫେସର ଅମ୍ରିତ ସେନ, "ମାନବ ବିକାଶ"ର ସଂଜ୍ଞା ନିରୁପଣ କରିବାରେ ମଧ୍ୟ ମୂଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ମାନବ ବିକାଶ ହେଉଛି ଏକ ବିସ୍ତୃତ ଏବଂ ଅନିର୍ଦ୍ଦିଷ୍ଟ ଉକ୍ତି । ମାନବ ବିକାଶ ସୂଚକ ପ୍ରଥମେ ଦଳେ ଅର୍ଥନୀତିଜ୍ଞ ଦ୍ୱାରା ୧୯୯୦ ମସିହାରେ ବିଶ୍ୱ ଦୃଷ୍ଟିକୁ ଆସିଥିଲା । ଏହି ଅର୍ଥନୀତିଜ୍ଞମାନଙ୍କ ମଧ୍ୟରେ ଡକ୍ଟର ମେହେବୁବ୍ ଉଲ୍‌ହକ୍ ଓ ପ୍ରଫେସର ଅମ୍ରିତ ସେନ୍ ମଧ୍ୟ ଥିଲେ । ସେହିଦିନ ଠାରୁ ଏହା ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ବ୍ୟବହାର ହୋଇ ତାଙ୍କର ମାନବ ବିକାଶ ସମ୍ବନ୍ଧିତ ବାର୍ଷିକ ବିବରଣୀରେ ସ୍ଥାନ ପାଇ ଆସୁଅଛି ।

ଯଦି କୌଣସି ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶକୁ ମାନବ ବିକାଶ ପ୍ରକ୍ରିୟାରେ ସାମିଲ କରାଯାଏ, ଏହା ଦ୍ୱାରା ବିକାଶର ଧାରା ତ୍ୱରାନ୍ୱିତ ହେବା ସଙ୍ଗେ ସଙ୍ଗେ ଦେଶର ଲୋକଙ୍କ ଉନ୍ନତ ଜୀବନ ଯାପନ ପ୍ରଣାଳୀକୁ ମଧ୍ୟ ଏହା ପ୍ରଭାବିତ କରିବ । ଆମେ ଏହାକୁ ଅଧିକ ଆଗ୍ରହର ସହ ଗ୍ରହଣ କରିବା, ଯଦି ମାନବ ବିକାଶ ସୂଚକ ସଂଜ୍ଞାକୁ ବୁଝିବା ପାଇଁ ଆମେ ଚେଷ୍ଟା କରିବା, ଦେଶର ବିକାଶ ସ୍ତରକୁ ନିର୍ଣ୍ଣୟ କରିବା ପାଇଁ ମାନବ ବିକାଶ ସୂଚକକୁ ମୂଖ୍ୟତଃ ବ୍ୟବହାର କରାଯାଏ ।

ମାନବ ବିକାଶ ସୂଚକର ୩ଟି ଉପାଦାନକୁ ନିମ୍ନୋକ୍ତ ଟେବୁଲରେ ଦର୍ଶାଯାଇଛି ।


**ଟେବୁଲ - ୨୫.୧ - ମାନବ ବିକାଶ ସୂଚକ : ସୂଚକ ଏବଂ ପରିସର**

| କ୍ରମିକ ନଂ. | ସୂଚକ | ପରିସର |
|---|---|---|
| ୧. | ଦୀର୍ଘ ସୁସ୍ଥ ଜୀବନ | ଜନ୍ମଠାରୁ ବଞ୍ଚିବା ସମୟର ଦୀର୍ଘତା, ଲୋକଙ୍କ ସ୍ୱାସ୍ଥ୍ୟ ଓ ଦୀର୍ଘତମ ବଞ୍ଚିବା ସମୟର ସୂଚକ |
| ୨. | ଜ୍ଞାନ ଓ ଶିକ୍ଷା | • ପ୍ରୌଢ଼ ସ୍ୱାକ୍ଷରତା ହାର<br>• ମିଳିତ ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ ର୍‍ୟାଙ୍କର ମୋଟ ତାଲିକାଭୁକ୍ତ ହାର |
| ୩. | ଉନ୍ନତ ଜୀବନଯାପନ | ମୋଟ ଘରୋଇ ଉତ୍ପାଦନ, ଡଲାରରେ ମୁଣ୍ଡପିଛା କ୍ରୟ ମୂଲ୍ୟ (PPP) |

## ତୁମେ ଜାଣ କି

ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (UNDP) ମାନବ ବିକାଶ ବିବରଣୀକୁ ୧୯୯୦ ମସିହାରେ ପ୍ରକାଶ କରିଥିଲେ । ଏଥିରେ ଉପରଲିଖିତ ସମସ୍ତ ସୂଚକର ତଥ୍ୟ ଓ ବିବରଣୀ ସ୍ଥାନ ପାଇଛି । ସେହିଦିନ ଠାରୁ ଉକ୍ତ ବିବରଣୀ ପ୍ରତିବର୍ଷ ପ୍ରକାଶିତ ହେଉଛି ।

ପ୍ରତ୍ୟେକ ଦେଶକୁ ସୂଚକର ବିକାଶ ଅନୁସାରେ ର୍ୟାଙ୍କ ଦିଆଯାଉଛି । ୧୯୯୦ ମସିହା ଠାରୁ ପ୍ରକାଶିତ ମାନବ ବିକାଶ ତାଲିକାରେ  ଭାରତ ନିମ୍ନରେ ରହିଆସୁଛି । ଉକ୍ତ ତାଲିକାରେ ଥିବା ୧୭୭ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୨୮ ଅଛି ।  (୨୦୦୭-୦୮ ତାଲିକା) ମାନବ ବିକାଶ ସୂଚକର ବୃଦ୍ଧି ପାଇଁ ଭାରତ ସରକାର ପ୍ରତ୍ୟେକ ରାଜ୍ୟ ଉପରେ ପ୍ରଭାବ ପକାଇବା ପାଇଁ ଉଦ୍ୟମ କରୁଛନ୍ତି । ତୁମେ ନିମ୍ନରେ ଦର୍ଶାଯାଇଥିବା ଚିତ୍ରରେ ବିଭିନ୍ନ ରାଜ୍ୟମାନଙ୍କର ପାର୍ଥକ୍ୟକୁ ଦେଖିପାରିବ ।




Based upon Survey of India Outline Map printed in 1990
The territorial waters of India extend into the sea to a distance of twelve nautical miles measured from the appropriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.
© Government of India copyright, 1996

ଚିତ୍ର - ୨୫.୨ (ରାଜ୍ୟମାନଙ୍କର ମାନବ ବିକଶ ସୂଚକ)

## ଅଭ୍ୟାସ ୨୫.୨

ତୁମେ ଉପରଲିଖିତ ଭାରତର ମାନବ ବିକାଶ ସୂଚକ ମାନଚିତ୍ର ପଢି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

୧. ମାନବ ବିକାଶ ସୂଚକ ଅନୁସାରେ ତୁମ ରାଜ୍ୟର ଅବସ୍ଥା କଣ ? ଦୁଇଟି କାରଣ ସହ ଅବସ୍ଥାକୁ ବର୍ଣ୍ଣନା କର ।


୨. ଭାରତର ଦୁଇଟି ରାଜ୍ୟର ନାମ ଲେଖ, ଯେପରିକି ଗୋଟିଏ ରାଜ୍ୟର ମାନବବିକାଶ ସୂଚକ ଉଚ୍ଚ ଥିବ ଓ ଅନ୍ୟ ରାଜ୍ୟଟିର ନିଚ୍ଚ ଥିବ ।

୩. ତିନୋଟି କାରଣ ଉଲ୍ଲେଖ କର, ଯାହା ରାଜ୍ୟର ଉଚ୍ଚ କିମ୍ୱା ନିମ୍ନ ମାନବ ବିକାଶ ସୂଚକ ଦର୍ଶାଉଥିବ ।

୪. ଯେ କୌଣସି ୩ଟି କାରଣ ଲେଖ, ଯାହା ମାନବ ବିକାଶ ସୂଚକର ବୃଦ୍ଧିରେ ସହାୟକ ହେବ ।

## ୨୫.୩ ଜୀବନ ପରିପୋଷକ ପଦାର୍ଥର ବିକାଶ (Sustainable Development)

ଆମେ ସମସ୍ତେ ଅନୁଭବ କରୁଛେ ଯେ, ଆମର ଆବଶ୍ୟକତା ପାଇଁ ପ୍ରାକୃତିକ ସଂପଦର ଅପବ୍ୟବହାର କରୁଛେ । ଆମେ ଯଦି ଉକ୍ତ ଅଭ୍ୟାସ ଚାଲୁ ରଖିବା, ତେବେ କୋଇଲା, ପେଟ୍ରୋଲ ପ୍ରଭୃତି ଖଣିଜ ପଦାର୍ଥ ଅଳ୍ପକିଛି ବର୍ଷ ମଧ୍ୟରେ ସରିଯିବ ।




ଚିତ୍ର - ୨୫.୩ (ଆବଶ୍ୟକୀୟ ସମ୍ୱଳର ବିକାଶ)

ଆମର ଭବିଷ୍ୟତ ବଂଶଧରମାନେ ଉକ୍ତ ପଦାର୍ଥର ବ୍ୟବହାର କରିବାରୁ ବଞ୍ଚିତ ହେବେ । ଏହା କରିବା ଆମ ପକ୍ଷରେ ଉଚିତ ହେବ କି ? ତେଣୁ ଆବଶ୍ୟକୀୟ ସମ୍ବଳର ବିକାଶ ବ୍ୟବସ୍ଥା ସମ୍ବନ୍ଧୀୟ ଆଲୋଚନା ଅପରିହାର୍ଯ୍ୟ । ଏହା କୁହାଯାଇପାରେ ଯେ, ଭବିଷ୍ୟତ ବଂଶଧରମାନଙ୍କ ଆବଶ୍ୟକତା ପୂରଣର ସାମର୍ଥ୍ୟକୁ ପ୍ରଭାବିତ ନକରି, ଯାହା ବର୍ତ୍ତମାନର ଆବଶ୍ୟକତା ପୂରଣ କରିବାରେ ସହାୟକ ହୁଏ, ତାହା ହିଁ କୌଣସି ସ୍ଥିତିର ବିକାଶ ବୋଲି କୁହାଯାଏ । ଅନେକ ଭାବନ୍ତି ଯେ, ଏହା କେବଳ ପରିବେଶ ସଂକ୍ରାନ୍ତୀୟ ବିକାଶକୁ ବୁଝାଏ। କିନ୍ତୁ ଏହା ପ୍ରକୃତରେ ତାହା ନୁହେଁ। ୨୫.୩ ଚିତ୍ରରୁ ଏହା ସୁସ୍ପଷ୍ଟ ଯେ, ଅର୍ଥନୈତିକ ବିକାଶ ସାମାଜିକ ବିକାଶ, ବ୍ୟକ୍ତିଗତ ବିକାଶକୁ ମଧ୍ୟ ବିକାଶ ଧାରାରେ ସଂଯୁକ୍ତ କରାଯାଇପାରେ । ଏହା ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଏକ ପରିବର୍ତ୍ତିତ ପ୍ରକ୍ରିୟା ଅଟେ । ଉକ୍ତ ସାମାଜିକ ଓ ଅର୍ଥନୈତିକ ବିକାଶର ସୁଫଳକୁ ସୁଷମ ବଣ୍ଟନ କରାଯାଇ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖେ ପହଞ୍ଚେଇବା ସମ୍ବଳ ବିକାଶର ମୂଖ୍ୟ ଲକ୍ଷ ଅଟେ, ଯାହାକୁ ଭବିଷ୍ୟତ ବଂଶଧରମାନେ ବି ଉପଭୋଗ କରିପାରିବେ ।
ଏହା ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଯତ୍ନ କରେ ।

## ୨୫.୪- ଭାରତରେ ସାମାଜିକ ଓ ଅର୍ଥନୈତିକ ବିକାଶ

ଆମ୍ଭେ ୪ଟି ପ୍ରଧାନ ସଂଜ୍ଞା ସମ୍ପର୍କରେ ଆଲୋଚନା କଲେ । ତାହା ବିକାଶ, ସାମାଜିକ ଓ ଅର୍ଥନୈତିକ ବିକାଶ, ମାନବ ବିକାଶ ଏବଂ ସମ୍ବଳ ବିକାଶ ଅଟେ । ବର୍ତ୍ତମାନ ଭାରତର ସାମାଜିକ ଓ ଅର୍ଥନୈତିକ ବିକାଶ ବ୍ୟବସ୍ଥା ସଂପର୍କରେ ଜାଣିବା ପାଇଁ ଆମେ ଚେଷ୍ଟା କରିବା । ସ୍ୱାଧୀନତା ପ୍ରାପ୍ତି ପର ଠାରୁ ଉକ୍ତ ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରାଯାଇଛି । ୧୯୯୦ ମସିହାଠାରୁ, ଭାରତ ଏକ ଉନ୍ନତ ଓ ସମୃଦ୍ଧ ଅର୍ଥନୈତିକ ବ୍ୟବସ୍ଥାର ଦେଶ ହିସାବରେ ପୃଥିବୀରେ ପରିଗଣିତ ହେଉଛି । ବଜାର ବଦଳ ମୂଲ୍ୟ ଅନୁସାରେ ଭାରତର ଅର୍ଥନୀତି ୧୨ତମ ସ୍ଥାନରେ, ମୋଟ ଘରୋଇ ଉତ୍ପାଦନ (GDP) ଯାହା ମନୁଷ୍ୟର (PPP) କୁ ବିଚାର କରି ସ୍ଥିର ହୋଇଛି ଭାରତ ଚତୁର୍ଥ ବୃହତ୍ତମ ଦେଶ ହିସାବରେ ପୃଥିବୀରେ ଗଣାଯାଉଛି । ଏହା ଦୀର୍ଘ ବଞ୍ଚିବା ସମୟ, ସ୍ୱାକ୍ଷରତା ହାର ଓ ଖାଦ୍ୟ ନିରାପତା ବୃଦ୍ଧି ଯୋଗୁ ସମ୍ଭବ ହୋଇଛି। ଦେଶର ଦାରିଦ୍ର୍ୟ କମି ଯାଇଛି । କିନ୍ତୁ ସରକାରୀ ହିସାବରେ ଶତକଡା ୨୭.୫% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ବର୍ତ୍ତମାନ ଭାରତର ଆର୍ଥିକଅଭିବୃଦ୍ଧି ଅନେକ କ୍ଷେତ୍ରରେ ଆର୍ଥିକ ଅସମତାକୁ ବଢାଇ ଦେଉଛି । ଉଚ୍ଚ ଆର୍ଥିକ ଅଭିବୃଦ୍ଧି ହାର ସତ୍ତ୍ୱେ, ଲୋକ ସଂଖ୍ୟାର ଶତକଡା ୮୦ ଭାଗ ଲୋକ ଖୁବ୍ କମ୍ (PPP) ରେ ରହୁଛନ୍ତି । ଯଦିଓ ସବୁଜ ବିପ୍ଳବର ସଫଳତା ଦ୍ୱାରା ସମସ୍ତ ଲୋକଙ୍କର ଖାଦ୍ୟ ଚାହିଦା ପୂରଣ ହୋଇଛି । ତିନି ବର୍ଷ ମଧ୍ୟରେ ଥିବା ଶତକଡ଼ା ୪୦ଭାଗ ପିଲାମାନଙ୍କର ଓଜନ ଆବଶ୍ୟକତା ଠାରୁ କମ୍ ରହଛି ଓ ଏକ ତୃତୀୟାଂଶ ପୁରୁଷ ଓ ମହିଳା ଶକ୍ତି ଅଭାବ ଜନିତ ରୋଗର ଶିକାର ହେଉଛନ୍ତି ।

### ? ତୁମେ ଜାଣ କି

**କ୍ରୟ କରିବା କ୍ଷମତାର ସମତା** (PPP) : ଏହା ବିଭିନ୍ନ ଦେଶ ମୁଦ୍ରାର "କିଣିବା କ୍ଷମତା" କୁ ମାପିବା ପାଇଁ ଉକ୍ତ ପ୍ରଣାଳୀର ବ୍ୟବହାର କରାଯାଏ । ବିଭିନ୍ନ ଦେଶର ଜୀବନ ଧାରଣରମାନକୁ ତୁଳନା କରିବାରେ (PPP) ମୂଖ୍ୟ ଭୂମିକା ଗ୍ରହମ କରିଥାଏ । ପୂର୍ବରୁ ମୁଣ୍ଡ ପିଛା ଆୟକୁ ଏଥିପାଇଁ ବ୍ୟବହାର କରାଯାଉଥିଲା, କିନ୍ତୁ ବହୁ ଆନ୍ତର୍ଜାତିକ ସଂଗଠନ ଏହାକୁ ଗ୍ରହଣ କରିବା ପାଇଁ ଅରାଜି ହେଲେ, କାରଣ ଏହା ଦ୍ୱାରା ପ୍ରକୃତ ତଥ୍ୟ ଜଣାଗଲା ନାହିଁ । ସମସ୍ତେ ଜାଣନ୍ତି ଯେ, ପ୍ରତ୍ୟେକ ଦେଶର କିଣିବା କ୍ଷମତା ଭିନ୍ନ ଅଟେ ।

ଯୁକ୍ତ ରାଜ୍ୟର ଏକ ଡଲାର ଦ୍ୱାରା ଟ୫୦ରୁ କମ୍ ବସ୍ତୁ ଓ ସେବା କ୍ରୟ କରାଯାଇପାରିବ ଯାହା ଟ୫୦ର ମୂଲ୍ୟ ସହ ସମାନ । ତେଣୁ ୧୦୦୦ ଡଲାର ମୂଲ୍ୟର ଭାରତୀୟ ମୁଦ୍ରା ବିନିଯୋଗ କରି ଜଣେ ଉନ୍ନତ ଜୀବନଯାପନ ଆମେରିକା ଅପେକ୍ଷା ଭାରତରେ କରିପାରିବ ।

## ପାଠଗତ ପ୍ରଶ୍ନାବଳୀ ୨୫.୧

୧. କାହିଁକି, ମୋଟ ଘରୋଇ ଉତ୍ପାଦନ (GDP) ଓ ମୁଣ୍ଡପିଛା ଆୟ, ଉନ୍ନତ ଜୀବନର ମୂଲ୍ୟାଙ୍କନ କରିପାରିବ ନାହିଁ ?

.....................................................................................

.....................................................................................

୨. ମାନବ ବିକାଶର ସଂଜ୍ଞା କିପରି ସାମାଜିକ ଓ ଅର୍ଥନୈତିକ ବିକାଶର ସଂଜ୍ଞା ଠାରୁ ଅଲଗା ଅଟେ ?

.....................................................................................

.....................................................................................

୩. ସମ୍ବଲର ବିକାଶ ଓ ବିକାଶହୀନ ଅବସ୍ଥା ଉଭୟ ଭାରତରେ ତିଷ୍ଠି ରହିଛି ? କାରଣ ଗୁଡିକ ଲେଖ ।

.....................................................................................

.....................................................................................

୪.

.....................................................................................

.....................................................................................


## ୨୫.୫ ଆଞ୍ଚଳିକ ବିକାଶ : ଭାରତରେ ଏହାର ଅସନ୍ତୁଳିତ ଅବସ୍ଥା ଓ ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ବିଭେଦତା

ଆମେ ପୂର୍ବ ଅଧ୍ୟାୟରେ ପଢିଲେ ଯେ, ଭାରତର ସାମାଜିକ ଓ ଅର୍ଥନୈତିକ ବିକାଶ ଦେଶର ସମସ୍ତ ଅଞ୍ଚଳର ବିକାଶ ପାଇଁ ଲକ୍ଷ ରଖିଛି । ବାସ୍ତବିକ ସ୍ୱାଧୀନତା ପରେ ଦେଶର ବିକାଶ ଯୋଜନାର ମୂଖ୍ୟ ଉଦ୍ଦେଶ୍ୟ ଥିଲା, ଦେଶର ସମସ୍ତ ଅଞ୍ଚଳର ବିକାଶ କରି ଲୋକମାନଙ୍କ ମନରୁ ଆଞ୍ଚଳିକ ବିଦ୍ୱେଷଭାବ ଦୂର କରିବା । ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମଗୁଡିକ ଆଞ୍ଚଳିକ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । କିନ୍ତୁ ଭାରତୀୟ ଅର୍ଥନୀତି ପାଇଁ ଭୟଙ୍କର ଆଞ୍ଚଳିକ ବାଦ ଓ ବିଭେଦତା ଏକ ମୂଖ୍ୟ ସମସ୍ୟା ଭାବେ ଉଭା ହୋଇଛି ।

ଦେଶରେ ଅନେକ କିଛି ପାର୍ଥକ୍ୟ ପ୍ରକୃତି ଦ୍ୱାରା ସୃଷ୍ଟି ହୋଇଛି । ଉଦାହରଣ ସ୍ୱରୂପ, ତୁମେ ନିମ୍ନରେ ଦିଆଯାଇଥିବା ଛବି (୨୫.୪) ଦେଖିବ ଯେ, ଦେଶରେ ଏଭଳି କିଛି ଅଞ୍ଚଳ ଅଛି, ଯେଉଁଠାରେ ସମତଳ ଜାଗା, ଉର୍ବର ମାଟି, ପ୍ରଚୁର ଜଳ ମିଳେ (ଗାଙ୍ଗେୟ ସମତଳ ଭୂମି), କିନ୍ତୁ ଅନ୍ୟ କିଛି ଅଞ୍ଚଳ ଅଛି, ଯେଉଁଠାରେ ପାହାଡିଆ, ଟାଙ୍ଗରା, ଅନୁର୍ବର ଭୂମି ଓ ଘଞ୍ଚ ଜଙ୍ଗଲ (ଉତ୍ତର ପୂର୍ବାଞ୍ଚଳ ରାଜ୍ୟ) ଦେଖାଯାଏ । ଅଞ୍ଚଳମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଉକ୍ତ ପାର୍ଥକ୍ୟକୁ ଆଞ୍ଚଳିକ ବୈଷମ୍ୟ କୁହାଯାଏ । ଆଉ କିଛି ପାର୍ଥକ୍ୟ ଅଛି, ଯାହା ମନୁଷ୍ୟକୃତ । ଉକ୍ତ ପାର୍ଥକ୍ୟ ଓ ଅସମତା ବିଭିନ୍ନ ସୂଚକ ଦ୍ୱାରା ଜଣା ପଡେ । ସେମାନଙ୍କ ମଧ୍ୟରେ ମୁଣ୍ଡପିଛା ଆୟ, କୃଷି ଓ ଶିଳ୍ପ ଅଭିବୃଦ୍ଧି, ଗମନା ଗମନ ସୁବିଧାର ସୁଯୋଗ, ସ୍ୱାକ୍ଷରତା ଓ ସ୍ୱାସ୍ଥ୍ୟ ନିରାପତା ପ୍ରଭୃତି ପ୍ରଧାନ ଅଟେ । ଉକ୍ତ ମନୁଷ୍ୟକୃତ ପାର୍ଥକ୍ୟ ଓ ଅସମାତାକୁ ବୈଷମ୍ୟତା କୁହାଯାଏ । ଛବି ୨୫.୫ ଦେଖିଲେ ତୁମେ ସହଜରେ ଅନୁମାନ କରିପାରିବ । ଛବିରେ ଥିବା ବୈଷମ୍ୟତାକୁ ଆମେ ଆଲୋଚନା କରିବା ।



ଚିତ୍ର - ୨୫.୪



ଚିତ୍ର -୨୫.୫

## କ) ଭାରତରେ ଅସମତା

୧. **ମୁଣ୍ଡପିଛା ଆୟ** – କୌଣସି ଅଞ୍ଚଳର ଅର୍ଥନୈତିକ କାର୍ଯ୍ୟକ୍ରମର ମୁଣ୍ଡପିଛା ଆୟ ଏକ ପ୍ରଧାନ ଉପାଦାନ । ଉକ୍ତ ମୁଣ୍ଡପିଛା ଆୟରେ ଅନେକ ଅସମାନତା ଦେଖାଯାଏ । ୨୦୦୫-୦୬ ବର୍ଷରେ ଜାତୀୟ ସ୍ତରରେ ମୁଣ୍ଡପିଛା ଆୟ ହାରାହାରି ୨୫.୭୧୬ ଥିଲା, କେବଳ ୧୧ଟି ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ହାରାହାରି ଆୟ ଠାରୁ ଅଧିକା ଥିଲା । ଯେଉଁ ରାଜ୍ୟମାନଙ୍କର ମୁଣ୍ଡପିଛା ଆୟ ଜାତୀୟ ହାରାହାରି ଆୟ ଠାରୁ କମ୍ ଥିଲା, ସେ ରାଜ୍ୟଗୁଡ଼ିକ ହେଲେ, ବିହାର, ଉତ୍ତରପ୍ରଦେଶ,ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ, ଝାଡଖଣ୍ଡ ଓ ଛତିଶଗଡ । ଉକ୍ତ ରାଜ୍ୟ ଗୁଡ଼ିକର ଜନସଂଖ୍ୟା ଭାରତର ଜନସଂଖ୍ୟାର ଅଧାରୁ ବେଶୀ ଅଟେ ।

୨. **ଦାରିଦ୍ର୍ୟ** – ରାଜ୍ୟର ଦାରିଦ୍ର୍ୟ ହାର କିଛି ବର୍ଷ ଧରି କମିଯାଇଛି । ଯଦିଓ ଏହା କିଛି ସ୍ତରରେ କମିଛି, କିନ୍ତୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରାଜ୍ୟ ରାଜ୍ୟ ମଧ୍ୟର ଅସମତା ବୃଦ୍ଧି ହେଉଛି । ଦାରିଦ୍ର୍ୟହାର ବର୍ତ୍ତମାନ ମଧ୍ୟ ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ, ରାଜସ୍ଥାନ, ଝାଡଖଣ୍ଡ ପ୍ରଭୃତି ରାଜ୍ୟମାନଙ୍କରେ ଉଚ୍ଚରେ ଅଛି । ଓଡ଼ିଶାର ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୪୩ %, ବିହାରରେ ୪୦%, କିନ୍ତୁ ହରିୟାନାର ଗ୍ରାମାଞ୍ଚଳରେ ଏହା ୫.୭% ଓ ପଞ୍ଜାବରେ ୨.୪% ଅଟେ ।

୩. **ଶିଳ୍ପ ଅଭିବୃଦ୍ଧି** – ପ୍ରାରମ୍ଭରେ, ଭାରତର ଶିଳ୍ପାଞ୍ଚଳଗୁଡ଼ିକର ସୃଷ୍ଟି ମୂଖ୍ୟତଃ ଇଂରେଜ ଶାସକଙ୍କର ମର୍ଜି ଉପରେ ନିର୍ଭର କରୁଥିଲା । ସେଥିପାଇଁ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଏହା ସିମୀତ ଥିଲା । ଏଭଳି ଶିଳ୍ପାଞ୍ଚଳ ସୃଷ୍ଟିର ଧାରା ସ୍ୱାଧୀନତା ପ୍ରାପ୍ତିର ପୂର୍ବ ଅବସ୍ଥାରେ ହେଉଥିଲା । ଶିଳ୍ପର ଅଭିବୃଦ୍ଧି ସମସ୍ତ ଅଞ୍ଚଳରେ ହେବାର ସମ୍ଭାବନା କମ୍ ଥିଲା ।

୪. **କୃଷି ଅଭିବୃଦ୍ଧି** – କୃଷି ଅଭିବୃଦ୍ଧିରେ ଆଞ୍ଚଳିକ ଅସମତା ମୂଖ୍ୟତଃ ହରିୟାନା, ପଞ୍ଜାବ ଓ ଉତ୍ତରପ୍ରଦେଶ ରାଜ୍ୟଗୁଡ଼ିକରେ ଉତ୍କଟ ଭାବେ ଦେଖାଯାଇଥିଲା । ମୁଣ୍ଡପିଛା ହାରାହାରି ଖାଦ୍ୟଶସ୍ୟ ଉତ୍ପାଦନ ପଞ୍ଜାବରେ ବେଶି ଓ କେରଳରେ କମ୍ ଅଟେ । ଜଳସେଚିତ ଅଞ୍ଚଳମାନଙ୍କରେ ମିଜୋରାମ ଓ ମହାରାଷ୍ଟ୍ର ରାଜ୍ୟର ମୁଣ୍ଡପିଛା ହାରାହାରି ଖାଦ୍ୟ ଉତ୍ପାଦନ ଯଥେଷ୍ଟ କମ୍ ଅଟେ । ପଞ୍ଜାବ ଓ ହରିୟାନା ରାଜ୍ୟ ଜମିରେ ଜଳସେଚନର ସୁବିଧା, ଉପଯୁକ୍ତ ସାର ପ୍ରୟୋଗ ଯୋଗୁ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଶୀର୍ଷରେ ପହଞ୍ଚିଛନ୍ତି । କିନ୍ତୁ ଅଧିକାଂଶ ରାଜ୍ୟର କୃଷି ଅଭିବୃଦ୍ଧି ହାର ଆଶାତୀତ ଭାବେ ବଢ଼ିପାରିନାହିଁ ।

୫. **ସ୍ୱାକ୍ଷରତା** – ଏହା ସାମାଜିକ ଓ ଅର୍ଥନୈତିକ ବିକାଶର ଏକ ମୂଖ୍ୟ ସୂଚକ ଅଟେ । କିନ୍ତୁ, ବିଭିନ୍ନ ଅଞ୍ଚଳର ସ୍ୱାକ୍ଷରତା ହାରରେ ଅନେକ ଅସମତା ଦେଖାଯାଉଛି । ୨୦୦୧ ଜନଗଣନା ଅନୁସାରେ, କେରଳରେ ସ୍ୱାକ୍ଷରତା ହାର ସର୍ବାଧିକ ଓବିହାରରେ ସର୍ବନିମ୍ନ ଥିଲା । ସର୍ବ-ଭାରତୀୟ କ୍ଷେତ୍ରରେ ସ୍ୱାକ୍ଷରତା ହାର ୬୫.୩୮ ଥିଲା । କେରଳରେ ଏହା ୯୦.୯୨, ବିହାରରେ ୪୭.୫୩ ଅଟେ ।

୬. **ଯୋଗାଯୋଗ ଓ ପରିବହନ** – ଭାରତରେ ବିଭିନ୍ନ ପ୍ରକାରର ଯୋଗାଯୋଗ ଓ ପରିବହନ ବ୍ୟବସ୍ଥା ଦେଖାଯାଏ । ସାଧାରଣତଃ ପରିବହନ ବ୍ୟବସ୍ଥା ସଡକପଥ, ରେଳପଥ, ଜଳପଥ ଓ ବିମାନ ପଥରେ ଚାଲି ଆସୁଛି । ଏଥିମଧ୍ୟରୁ ତୁମେ ଯଦି କୌଣସି ଗୋଟିଏ ପଥର ଯାତାୟତ ବ୍ୟବସ୍ଥାର ହିସାବ ନେବ, ତେବେ ଏହାର ଅସମତା ଦେଖିପାରିବ । ଯଦି ସଡକ ପଥ କଥା ବିଚାର କରାଯାଏ, ଏଭଳି କେତେକ ରାଜ୍ୟ ଅଛି, ଯେଉଁଠାରେ ଏହାର ସମସ୍ତ ସୁବିଧା ଅଛି । କିନ୍ତୁ ଅନେକ ରାଜ୍ୟର ସଡକ ପରିବହନ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଟେ । ପ୍ରତି୧୦୦ କିଲୋମିଟର ବ୍ୟବଧାନରେ ସଡକପଥର ବ୍ୟବସ୍ଥା କେରଳରେ ଉଚ୍ଚକୋଟୀର ଓ ଜାମୁ ଓ କାଶ୍ମିରୀରେ ସର୍ବନିମ୍ନ ଅଟେ ।

ଖ) **ଆଞ୍ଚଳିକ ବୈଷମ୍ୟର କାରଣ -**

ଯଦି ଆମେ ବିଭିନ୍ନ ଅଞ୍ଚଳର ଆଞ୍ଚଳିକ ବୈଷମ୍ୟର କାରଣମାନ ଖୋଜିବା, ଆମେ ନିଶ୍ଚିତ ହେବା ଯେ, ଉକ୍ତ କାରଣମାନଙ୍କ ମଧ୍ୟରେ ଜନସଂଖ୍ୟା ବୃଦ୍ଧି, ନିରକ୍ଷରତା ଓ ଭିତ୍ତିଭୂମି ବିକାଶର ଅଭାବ ମୁଖ୍ୟ ଅଟେ । କିନ୍ତୁ ଏହି କାରଣଗୁଡ଼ିକ କେବଳ କୌଣସି ରାଜ୍ୟ ଅନୁନ୍ନତ ଓ ପଛୁଆ ହେବା ପାଇଁ ଦାୟୀ ନୁହେଁ ବରଂ ଏହାର ଫଳାଫଳ ଭିନ୍ନ ଅଟେ । ଉଦାହରଣ ସ୍ୱରୂପ, ଅନୁନ୍ନତ ରାଜ୍ୟମାନଙ୍କରେ ଉପଯୁକ୍ତ ସାମାଜିକ ଓ ଅର୍ଥନୈତିକ ବିକାଶ ଅନ୍ୟ ଉନ୍ନତ ରାଜ୍ୟ ଭଳି ହୋଇ ନଥିବାରୁ ଏଠାରେ ଭୟଙ୍କର ଭାବେ ଜନସଂଖ୍ୟା ବୃଦ୍ଧି, ବ୍ୟାପକ ନିରକ୍ଷରତା ଓ ଭିତ୍ତିଭୂମି ବିକାଶର ଅଭାବ ଦେଖାଦେଇଥାଏ । ତେଣୁ ଆଞ୍ଚଳିକ ବୈଷମ୍ୟର ମୁଖ୍ୟ କାରଣଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି ।

୧. **ଐତିହାସିକ ମତ -** ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଯେଉଁ ଅଞ୍ଚଳଗୁଡ଼ିକ ବାଣିଜ୍ୟ ଓ ରାଜନୀତି ଦୃଷ୍ଟିରୁ ଗୁରୁତ୍ୱ ପୂର୍ଣ୍ଣ ନୁହେଁ, ସେହି ଅଞ୍ଚଳର ଆଶାତୀତ ଉନ୍ନତି ହୋଇ ପାରୁନଥିଲା । ବର୍ତ୍ତମାନ ସୁଦ୍ଧା ବି ସେ ଅଞ୍ଚଳଗୁଡ଼ିକ ଶିଳ୍ପପତିମାନଙ୍କ ନଜରକୁ ଆସିପାରି ନାହିଁ । ଉକ୍ତ ଅଞ୍ଚଳଗୁଡ଼ିକ ମଧ୍ୟରେ ବିଭିନ୍ନ ଆଦିବାସୀ ବାସ କରୁଥିବା ସ୍ଥାନ, ଉତ୍ତର ପୂର୍ବାଞ୍ଚଳ ମୁଖ୍ୟ ଅଟେ ।

୨. **ଭୌଗଳିକ ଉପାଦାନ -** କୌଣସି ଅଞ୍ଚଳର ଭୌଗଳିକ ପରିବେଶ ସେ ସ୍ଥାନର ବିକାଶ ପାଇଁ ଦାୟୀ ଅଟେ । ମରୁଭୂମି ଅଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟମାନଙ୍କର ମାଳଭୂମି ଏହାର ଜ୍ୱଳନ୍ତ ଉଦାହରଣ ଅଟେ ।

୩. **ଖଣିଜ ସମ୍ପଦର ଭିନ୍ନ ବ୍ୟବହାର ଓ ଅସମାନ ବଣ୍ଟନ -** ତୁମେ ସମସ୍ତେ ଜାଣ ଯେ, କୋଇଲା, ଲୌହପିଣ୍ଡ, ତେଲ, ପ୍ରଭୃତି ପ୍ରାକୃତିକ ସମ୍ପଦ ସବୁ ରାଜ୍ୟରେ ମିଳେ ନାହିଁ । ଉକ୍ତ ପ୍ରାକୃତିକ ସମ୍ପଦର ଉପସ୍ଥିତି ରାଜ୍ୟର ବିକାଶରେ ସହାୟକ ହୋଇ ଥାଏ । ଏହାର ଉପଯୁକ୍ତ ବ୍ୟବହାର ରାଜ୍ୟକୁ ସମୃଦ୍ଧି କରେ । କେତେଗୁଡ଼ିଏ ରାଜ୍ୟ ଏହାର ବ୍ୟବହାରିକ ସୁବିଧା ନେଇପାରୁଛନ୍ତି, କିନ୍ତୁ ବିହାର, ଝାଡଖଣ୍ଡ ଓ ଓଡିଶା ପ୍ରଭୃତି ରାଜ୍ୟ ଉକ୍ତ ସୁବିଧାକୁ ରାଜ୍ୟ ସମୃଦ୍ଧିରେ ଲଗାଇ ପାରୁନାହାଁନ୍ତି ।

୪. **ବଜାର ସୁବିଧାର ଦୂରତ୍ୱ -** ଅନେକ ଅଞ୍ଚଳ ବଜାର ସୁବିଧା ଠାରୁ ବହୁ ଦୂରରେ ଥିବାରୁ ଏହା ଉକ୍ତ ଅଞ୍ଚଳର ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି । ବିଶେଷ କରି ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଏଭଳି ଅସୁବିଧାରେ ପଡି ସେମାନଙ୍କର ଆର୍ଥିକ ସ୍ଥିତିର ପୁନରୁଦ୍ଧାର କରିପାରୁନାହାନ୍ତି ।

୫. **ଭିତିଭୂମି ବିକାଶର ଅଭାବ** - ଯେଉଁ ରାଜ୍ୟଗୁଡ଼ିକରେ ଭିତିଭୂମି ବିକାଶ ଯଥା - ରାସ୍ତାଘାଟ, ବିଦ୍ୟୁତ୍, ଗମନାଗମନର ସୁବିଧା ଅଛି ସେ ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ବିକାଶ ପ୍ରକ୍ରିୟା ଯଥାରିତି ଚାଲିଛି, କିନ୍ତୁ ଯେଉଁ ରାଜ୍ୟରେ ଉକ୍ତ ସୁବିଧା ନାହିଁ, ସେ ରାଜ୍ୟ ବାହାରର ବିନିଯୋଗକାରୀଙ୍କୁ ଆକର୍ଷିତ କରିପାରୁ ନଥିବାରୁ ଏହାର ଆର୍ଥିକ ଅବସ୍ଥା ସୁଧୁରି ନାହିଁ ।

୬. **ଦୁର୍ବଳ ଶାସନ ବ୍ୟବସ୍ଥା -** କୌଣସି ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ ସେ ରାଜ୍ୟର ଶାସନ ପରିଚାଳକଙ୍କ ଉପରେ ନିର୍ଭରଶୀଳ ଅଟେ । ଯେଉଁ ରାଜ୍ୟଗୁଡ଼ିକର ଶାସନ ବ୍ୟବସ୍ଥା ଉଚ୍ଚକୋଟୀର, ସେମାନଙ୍କର ବିକାଶ ସର୍ବାଗ୍ରେ ରହିଛି । ଅଧିକାଂଶ ଅନୁନ୍ନତ ରାଜ୍ୟ, ଯେଉଁମାନେ ଭିତିଭୂମିର ବିକାଶ କରିପାରି ନାହାଁନ୍ତି ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଜାଡି ପାରୁନାହାଁନ୍ତି, ସେମାନେ ଯୋଜନା କମିସନ୍‌ଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରାକୃତିକ ସମ୍ପଦର ସୁବିନିଯୋଗ କରିପାରୁ ନାହଁନ୍ତି । ସରକାରଙ୍କ ଅପାରଗତା ପାଇଁ ବିଭିନ୍ନ ଶିଳ୍ପପତି ଓ ଅର୍ଥଲଗାଣ ସଂସ୍ଥାମାନେ ରାଜ୍ୟର ବିକାଶରେ ଅଂଶଗ୍ରହଣ କରିପାରୁନାହାନ୍ତି ।

## ପାଠଗତ ପ୍ରଶ୍ନାବଳୀ - ୨୫.୨

୧. ଅସମତା ଓ ବିଭିନ୍ନତା ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ବର୍ଣ୍ଣନା କର ।

..............................................................................................

..............................................................................................

୨. ଭାରତରେ ଆଞ୍ଚଳିକ ବୈଷମ୍ୟ ସୃଷ୍ଟି କରିବାରେ ଔପନିବେଶବାଦ କିପରି ଏକ ମୁଖ୍ୟ କାରଣ ?

..............................................................................................

..............................................................................................

୩. ଅର୍ଥନୈତିକ ବିକାଶ କ୍ଷେତ୍ରରେ ନିମ୍ନଲିଖିତ କେଉଁ ରାଜ୍ୟ ଅଗ୍ରଣୀ ।

କ) ବିହାର (ଖ) ଓଡିଶା (ଗ) ଅରୁଣାଚଳ ପ୍ରଦେଶ (ଘ) ହରିୟାନା

୪. ମଧ୍ୟ ଭାରତର ଆଦିବାସୀମାନେ ବାସ କରୁଥିବା ଅଞ୍ଚଳ, ଅନ୍ୟ ରାଜ୍ୟ ତୁଳନାରେ ଅଧିକ ଅନଗ୍ରସର । ନିମ୍ନରେ ଥିବା ବାକ୍ୟଗୁଡିକ ମଧ୍ୟରୁ ଠିକ୍ ବାକ୍ୟ ବାଛ ।

କ) ଉକ୍ତ ଅଞ୍ଚଳରେ ଅଧିକ ପ୍ରାକୃତିକ ସମ୍ପଦ ନାହିଁ ।

ଖ) ସେ ଅଞ୍ଚଳରେ କୌଣସି ବୃହତ ଶିଳ୍ପ ନାହିଁ ।

ଗ) ଅର୍ଥନୈତିକ ଓ ମାନବ ବିକାଶର ଅଭାବ

ଘ) ଉପରୋକ୍ତ ମଧ୍ୟରୁ କେହି ନୁହେଁ ।

## ୨୫.୬ ସମାଜର ଅନୁନ୍ନତ ଗୋଷ୍ଠୀ

ଏହି ପାଠ୍ୟକ୍ରମରେ ଆମେ ଗୁରୁତ୍ୱ ଦେଇ ଆସିଅଛୁ ଯେ, ସାମାଜିକ ଓ ଅର୍ଥନୈତିକ ବିକାଶର ମୁଖ୍ୟ ଲକ୍ଷ, ସମାଜର ପ୍ରତ୍ୟେକ ଗୋଷ୍ଠୀର ଲୋକମାନଙ୍କୁ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରାଇବା । ସମସ୍ତେ ସମାନ ଭାବେ ବିକାଶର ସୁଫଳ ଭୋଗ କରିବେ ଓ ଭବିଷ୍ୟତର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସମାନ ସୁବିଧା ସୁଯୋଗର ବ୍ୟବହାର କରିବେ । ଯଦିଓ, ଏହା କୁହାଯାଉଛି ଯେ, ଏ କ୍ଷେତ୍ରରେ ଭାରତ ପ୍ରଶଂସନୀୟ ଅଗ୍ରଗତି କରିପାରିଛି । ତଥାପି ଅର୍ଥନୈତିକ ବିକାଶର ଫଳ ସମସ୍ତଙ୍କ ନିକଟରେ ପହଞ୍ଚିପାରିନାହିଁ । ଅନେକ ଗୋଷ୍ଠୀର ଲୋକମାନଙ୍କୁ ସାମାଜିକ ଓ ଅର୍ଥନୈତିକ ବିକାଶ ଧାରାରୁ ବାସନ୍ଦ କରାଯାଇଛି ଓ ସେମାନେ ବିକାଶର କୌଣସି ଉପକାର ଏଯାବତ୍ ପାଉନାହାନ୍ତି । ଏମାନଙ୍କୁ ଅନୁନ୍ନତ ବା ପ୍ରତିକୂଳ ଗୋଷ୍ଠୀ ବୋଲି କୁହାଯାଉଛି । ଏମାନଙ୍କ ମଧ୍ୟରେ ଆଦିବାସୀ, ହରିଜନ, ଅନୁନ୍ନତ ଶ୍ରେଣୀ, ସଂଖ୍ୟାଲଘୁ ଗୋଷ୍ଠୀ ଓ ମହିଳା ମାନେ ଅଛନ୍ତି । ୨୦୦୧ ଜନଗଣନା ଅନୁସାରେ ହରଜନମାନେ ୧୬.୨୩%, ଆଦିବାସୀମାନେ ୮.୨% ଥିଲେ । ମହିଳାମାନେ ସମୁଦାୟ ଲୋକ ସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଅଟନ୍ତି । ହରିଜନ, ଆଦିବାସୀ ଓ ମହିଳାମାନଙ୍କର ଶକ୍ତି, ସାମର୍ଥ୍ୟ ବଢାଇବା ପାଇଁ ଚେଷ୍ଟା ବିଷୟରେ ଆଲୋଚନା କରିବା ।

## ୨୫.୭ ହରିଜନ ଆଦିବାସୀମାନଙ୍କ କ୍ଷମତା

ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ହରିଜନ ଓ ଆଦିବାସୀମାନଙ୍କ ସାମର୍ଥ୍ୟ ଓ କ୍ଷମତା ବୃଦ୍ଧି ପାଇଁ ଚିନ୍ତା କରାଯାଉଥିଲା । ଏହା ଦ୍ୱାରା ଅସମତା ଦୂର କରାଯାଇ ସେମାନଙ୍କର ନ୍ୟାୟ ସଂଗତ ସ୍ଥାନ ସମାଜରେ ପ୍ରତିଷ୍ଠା କରିବା ଲକ୍ଷଥିଲା। ଭାରତୀୟ ସମ୍ବିଧାନ ବିଭିନ୍ନ କମିଟିମାନ ନିଯୁକ୍ତି କରି ଏମାନଙ୍କର ବିକାଶ ପାଇଁ ଚେଷ୍ଟା କରିଛି । ନିଜର ପ୍ରତିଶ୍ରୁତି ପୂରଣ ପାଇଁ ଭାରତ ସରକାର ତ୍ରିମୂଖୀ ନିରାପତ୍ତା ପ୍ରଚଳନ କରିଛନ୍ତି । (୧) ସାମାଜିକ କ୍ଷମତା (୨) ଅର୍ଥନୈତିକ କ୍ଷମତା (୩) ସାମାଜିକ ନ୍ୟାୟ ଯାହା ଅନୁନ୍ନତ ଗୋଷ୍ଠୀ ପ୍ରତି ଥିବା ବୈଷମ୍ୟତା ଅତ୍ୟାଚାରକୁ ଦୂର କରି ସେମାନଙ୍କୁ ନିରାପତ୍ତା ଯୋଗାଇଦେବ ।

### (କ) ସାମାଜିକ କ୍ଷମତା (ନିରାପତ୍ତା)

ଶିକ୍ଷା ଉନ୍ନତିର ମୂଳ ମନ୍ତ୍ର । ଅନୁନ୍ନତ ଗୋଷ୍ଠୀଙ୍କର ସାମାଜିକ ଓ ଅର୍ଥନୈତିକ କ୍ଷମତା ବୃଦ୍ଧି ପାଇଁ ଶିକ୍ଷାକୁ ଉଚ୍ଚ ପ୍ରାଥମିକତା ଦିଆଯାଇଛି । ସେମାନଙ୍କର ଶିକ୍ଷାର ମାନ ବୃଦ୍ଧି ହେଲେ ବିକାଶ ଅଚିରେ ସାଧିତ ହୋଇପାରିବ । ସେଥିପାଇଁ ନିମ୍ନଲିଖିତ ପଦକ୍ଷେପ ଜରୁରୀ ଆବଶ୍ୟକ ।

- ପ୍ରାଥମିକ ଶିକ୍ଷା ପାଇଁ ବହୁ ବ୍ୟବସ୍ଥା କରାଯାଇଛି। ପିଲାମାନଙ୍କ ଦରମା ବ୍ୟବସ୍ଥା ଉଠାଇଦେବା, ମାଗଣାରେ ବହି ଯୋଗାଇବା, ମଧ୍ୟାହ୍ନ ଭୋଜନ ଦେବା, ଛାତ୍ରବୃତ୍ତି ବ୍ୟବସ୍ଥା ପ୍ରଚଳନ ପ୍ରଭୃତି ସୁଯୋଗ ସୃଷ୍ଟି କରାଯାଇଛି । କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ଜାତୀୟ ମେଧା ଅନ୍ୱେଷଣ ଯୋଜନା ମାଧ୍ୟମରେ ଆଦିବାସୀ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ।
- ବିଭିନ୍ନ ପ୍ରକାର ଛାତ୍ରବୃତ୍ତି ବ୍ୟବସ୍ଥା ପ୍ରଚଳନ କରାଯାଇଛି । ମାଧ୍ୟମିକ ଶିକ୍ଷାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ପାଠପଢ଼ା ପାଇଁ ଓ ଉଚ୍ଚ ଶିକ୍ଷା ନିମନ୍ତେ ଛାତ୍ରବୃତ୍ତିର ବ୍ୟବସ୍ଥା କରାଯାଇଛି । ଯେଉଁ ପିଲାମାନେ ଅତ୍ୟନ୍ତ ନିସହାୟ ଓ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ପରିବାରକୁ ସାହାଯ୍ୟ କରୁଛନ୍ତି, ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଉକ୍ତ ବୃତ୍ତି ବ୍ୟବସ୍ଥା ପ୍ରଚଳନ ହୋଇଛି । ରାଜୀବ ଗାନ୍ଧୀ ଜାତୀୟ ବୃତ୍ତି ଯୋଜନା ଦ୍ୱାରା, ହରିଜନ ପିଲାମାନେ ଉଚ୍ଚଶିକ୍ଷା ପାଇଁ ସୁଯୋଗ ପାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଅନୁସନ୍ଧାନ ମୂଳକ କାର୍ଯ୍ୟକ୍ରମର ଭାଗ ନେଇ ପାରୁଛନ୍ତି ।
- ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେବା ପାଇଁ ପିଲାମାନଙ୍କ ପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା ହୋଇଛି ।
- ଉଭୟ ପୁଅ ଓ ଝିଅ ପିଲାମାନଙ୍କ ପାଇଁ ହଷ୍ଟେଲରେ ରହି ପାଠ ପଢ଼ିବା ସୁବିଧା ମଧ୍ୟ ଅଛି ।

### ଖ) ଅର୍ଥନୈତିକ କ୍ଷମତା / ନିରାପତା

ନିଯୁକ୍ତି ଓ ବିଭିନ୍ନ ଆୟ ପନ୍ଥାର ସୁଯୋଗ, ଅନୁନ୍ନତ ଗୋଷ୍ଠୀ ଲୋକଙ୍କ ଅର୍ଥନୈତିକ କ୍ଷମତା ବୃଦ୍ଧି ପାଇଁ ସୃଷ୍ଟି ହୋଇଛି । ନିମ୍ନଲିଖିତ ଅର୍ଥ ସମ୍ବନ୍ଧିତ ସଂସ୍ଥାମାନ ମଧ୍ୟ ସ୍ଥାପନ କରାଯାଇଛି ।

- ଜାତୀୟ ହରିଜନ ଅର୍ଥ ଓ ବିକାଶ ନିଗମ (NSFDC), ବିଭିନ୍ନ ଆୟପନ୍ଥାର ସୁଯୋଗ ସୃଷ୍ଟି ପାଇଁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେଉଛି ।


- ଜାତୀୟ ସଫେଇ କର୍ମଚାରୀ ଅର୍ଥ ଓ ବିକାଶ ନିଗମ (NSKFDC), ବିଭିନ୍ନ ଆୟ ସୁଯୋଗ ସୃଷ୍ଟି ପାଇଁ ସଫେଇ କର୍ମଚାରୀଙ୍କୁ ଆର୍ଥିକ ସହାୟତା ଯୋଗାଉଛି ।
- ଜାତୀୟ ଆଦିବାସୀ ଅର୍ଥ ଓ ବିକାଶ ନିଗମ (NSTFC) ନିଯୁକ୍ତି, ତାଲିମ ସୁଯୋଗ ସୃଷ୍ଟି ପାଇଁ ଅର୍ଥ ବରାଦ କରୁଛି ।
- ହରିଜନ ବିକାଶ ନିଗମ ମଧ୍ୟ, ନିଯୁକ୍ତି, କୃଷି, ଶିଳ୍ପ, ଜଳସେଚନ ବାଣିଜ୍ୟ ଓ ଗମନାଗମନ କ୍ଷେତ୍ରରେ ତାଲିମ ଓ ପ୍ରଶିକ୍ଷଣ ବ୍ୟବସ୍ଥା କରୁଛି ।
- ଆଦିବାସୀ ଉନ୍ନୟନ ନିଗମ ପିଲାମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସହଯୋଗ ଦେଇ ପ୍ରତିଷ୍ଠିତ କରୁଛି । ଭାରତର ଆଦିବାସୀ ସମବାୟ ମାର୍କେଟିଙ୍ଗ୍ ବିକାଶ ସଂଘ ଆଦିବାସୀମାନଙ୍କୁ, ବଳକା ଖାଦ୍ୟ ଶସ୍ୟ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପାଇଁ ବଜାର ସୁବିଧା କରିଛି ।

### ଗ) ସାମାଜିକ ନ୍ୟାୟ (କ୍ଷମତା/ନିରାପତ୍ତା)

ଭାରତୀୟ ସମ୍ବିଧାନ, ସମସ୍ତ ପ୍ରକାରର ସାମାଜିକ ଅନ୍ୟାୟ ଶୋଷଣ ବିରୁଦ୍ଧରେ ନିରାପତ୍ତା ଯୋଗାଇ ଦେଉଛି । ଏଥିପାଇଁ ମଧ୍ୟ କିଛି ଆଇନର ବ୍ୟବସ୍ଥା ଅଛି । ନାଗରିକ ସମ୍ବନ୍ଧୀୟ ଆକ୍ଟ ୧୯୫୫, ଆଦିବାସୀ ହରିଜନ ସମ୍ବନ୍ଧିତ ଆକ୍ଟ ୧୯୮୯, ଆଦିବାସୀ ଓ ଅନ୍ୟାନ୍ୟ ଜଙ୍ଗଲ ଅଧିବାସୀ ସମ୍ବନ୍ଧୀୟ ଆକ୍ଟ ୨୦୦୬ ପ୍ରଧାନ ଅଟେ ।

## ୨୫.୮ ମହିଳା କ୍ଷମତା / ନିରାପତ୍ତା

ସମ୍ବିଧାନର ପ୍ରସ୍ତାବନାରେ ପୁରୁଷ ନାରୀ ସମାନତା ଉପରେ ଗୁରୁତ୍ୱ ଦିଆଯାଇଛି । ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ ଓ ରାଷ୍ଟ୍ର ନିର୍ଦ୍ଦେଶକ ନୀତିରେ ମଧ୍ୟ ଉଭୟଙ୍କ ମଧ୍ୟରେ ସମତା ରକ୍ଷା କରାଯାଇଛି ।



ଚିତ୍ର - ୨୫.୬ (ମହିଳା କ୍ଷମତା)

ସମ୍ବିଧାନ ମହିଳାମାନଙ୍କୁ କେବଳ ସମାନତା ଅଧିକାର ଦେଇନାହିଁ। ପୁରୁଷ ଓ ନାରୀ ମଧ୍ୟରେ ଥିବା ଅସମାନତା ଦୂରୀକରଣ ପାଇଁ ରାଜ୍ୟମାନଙ୍କୁ କ୍ଷମତା ଦିଆଯାଇଛି। ଯାହାହେଉ, ସମ୍ବିଧାନର ଲକ୍ଷ ଓ ରାଜ୍ୟମାନଙ୍କ କ୍ଷମତା କାର୍ଯ୍ୟକାରୀ ହେବାରେ କିଛିଟା ତୃଟି ରହିଯାଉଛି। ଲକ୍ଷ ଓ କାର୍ଯ୍ୟକାରୀ ମନୋବୃତ୍ତି ଅନେକ ସମୟରେ ନିଜ ଭିତରେ ସମନ୍ୱୟ ରଖିପାରି ନଥାନ୍ତି, ଯାହା ମହିଳାମାନଙ୍କ କ୍ଷେତ୍ରରେ ଘଟୁଛି। ପ୍ରକୃତରେ ଦୁର୍ବଳ ମହିଳାମାନେ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରମାନଙ୍କରେ ଆଶାତୀତ ଭାବେ ପ୍ରବେଶ କରିପାରୁନାହାନ୍ତି। ସେମାନେ ଅବ୍ୟବସ୍ଥିତ ସାମାଜିକ ବାସନ୍ଦ, ଦାରିଦ୍ର୍ୟତା ଓ ଅବ୍ୟବହୃତ ଅବସ୍ଥାରେ ରହିଯାଉଛନ୍ତି। କିନ୍ତୁ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି।

***ନିମ୍ନଲିଖିତ ପଦକ୍ଷେପ ମହିଳାମାନଙ୍କ କ୍ଷମତା ବିକାଶ ପାଇଁ ନିଆଯାଉଛି।***

## କ) ଅର୍ଥନୈତିକ କ୍ଷମତା / ନିରାପତ୍ତା

- ଯେହେତୁ ଅଧିକାଂଶ ମହିଳା ଦାରିଦ୍ର୍ୟ ସୀମାରେଖାର ତଳେ ଅଛନ୍ତି, ତେଣୁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଭାବେ କାର୍ଯ୍ୟକାରୀ ହେଉଛି।
- କୃଷି କ୍ଷେତ୍ରରେ ସେମାନଙ୍କ କଷ୍ଟକର ଭୂମିକାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି।
- ସର୍ବତଥ୍ୟ ସମ୍ବଳିତ ସହଯୋଗ, ସାମାଜିକ ନିରାପତା ଏବଂ ଅନ୍ୟ ସହଯୋଗ ସେବା ପ୍ରଭୃତି ମହିଳାମାନଙ୍କୁ ଯୋଗାଇଦିଆଯାଉଛି। ସେମାନେ ଏହା ଦ୍ୱାରା ବିଭିନ୍ନ ଶିଳ୍ପାନୁଷ୍ଠାନ, ଯଥା- ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଖାଦ୍ୟ ପ୍ରକ୍ରିୟା କରଣ ଓ ବୟନ ଶିଳ୍ପ କ୍ଷେତ୍ରରେ ଅଂଶ ଗ୍ରହଣ କରିପାରିବେ।
- ସେମାନଙ୍କ ପାଇଁ ପିଲା ସ୍ୱାସ୍ଥ୍ୟ ଯତ୍ନ ଯୋଜନା କର୍ମଜିବୀ ମହିଳାଙ୍କ ପାଇଁ କ୍ରେଚ୍ ଓ ଅକ୍ଷମମାନଙ୍କ ପାଇଁ ଗୃହଯୋଜନାମାନ କାର୍ଯ୍ୟକାରୀ କରି ସେମାନଙ୍କୁ ସାମାଜିକ, ଓ ଅର୍ଥନୈତିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରାଯାଉଛି।

## ଖ) ସାମାଜିକ କ୍ଷମତା

- ଶିକ୍ଷା ବ୍ୟବସ୍ଥାରେ କୌଣସି ବିଭେଦ ନରଖି, ସାର୍ବଜନୀନ ଶିକ୍ଷା ପାଇଁ ଓ ନିରକ୍ଷରତା ଦୂରୀକରଣ ନିମନ୍ତେ, ମହିଳା ଓ ଝିଅମାନଙ୍କୁ ସମାନ ସୁବିଧା ସୁଯୋଗ ଦିଆଯାଉଛି। ଏହା ଦ୍ୱାରା ବିଦ୍ୟାଳୟରେ ଉପସ୍ଥାନ ବଢ଼ିବ ଓ ମହିଳାମାନେ ବିଭିନ୍ନ ବୃତ୍ତିଗତ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନିଜର ବିକାଶ କରିବାରେ ସମର୍ଥ ହେବେ।
- ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିହୀନତା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଯଦ୍ୱାରା ସେମାନେ ନିଜର ଜୀବନ ସୁସ୍ଥ ଭାବେ ବିତେଇ ପାରିବେ।
- ମହିଳାମାନେ ବିଶେଷ ଭାବେ ବିଭିନ୍ନ ପୁଷ୍ଟିହୀନତା ରୋଗରେ ପଡିଥାନ୍ତି। ତେଣୁ ସରକାର ଏହାର ଦୂରୀକରଣ ପାଇଁ ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରୁଛନ୍ତି।
- ମହିଳାମାନଙ୍କ କ୍ଷେତ୍ରରେ ହେଉଥିବା ପ୍ରତ୍ୟେକ ପ୍ରକାର ହିଂସାତ୍ମକ କାର୍ଯ୍ୟ,ଶାରିରିକ ବା ମାନସିକ ହେଉ, ଦୃଢ ହସ୍ତରେ ଦମନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ପ୍ରଥା ଦ୍ୱାରା ମଧ୍ୟ

ସେମାନଙ୍କୁ ଘରୋଇ ବା ସାମାଜିକ କ୍ଷେତ୍ରରେ ଅଯଥା ହଇରାଣ କରାଯାଉଥିବାରୁ ଏହା ଦୂର କରିବା ପାଇଁ ଉଚିତ୍ ପଦକ୍ଷେପ ନିଆଯାଉଛି ।

## ଗ) ରାଜନୈତିକ କ୍ଷମତା

ମହିଳାମାନଙ୍କୁ ନିର୍ବାଚନରେ ଅଂଶ ଗ୍ରହଣ କରି ଭୋଟ ଦେବାର ଅଧିକାର ମିଳିଛି । ସରକାରୀ ସ୍ତରରେ ବିଭିନ୍ନ ନିଷ୍ପତ୍ତି ନେବାରେ ମିହଳାମାନଙ୍କୁ ସମାନ ସୁବିଧା ଦିଆଯାଉଛି । ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଦ୍ୱାରା ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଅନେକ ସୁଯୋଗ ଦିଆଯିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ୱାୟତ ଶାସନ ବ୍ୟବସ୍ଥାରେ ସେମାନଙ୍କର ପାଇଁ ୩୩.୩% ସ୍ଥାନ ସଂରକ୍ଷଣ କରାଯାଇଛି । ଏହା ଦ୍ୱାରା ସେମାନେ ସାଧାରଣ ଜୀବନରେ ପ୍ରବେଶ କରିବାର ସୁବିଧା ପାଉଛନ୍ତି । ଲୋକ ସଭା ଓ ରାଜ୍ୟ ବ୍ୟବସ୍ଥାପକ ସଭାରେ କିଛି ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ପାଇଁ ଉଦ୍ୟମ ଚାଲିଛି ।

## ଅଭ୍ୟାସ ୨୫.୩

ମହିଳାମାନଙ୍କୁ ଅସମାନ ଭାବି କେତେକ ପରିସ୍ଥିତିର ଉଲ୍ଲେଖ ନିମ୍ନରେ କରାଯାଇଛି । ପ୍ରତି ପରିସ୍ଥିତି ପାଇଁ କାରଣ ଲେଖ ।

| କ୍ରମିକ ନଂ | ପରିସ୍ଥିତି | କାରଣ |
|---|---|---|
| ୧. | ଅଧିକାଂଶ ପରିବାରରେ ପୁଅମାନଙ୍କ ଭଳି ଝିଅମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଧିକ ସୁଯୋଗ ଦିଆଯାଏ ନାହିଁ କାହିଁକି ? | |
| ୨. | କୌଣସି ମହିଳା ସଭ୍ୟଙ୍କର ପରିବାରରେ ପୁରୁଷଙ୍କ ଭଳି ସ୍ୱାସ୍ଥ୍ୟହାନୀ ପାଇଁ ଶିଘ୍ର ଯତ୍ନ ନିଆଯାଏନାହିଁ କାହିଁକି ? | |
| ୩. | ଅଧିକାଂଶ ଘରର ଦୈନନ୍ଦିନ କାର୍ଯ୍ୟ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ କରନ୍ତି କାହିଁକି ? | |
| ୪. | କୌଣସି ପୁରୁଷ ପିଲାର ଜନ୍ମଦିନ ଭଳି ଝିଅ ପିଲାର ଜନ୍ମ ପରିବାରରେ ପାଳନ କରାଯାଏ ନାହିଁ କାହିଁକି ? | |

୧. ତୁମେ କାହିଁକି ଭାବୁଛ, ଏଭଳି ଅସମତା ଆମ ସମାଜରେ ପ୍ରଚଳିତ ? ତିନୋଟି କାରଣ ଲେଖ ।

୨. ଅସମାନତା ଦୂରୀକରଣ ପାଇଁ ତିନୋଟି ପଦକ୍ଷେପ ବିଷୟରେ ଲେଖ ।

## ପାଠଗତ ପ୍ରଶ୍ନାବଳୀ ୨୫.୩

୧. ସମାଜରେ କେଉଁ ଅନୁନ୍ନତ ଗୋଷ୍ଠୀଗୁଡିକ ମୁଖ୍ୟ ?

.................................................................................

.................................................................................

୨. ତୁମେ ଭାବୁଛ କି, ଆଦିବାସୀ ଓ ହରିଜନ ସଂପ୍ରଦାୟଙ୍କ କ୍ଷମତା ବୃଦ୍ଧି ପାଇଁ ବର୍ତ୍ତମାନ ସୁଦ୍ଧା ନିଆଯାଇଥିବା ପଦକ୍ଷେପ, ସାମାଜିକ ଓ ଅର୍ଥନୈତିକ ବିକାଶର ସୁଫଳ ଭୋଗ କରିବାରେ ସହାୟକ ହେବ । ତିନୋଟି କାରଣ ଲେଖ ।

.................................................................................

.................................................................................

୩. ସମାଜରେ ମହିଳାମାନଙ୍କ ଅଧିକାର ଓ କ୍ଷମତା ବୃଦ୍ଧି ପାଇଁ ବର୍ତ୍ତମାନ ସୁଦ୍ଧା କରାଯାଇଥିବା ପ୍ରଚେଷ୍ଟା ସହାୟକ ନୁହେଁ କାହିଁକି ?

.................................................................................

.................................................................................

୪. ତୁମର ପଡୋଶୀମାନଙ୍କ ମଧ୍ୟରୁ ୫ଟି ପରିବାର ବିଷୟରେ ବିବରଣୀ ସଂଗ୍ରହ କର । (୧୦ଟିର କଲେ ଭଲ)

(୧) ପରିବାରରେ କେତେ ଜଣ ପୁରୁଷ ଓ ମହିଳା ବୟସ୍କ ଲୋକ ଅଛନ୍ତି ।

(୨) କେତେଜଣ ପୁଅ ପିଲା ଓ ଝିଅ ପିଲା ଅଛନ୍ତି ।

(୩) ଗତ ଦୁଇ ବର୍ଷ ମଧ୍ୟରେ କେତେଜଣ ପୁରୁଷ ଓ ଝିଅପିଲା ଜନ୍ମ ହୋଇଛନ୍ତି ।

(୪) ଗତ ଦୁଇ ବର୍ଷ ମଧ୍ୟରେ କେତେଜଣ ପୁଅ କି ଝିଅ ପିଲା ମରିଛନ୍ତି ।

(୫) ୫ ବର୍ଷରୁ ଉର୍ଦ୍ଧ୍ୱ କେତେଜଣ ପୁଅ ଓ ଝିଅ ପିଲା ବିଦ୍ୟାଳୟ, କଲେଜ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ।

(୬) ପରିବାରର କେତେଜଣ ମହିଳା ବାହାରେ ଅଫିସ୍ ବା ଅନ୍ୟ କିଛି ସଂସ୍ଥାରେ କାମ କରନ୍ତି ।

**ଉପରଲିଖିତ ବିବରଣୀକୁ ଭିତ୍ତି କରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖ ।**

କ) ପୁଅ ଓ ଝିଅ ପିଲାଙ୍କ ସଂଖ୍ୟା କେତେ ? ସେମାନଙ୍କ ଭିତରେ କେତେ ଜଣ ବିଦ୍ୟାଳୟ ଓ କଲେଜ ଯାଆନ୍ତି ? ସେମାନେ ଏକା ବିଦ୍ୟାଳୟରେ ପାଠ ପଢନ୍ତି କି ? ଯଦି, ଏହା ନୁହେଁ, କାରଣ କଣ ?

ଖ) ମହିଳାମାନେ ବାହାରେ କାମ କରନ୍ତି କି ? ଯଦି ହଁ, କେଉଁଠାରେ, ଯଦି ନା, କାହିଁକି ?

ଗ) ପରିବାରରେ ନାରୀ ପୁରଷ ବିଭେଦ ଅଛି କି ? ଯଦି ହଁ, କାହିଁକି, ଯଦି ନାହିଁ କିପରି ?

## ୨୫.୯ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ମୁଖ୍ୟ ଯୋଜନା ଓ କାର୍ଯ୍ୟକ୍ରମ

ଅନୁନ୍ନତ ଗୋଷ୍ଠୀର ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଓ କ୍ଷମତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ଆମେ ବୁଝିବାକୁ ପ୍ରାୟ ଚେଷ୍ଟା କରିଅଛୁ । ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ବିକାଶ ଉପରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଜାଣିବା ପାଇଁ ତୁମର ନିଶ୍ଚୟ ଆଗ୍ରହ ହୋଇପାରେ । ଆମେ ଯଦି ଏ ସବୁର ଆଲୋଚନା କରିବା, ଏହା ଅତ୍ୟନ୍ତ ଉପଯୋଗୀ ହେବ । ଆମେ କେବଳ କେତେକ ମୁଖ୍ୟ ଯୋଜନା ଓ କାର୍ଯ୍ୟକ୍ରମ, ଯାହା ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଅଟେ, ସେ ବିଷୟରେ ଆଲୋଚନା କରିବା । ଅନ୍ୟାନ୍ୟ ତୁମେ ଉପର ଶ୍ରେଣୀରେ ପଢ଼ିବ ।

### ୨୫.୯.୧- ସମସ୍ତଙ୍କ ପାଇଁ ଶିକ୍ଷା

କେବଳ ଭାରତ ନୁହେଁ ସମଗ୍ର ପୃଥିବୀବାସୀ "ସମସ୍ତଙ୍କ ପାଇଁ ଶିକ୍ଷା" ଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । ମିଳିତ ଜାତିସଂଘ (UNESCO) ଙ୍କ ତତ୍ତ୍ୱାବଧାନରେ ୧୯୯୦ ମସିହାରେ ପୃଥିବୀର ଅନେକ ଦେଶ ଥାଇଲାଣ୍ଡର ଜମ୍‌ଟିଏନ ନାମକ ସ୍ଥାନରେ ଏକତ୍ରିତ ହୋଇ ୨୦୦୦ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରିବାକୁ ନିଷ୍ପତି ନେଇଥିଲେ । ୧୯୯୨ ମସିହାରେ ପୃଥିବୀର ୯ଟି ଜନବହୁଳ ଦେଶ ଯଥା-ଚୀନ, ଭାରତ, ଇଣ୍ଡୋନେସିଆ, ପାକିସ୍ଥାନ, ନାଇଜେରିଆ, ମେକ୍ସିକୋ, ବଙ୍ଗଳାଦେଶ, ବ୍ରାଜିଲ ଓ ଇଜିପ୍ଟ୍ ପ୍ରଭୃତି ନୂଆଦିଲ୍ଲୀ ଠାରେ ଏକତ୍ରୀତ ହୋଇ, ସମସ୍ତଙ୍କ ପାଇଁ ଶିକ୍ଷା ଦିଗରେ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ ଦୃଢୀଭୂତ କରିଥିଲେ । ଗତ ଦୁଇ ଦଶନ୍ଧି ଧରି ଭାରତ, କେତେକ ଆନ୍ତର୍ଜାତିକ ସଂସ୍ଥାର ସାହାଯ୍ୟ ନେଇ ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନାର ସଫଳତା ପାଇଁ କେତେକ ଜରୁରୀ ପଦକ୍ଷେପ ନେଇଛନ୍ତି । ନିମ୍ନରେ କିଛି ପଦକ୍ଷେପର ସୂଚନା ଦିଆଯାଇଛି ।

#### କ) ସାର୍ବଜନୀନ ପ୍ରାଥମିକ ଶିକ୍ଷା

ଜାତୀୟ ଶିକ୍ଷା ଯୋଜନା ୧୯୮୬, ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ମାଗଣା ଓ ବାଧ୍ୟତା ମୂଳକ ପ୍ରାଥମିକ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ୮୬ତମ ସମ୍ବିଧାନ ସଂଶୋଧନ ୨୦୦. ଉକ୍ତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାକୁ ମୌଳିକ ଅଧିକାରର ମାନ୍ୟତା ପ୍ରଦାନ କରିଛନ୍ତି । ବର୍ତ୍ତମାନ ଭାରତ ସଂସଦରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ଆଇନ ୨୦୦୯କୁ ବିଧିବଦ୍ଧ ଭାବେ ଗ୍ରହଣ କରାଯାଇଛି । ଫଳରେ ଗ୍ରାମାଞ୍ଚଳ ଜନସଂଖ୍ୟାର ୯୫% ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ତିନି କି.ମି. ବ୍ୟବଧାନରେ ପ୍ରାଥମିକ ବିଦ୍ୟାଳୟ ଅଛି । ପ୍ରାୟ ୮୫% ଗ୍ରାମାଞ୍ଚଳରେ ତିନି କିଲୋମିଟର ବ୍ୟବଧାନରେ ଉଚ୍ଚପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଛି । ଏହା ଦ୍ୱାରା ନିମ୍ନଲିଖିତ ସଫଳତା ମିଳିଛି ।

**୧.୬-୧୪ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କ ଉପସ୍ଥାନ ବିଦ୍ୟାଳୟମାନଙ୍କରେ ଆଶାତୀତ ଭାବେ ବୃଦ୍ଧି ଘଟିଛି ।**

୨. ଆଦିବାସୀ ଓ ହରିଜନ ଓ ଝିଅ ପିଲାମାନଙ୍କ ଉପସ୍ଥାନ ମଧ୍ୟ ଅଧିକା ହୋଇଛି ।

୩. ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟାର ମଧ୍ୟ ବୃଦ୍ଧି ଘଟିଛି ।

କେନ୍ଦ୍ର ଓ ରାଜ୍ୟ ସରକାରମାନେ ବିଦ୍ୟାଳୟମାନଙ୍କରେ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା କମାଇବା ପାଇଁ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

- ପିତାମାତା ଓ ଗ୍ରାମାଞ୍ଚଳରେ ଶିକ୍ଷା ସଚେତନା ବୃଦ୍ଧି କରିଛନ୍ତି ।
- ଅର୍ଥନୈତିକ ସାହାଯ୍ୟ ହିସାବରେ ମାଗଣା ବହି, ପୋଷାକ ଯୋଗାଇଦେବା ।
- ଶିକ୍ଷା ବ୍ୟବସ୍ଥାର ଆବଶ୍ୟକ ପରିବର୍ତ୍ତନ କରିବା ।
- ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପ୍ରଚଳନ ହେବା ।

## ସାର୍ବଜନୀନ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପାଇଁ ନିମ୍ନଲିଖିତ ଓ ସ୍ୱତନ୍ତ୍ର ପଦକ୍ଷେପ

କ) ସାର୍ବଜନୀନ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ ୨୦୦୧ ମସିହାରେ ସର୍ବଶିକ୍ଷା ଅଭିଯାନର ପ୍ରଚଳନ ଏକ ଅଭିନବ କାର୍ଯ୍ୟକ୍ରମ ।

**ଏହାର ଲକ୍ଷ ଯଥା-**

୧) ୬-୧୪ ବର୍ଷର ସମସ୍ତ ପିଲାଙ୍କ ନାମ ବିଦ୍ୟାଳୟ ପଞ୍ଜିକରଣ/ ନିଶ୍ଚିତ ଶିକ୍ଷା ଯୋଜନାର କେନ୍ଦ୍ର(EGS) ୨୦୦୫ ମସିହା ସୁଦ୍ଧା Bride Course ।

୨) ପ୍ରାଥମିକ ସ୍ତରରେ, ୨୦୦୭ ସୁଦ୍ଧା ସମସ୍ତ ସାମାଜିକ ଓ ଲିଙ୍ଗଭିତ୍ତିକ ଅସମତା ଦୂର କରିବା ଓ ୨୦୧୦ ମସିହା ସୁଦ୍ଧା ପ୍ରାଥମିକ ଶିକ୍ଷା ସ୍ତରରେ ଉକ୍ତ ଅସମତାର ସମାପ୍ତି କରିବା ।

୩) ୨୦୧୦ମସିହା ସୁଦ୍ଧା ସାର୍ବଜନୀନ (Dropout) ଅଟକରେ ସୁଧାର ଆସିବା ।

୪) ଗୁଣାତ୍ମକ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ।

**ଖ) ପ୍ରାଥମିକ ଶିକ୍ଷା ଓ ମଧ୍ୟାହ୍ନ ଭୋଜନର କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟକାରୀ ହେଉଥିବା ଜାତୀୟ ପୃଷ୍ଟି ସାଧକ ସହାୟକ କାର୍ଯ୍ୟକ୍ରମ**

ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଓ ଏହା ଏବେ ବି ଚାଲିଛି ।

**ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ:**

୧) ସମସ୍ତ ସରକାରୀ, ବେସରକାରୀ, ସ୍ୱାୟତଶାସନ ଦାୟିତ୍ୱରେ ଥିବା ବିଦ୍ୟାଳୟ ଓ (EGS) କେନ୍ଦ୍ରମାନଙ୍କରେ ୧ରୁ ୫ ଶ୍ରେଣୀରେ ଅଧ୍ୟୟନରତ ପିଲାମାନଙ୍କ ପୃଷ୍ଟିହୀନତାର ଦୂରୀକରଣ ।

୨) ଅନୁନ୍ନତ ଶ୍ରେଣୀର ଲୋକମାନଙ୍କୁ ସାହାଯ୍ୟ କରି, ବିଦ୍ୟାଳୟକୁ ନିୟମିତ ଆସିବା ପାଇଁ ଗରୀବ ପିଲାମାନଙ୍କୁ ଉତ୍ସାହିତ କରିବା ।

୩) ଗ୍ରୀଷ୍ମ ଛୁଟିରେ ପାଠପଢା ଛାଡିଦେଉଥିବା, ମରୁଡି ପ୍ରଭାବିତ ଅଞ୍ଚଳରେ ପିଲାମାନଙ୍କୁ ପୃଷ୍ଟିକର ଖାଦ୍ୟ ସହାୟତା, ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଯୋଗାଇଦେବା ।

## ୨୫.୯.୨ ରଷ୍ଟ୍ରୀୟ ସ୍ୱାକ୍ଷରତା ମିଶନ

ଜାତୀୟ ସ୍ୱାକ୍ଷରତା ମିଶନ ୧୯୮୮ ମସିହାରେ ଆରମ୍ଭ ହୋଇଥିଲା । ସମୟ ବଦ୍ଧ ପଦ୍ଧତିରେ ୧୫-୩୫ ବର୍ଷ ଭିତରେ ୧୦୦ ନିୟୁତ ଲୋକମାନଙ୍କ ପାଇଁ ଆନୁଷ୍ଠାନିକ ସ୍ୱାକ୍ଷରତା ଲାଭ କରିବା ଏହାର ଲକ୍ଷ । ଏହି ମିଶନର ମୁଖ୍ୟ କାର୍ଯ୍ୟଥିଲା, ସମ୍ପୂର୍ଣ୍ଣ ସ୍ୱାକ୍ଷରତା ଅଭିଯାନ ମାଧ୍ୟମରେ ସମସ୍ତ ବୟସ୍କ ଓ ଅଶିକ୍ଷିତ ଲୋକଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରିବା । ମୌଳିକ ସାକ୍ଷରତା ଅଭିଯାନ ସମୟରେ ହାସଲ କରାଯାଇଥିବା ପରିଣାମଗୁଡିକୁ ନ ଭୁଲିବା ପାଇଁ ଏବଂ ଶିକ୍ଷାର୍ଥୀମାନଙ୍କର ନିର୍ଦ୍ଦେଶିତ ଅଧ୍ୟୟନରୁ ସ୍ୱ ଅଧ୍ୟୟନକୁ ସୁଗମ ପରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ପ୍ରାଥମିକ ସାକ୍ଷରତା ପର୍ଯ୍ୟାୟର ସମାପ୍ତି ପରେ ପରବର୍ତ୍ତୀ ସାକ୍ଷରତା ଅଭିଯାନ ଆରମ୍ଭ ହୋଇଥିଲା ।

ଏହା ବ୍ୟତୀତ ନୂତନ ସାକ୍ଷର ଓ ଅନୁନ୍ନତ ଲୋକମାନଙ୍କ ପାଇଁ ଜନଶିକ୍ଷାନ ସଂସ୍ଥାନ ମାଧ୍ୟମରେ ବୃତ୍ତିଗତ ତାଲିମ ବ୍ୟବସ୍ଥା ହୋଇଛି ।

- ଜାତୀୟ ସାକ୍ଷରତା ସଂସ୍ଥା ନିମ୍ନଲିଖିତ ସଫଳତା ପାଇଛି ।
- ବିଭିନ୍ନ ସ୍ୱାକ୍ଷରତା କାର୍ଯ୍ୟକ୍ରମରେ ଏହି ସଂସ୍ଥା ଦେଶର ପ୍ରାୟ ୫୯୭ଟି ଜିଲ୍ଲା ଗସ୍ତ କରି ୧୨୪ନିୟୁତ ଲୋକଙ୍କୁ ସ୍ୱାକ୍ଷର କରିପାରିଛି ।
- ସ୍ୱାକ୍ଷରତା ହାର ୧୯୯୧ମସିହାରେ ୫୨.୨୧ ଥିବାବେଳେ, ୨୦୦୧ ମସିହାରେ ଏହା ୬୫.୩୭% ବୃଦ୍ଧି ଘଟିଛି । ଏ ଦଶନ୍ଧିର ଏହା ଉଚ୍ଚତମ ହାର ଅଟେ ।
- ଉକ୍ତ ସଫଳତା ସତ୍ତ୍ୱେ, ପୃଥିବୀରେ ୧୫ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷରଙ୍କ ସଂଖ୍ୟାର ୩୪% ଭାରତରେ ଅଛନ୍ତି । ଲିଙ୍ଗଗତ, ଆଞ୍ଚଳିକ ଓ ସାମାଜିକ ଅସମତା ବର୍ତ୍ତମାନ ବି ଦେଶରେ ଚାଲିଛି ।

ଏହାକୁ ଦୃଷ୍ଟିରେ ରଖି, ଭାରତ ସରକାର ସ୍ୱାକ୍ଷରତା ପାଇଁ ଏକ ମାମୁଲିକ ପ୍ରଚେଷ୍ଟା କରିବେ । ଏହା ଅର୍ଥ, ସମ୍ପୂର୍ଣ୍ଣ ସ୍ୱାକ୍ଷରତା ଅଭିଯାନ ଏବଂ ପରବର୍ତ୍ତୀ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଗୋଟିଏ ବ୍ୟବସ୍ଥାରେ ଚାଲିବ । ଏହି କାର୍ଯ୍ୟକ୍ରମ ଦ୍ୱାରା ଅନେକ ନିରକ୍ଷର ସମସ୍ୟା ଦୂରୀଭୂତ ହୋଇପାରିବ । ଉକ୍ତ କାର୍ଯ୍ୟକ୍ରମ ନିରକ୍ଷର ଲୋକଙ୍କ ପାଇଁ ଗୋଟିଏ ଉପକାର ଅପେକ୍ଷା ଏକ ଫଳପ୍ରଦ ସବୁଦିନିଆ ଲାଭଦାୟକ ବ୍ୟବସ୍ଥା ହେବ । ସ୍ୱାକ୍ଷରତା ଅଭିଯାନ ଯେଉଁ ଅଞ୍ଚଳରେ ନିରକ୍ଷର ବାସିନ୍ଦାମାନେ ଅଧିକ ସଂଖ୍ୟାରେ ଅଛନ୍ତି, ସେଠାରେ କାର୍ଯ୍ୟ କରିବ । ଏହି ସବୁ କାର୍ଯ୍ୟକ୍ରମରେ ବୃତ୍ତିଗତ କୌଶଳ, ଜାତୀୟତା ଭାବ ପ୍ରଭୃତି ଜୀବନ ନିର୍ବାହ କୌଶଳ ବିଷୟରେ ଶିକ୍ଷା ଦିଆଯିବ ।

## ୨୫.୯.୩ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ

ପ୍ରଥମ ଦେଶ ହିସାବରେ ଭାରତ, ୧୯୫୧ ମସିହାରେ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଦେଶରେ କାର୍ଯ୍ୟକାରୀ କରିଥିଲା । ଏହା ଦ୍ୱାରା ବ୍ୟକ୍ତିଗତ ସ୍ୱାସ୍ଥ୍ୟର ସୁରକ୍ଷା ହେବ । କିନ୍ତୁ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ବିଶେଷ ସ୍ୱାସ୍ଥ୍ୟ ସୁବିଧା ନଥିଲା ଗତ ପାଞ୍ଚ ଦଶନ୍ଧି ଧରି, ସମଗ୍ର ଭାରତରେ ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥା କାର୍ଯ୍ୟକ୍ରମ ଚାଲିଛି । ଯଦିଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତିଭୂମିର ଅଭାବ ଅଛି । ତଥାପି ସରକାର ସମସ୍ତଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବାକୁ ଚେଷ୍ଟା କରୁଛନ୍ତି ।

ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଯୋଜନାରେ ସରକାର ଅନେକ ପ୍ରଗତି ହାସଲ କରିଛନ୍ତି । "ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ, ୨୦୦୦"୧୯୭୮ ମସିହାରେ ଆଲମାଅଟା ଠାରେ ଅନୁଷ୍ଠିତ ମିଳିତ ଜାତିସଂଘ (WHO) ମିଟିଙ୍ଗରେ ପ୍ରଥମେ ଆରମ୍ଭ ହୋଇଥିଲା । ଜଣେ ସଦସ୍ୟ ହିସାବରେ ଭାରତ ସରକାର ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ସ୍ୱାସ୍ଥ୍ୟର ଯତ୍ନନେବା, ବିଭିନ୍ନ ଟୀକା ଦେବାର ପ୍ରଚଳନ, ପରିବାର ନିୟନ୍ତ୍ରଣ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଣ ପ୍ରଭୃତି ବ୍ୟବସ୍ଥାର ପ୍ରଚଳନ କରିଥିଲେ । ଏହି କାର୍ଯ୍ୟକ୍ରମର ଲକ୍ଷ ୨୦୦୦ ମସିହା ସୁଦ୍ଧା ହୋଇ ପାରିବ ବୋଲି ଆଶା ରଖିଥିଲେ । ୧୯୮୧-୨୦୦୧ ମସିହା ମଧ୍ୟରେ ଭାରତର ଲୋକସଂଖ୍ୟା ତିନିଗୁଣ ହୋଇଛି । ଏହା ୩୬.୧୦ କୋଟିରୁ ୧୦୨.୭୦ କୋଟିରେ ପହଞ୍ଚିଛି । ଲୋକଙ୍କ ଚାହିଦା ମୁତାବକ ସ୍ୱାସ୍ଥ୍ୟ ସେବା ଯୋଗାଇବା କଷ୍ଟକର ହୋଇଛି । ସ୍ୱାସ୍ଥ୍ୟ ସେବାର ଉପଯୁକ୍ତ ବଣ୍ଟନ ନ ହୋଇ ସହରାଞ୍ଚଳ ଲୋକଙ୍କୁ ଅଧିକ

ସେବା ଯୋଗାଇ ଦିଆଯାଇଛି । ଏଥିପାଇଁ ଭାରତ ସରକାର ଜାତୀୟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସ୍ଥାପନ କରିଛନ୍ତି । ଏହା (NRHM) ବ୍ୟତୀତ, ମହିଳା ଓ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ, ଜନନୀ ସୁରକ୍ଷା ଯୋଜନା, ବାଳିକା ସମୃଦ୍ଧି ଯୋଜନା, ଓ କିଶୋରୀ ଶକ୍ତି ଯୋଜନା ପ୍ରଭୃତି କାର୍ଯ୍ୟକାରୀ ହେଉଛି ।

***ନିମ୍ନରେ କିଛି ଜାତୀୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମର ସୂଚନା ଦିଆଗଲା ।***

| | ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ |
|---|---|
| ୧. | ଜାତୀୟ ଭେକ୍ଟର ବୋର୍ଣ୍ଣ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (NVBDCP) । |
| ୨. | ଜାତୀୟ ଫାଲେରିୟା ନିୟନ୍ତ୍ରଣ ଯୋଜନା । |
| ୩. | ଜାତୀୟ ଲେପ୍ରୋସି ଦୂରୀକରଣ ଯୋଜନା । |
| ୪. | ଜାତୀୟ ଟି.ଭି. ନିୟନ୍ତ୍ରଣ ଯୋଜନା । |
| ୫. | ଜାତୀୟ ଆୟୋଡିନ୍ ଅଭାବ ନିୟନ୍ତ୍ରଣ ଯୋଜନା । |
| ୬. | ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ |
| ୭. | ଜାତୀୟ ଏଡସ୍ ନିୟନ୍ତ୍ରଣ ଯୋଜନା |
| ୮. | ଜାତୀୟ କ୍ୟାନସର ନିୟନ୍ତ୍ରଣ ଯୋଜନା |
| ୯. | ଜାତୀୟ ସଂକ୍ରାମକ ଉନ୍ମୁକ୍ତ କାର୍ଯ୍ୟକ୍ରମ |
| ୧୦. | ବଧିରତା ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟକ୍ରମ |
| ୧୧. | ହାର୍ଟଷ୍ଟ୍ରୋକ୍ ଓ ବହୁମୁତ୍ର ରୋଗ ପାଇଁ ପାଇଲଟ୍ କାର୍ଯ୍ୟକ୍ରମ |
| ୧୨. | ଜାତୀୟ ଟବାକୋ ନିୟନ୍ତ୍ରଣ ଯୋଜନା |
| ୧୩. | ଅନ୍ଧତ୍ୱ ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟକ୍ରମ |

## ପାଠଗତ ପ୍ରଶ୍ନାବଳୀ ୨୫.୪

୧. ସର୍ବଶିକ୍ଷା ଅଭିଯାନ ଓ ଜାତୀୟ ସ୍ୱାକ୍ଷରତା ମିଶନଙ୍କ ଦୃଷ୍ଟିରେ କେଉଁମାନେ ନିରକ୍ଷରତା ଗୋଷ୍ଠୀରେ ଅଛନ୍ତି ?

(କ)......................... ଏବଂ (ଖ) ........................................

୨. ଗତ ୫୦ ବର୍ଷ ଭିତରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୨ଟି ସଫଳ କାର୍ଯ୍ୟକ୍ରମର ବର୍ଣ୍ଣନା କର ।

(କ) ..........................................................................

..............................................................................

(ଖ) ..........................................................................

..........................................................................

୩. ଜାତୀୟ ସ୍ୱାକ୍ଷରତା ମିଶନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କେଉଁ କାର୍ଯ୍ୟକ୍ରମଟି ସର୍ବାଧୁନିକ ଅଟେ ?

..........................................................................

..........................................................................

..........................................................................

୪. କାହିଁକି ଭାରତ ସରକାର ଜାତୀୟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବା ସ୍ଥାପନ କରିଛନ୍ତି ?

..........................................................................

..........................................................................

..........................................................................

## ତୁମେ କଣ ଶିକ୍ଷା କଲ

- କୌଣସି ବ୍ୟବସ୍ଥାର ଉନ୍ନତି ଦ୍ୱାରା ପରିବର୍ତ୍ତିତ ଅବସ୍ଥାକୁ ବିକାଶ କୁହାଯାଏ । ଉକ୍ତ ବିକାଶ ସାମାଜିକ, ରାଜନୈତିକ, ଜୀବବିଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଭାଷା, ସାହିତ୍ୟ କ୍ଷେତ୍ରରେ ମଧ୍ୟ ଘଟିଥାଏ । କିନ୍ତୁ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଏକ ପରିବର୍ତ୍ତିତ ରୂପ ଯାହା ସାଂସ୍କୃତିକ ଓ ପରିବେଶ ଜନିତ ଉପାଦାନ ଉପରେ ନିର୍ଭର କରେ ।
- ଦେଶର ଅନେକ ଅଞ୍ଚଳର ବିଭିନ୍ନତା ପ୍ରକୃତି ଦ୍ୱାରା ସୃଷ୍ଟି, କିନ୍ତୁ ଆଉ କିଛି ମନୁଷ୍ୟ ଦ୍ୱାରା ସୃଷ୍ଟି କରାଯାଏ ଯାହାକୁ ଅସମତା କୁହାଯାଏ । ସାମାଜିକ ଓ ଅର୍ଥନୈତିକ ସୁବିଧା ସୁଯୋଗ କେତେକ ଅଞ୍ଚଳରେ ଉପଲବ୍ଧ ହେଉଥିଲା ବେଳେ ଅନ୍ୟ କେତେକ ଅଞ୍ଚଳରେ ଉକ୍ତ ସୁବିଧା ଆଦୌ ଦେଖାଯାଏ ନାହିଁ । ଏଭଳି ମନୁଷ୍ୟକୃତ ଅବସ୍ଥାକୁ ଆଞ୍ଚଳିକ ବିଭେଦତା କୁହାଯାଏ ।
- ମାନବ ବିକାଶ ମନୁଷ୍ୟମାନଙ୍କର ପସନ୍ଦକୁ ବିସ୍ତାରିତ କରିବା ସଙ୍ଗେ ସଙ୍ଗେ ଅବସ୍ଥାର ଉନ୍ନତିକୁ ବଢାଇଥାଏ । ଏହା ମନୁଷ୍ୟ ଜୀବନର ସମସ୍ତ ଅବସ୍ଥା ଯଥା- ଆର୍ଥିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଅବସ୍ଥାରେ ପ୍ରଭାବ ପକାଇଥାଏ । ମାନବ ବିକାଶ ପାଇଁ "ଆୟ" ଏକ ମୁଖ୍ୟ ଉପାଦାନ । ମାନବ ବିକାଶ ସୂଚକ ତିନୋଟି ମୁଖ୍ୟ ଉପାଦାନକୁ ନେଇ ଗଠିତ । ଏହା ଦୀର୍ଘ ଓ ସୁସ୍ଥ ଜୀବନ, ଜ୍ଞାନ ଓ ଉନ୍ନତ ଜୀବନ ଯାପନ ପ୍ରଣାଳୀକୁ ବୁଝାଇଥାଏ ।
- ମାନବ ବିକାଶ ରିପୋର୍ଟ ୨୦୦୭-୦୮ ଅନୁସାରେ ପୃଥିବୀର ୧୭୭ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୨୮ ଅଟେ । ମାନବ ବିକାଶ କ୍ଷେତ୍ରରେ ମଧ୍ୟମ ଅବସ୍ଥା ଥିବା ଦେଶ ମାନଙ୍କ ତାଲିକାରେ ଭାରତର ସ୍ଥାନ ସବୁଠାରୁ ନିମ୍ନରେ ଅଛି ।

- ଭାରତରେ କିଛି ସଂଖ୍ୟକ ଲୋକ ବିକାଶର ଦ୍ୱାରା ଦେଶରେ ନ ପହଞ୍ଚି ପ୍ରାନ୍ତ ଭାଗରେ ରହିଯାଇଛନ୍ତି । ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଏକରକମ ବାସନ୍ଦ କରାଯାଇଛି । ବିକାଶର ପ୍ରକୃତ ସ୍ୱାଦ ଠାରୁ ସେମାନେ ବହୁ ଦୂରରେ । ଆଦିବାସୀ, ହରିଜନ ଓ ମହିଳା ଗୋଷ୍ଠୀ ଏହାର ଅନ୍ତର୍ଭୁକ୍ତ ଅଟେ ।
- ଭାରତ ସରକାର ତାଙ୍କର ପ୍ରତିଶୃତି ପୂରଣ ପାଇଁ ତିନୋଟି ପ୍ରତିକାର ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି । (୧) ସାମାଜିକ କ୍ଷମତା (୨) ଅର୍ଥନୈତିକ କ୍ଷମତା (୩) ସାମାଜିକ ନ୍ୟାୟ, ଯାହା ଅସମାନତା, ଶୋଷଣ ଓ ଅତ୍ୟାଚାରରୁ ଅନୁନ୍ନତ ଗୋଷ୍ଠୀମାନଙ୍କୁ ରକ୍ଷା କରିପାରିବ ।
- ସମଗ୍ର ଦେଶରେ ଦୁଇଟି ପ୍ରଧାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହା "ସମସ୍ତଙ୍କ ପାଇଁ ଶିକ୍ଷା" ଓ "ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଟେ ।

## ଅନ୍ତିମ ପ୍ରଶ୍ନାବଳୀ

୧. ସାମାଜିକ ଓ ଅର୍ଥନୈତିକ ବିକାଶ କାହିଁକି ବିକାଶ ଧାରାର ସମସ୍ତ ଉପାଦାନଗୁଡିକରେ ଯତ୍ନ ନେଇପାରୁନାହିଁ ? ଯେ କୌଣସି ଦୁଇଟି କାରଣ ଲେଖ ।

୨. ଭାରତରେ କାହିଁକି ଆଞ୍ଚଳିକ ବୈଷମ୍ୟ ଓ ସାମାଜିକ ଓ ଅର୍ଥନୈତିକ ଅସମାନତା ଦେଖାଯାଉଛି ? ଏଥିପାଇଁ ଦାୟୀ ଥିବା ୬ଟି କାରଣ ଲେଖ ।

୩. ଯେ କୌଣସି ୬ଟି ସାମାଜିକ କ୍ଷମତା / ନିରାପତ୍ତା ସମ୍ବନ୍ଧୀୟ ପଦକ୍ଷେପ ବିଷୟରେ ଲେଖ ଯାହା ଅନୁନ୍ନତ ଶ୍ରେଣୀ ଲୋକମାନଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି ।

୪. ପାଠପଢା ବନ୍ଦ ହାର ଓ ଶିକ୍ଷା କ୍ଷେତ୍ରରେ ଅଧିକ ସଫଳତା ହାର ଭାରତ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଲେଖ ।

୫. ସାକ୍ଷରତା ଅଭିଯାନ କଣ ? ଏହି କାର୍ଯ୍ୟକ୍ରମର ସଫଳତା ପାଇଁ କେଉଁ ବିହିତ ପଦକ୍ଷେପ ନିଆଯାଇଛି ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୫.୧**

୧. ଅର୍ଥନୈତିକ ଅଭିବୃଦ୍ଧିର ମୋଟ ଘରୋଇ ଉତ୍ପାଦନ (GDP) ଏକ ନିର୍ଦ୍ଦିଷ୍ଟ ମାପକାଠି । କିନ୍ତୁ ଏହା ଅବସର ବିନୋଦନ ସମୟ, ପରିବେଶ ସଂକ୍ରାନ୍ତୀୟ ଉପାଦାନ ସ୍ୱାଧୀନତା, ସାମାଜିକ ନ୍ୟାୟ ପ୍ରଭୃତିକୁ ବିଚାରକୁ ନିଏ ନାହିଁ । ସେହିଭଳି ମୁଣ୍ଡପିଛା ଆୟ ସଂଖ୍ୟାଗୁଡିକ, ଲୋକମାନଙ୍କ ମଧ୍ୟରେ ଥିବା ଆୟ ସମତାର ସ୍ତରକୁ ସୂଚାଏ ନାହିଁ ।

୨. ମାନବ ବିକାଶ ମନୁଷ୍ୟ ଜୀବନର ସମସ୍ତ ଉପାଦାନ ନେଇ ଗଠିତ । ଏହା ମନୁଷ୍ୟକୁ ବିକାଶ ପଥର କେନ୍ଦ୍ରବିନ୍ଦୁ ଭାବେ ଗ୍ରହଣ କରେ ଏବଂ ମାନବ ପସନ୍ଦର ବିକାଶ ଉପରେ ଗୁରୁତ୍ୱ ଆରୋପ କରେ, କେବଳ ଆୟ ଉପରେ ନୁହେଁ ।

୩. ଭବିଷ୍ୟତ ବଂଶଧରମାନଙ୍କ ଆବଶ୍ୟକତା ପୂରଣ ପାଇଁ ଚାହୁଁଥିବା ଦକ୍ଷତାକୁ ଛାଡି, ଯେଉଁ ବିକାଶ ବର୍ତ୍ତମାନର ଆବଶ୍ୟକତାକୁ ପୂରଣ କରେ ତାହାକୁ ଜୀବନ ପରିତୋଷୀୟ ପଦାର୍ଥର ବିକାଶ କୁହାଯାଏ ।

୪. ଭାରତର ଅର୍ଥନୀତି, ବଜାର ବିନିମୟ ହାର କ୍ଷେତ୍ରରେ ପୃଥିବାରେ ୧୨ତମ ଦେଶ ଏବଂ ମୋଟ ଘରୋଇ ଉତ୍ପାଦନ କ୍ଷେତ୍ରରେ ପୃଥିବୀରେ ଚତୁର୍ଥ ଅଟେ ।

ଖ) ୨୦୦୭-୦୮ ମସିହାରେ ୧୭୭ ଦେଶ ମଧ୍ୟରେ ମାନବ ବିକାଶ ସୂଚକ (HDI) ଅନୁସାରେ ଭାରତର ସ୍ଥାନ ୧୨୮ ଅଟେ ।

ଗ) ୨୭.୫% ଭାରତୀୟ ବର୍ତ୍ତମାନ ସୁଦ୍ଧା ଦାରିଦ୍ର୍ୟ ସୀମା ରେଖା ତଳେ ଅଛନ୍ତି ।

ଘ) ଭାରତୀୟ ଜନସଂଖ୍ୟାର ଶତକଡା ୮୦ ଭାଗ ଲୋକ କ୍ରୟ ଶକ୍ତି ସମାନତା ଠାରୁ (PPP) ତଳେ ଅଛନ୍ତି ।

## ୨୫.୨

୧. ଅନେକ ପାର୍ଥକ୍ୟ ପ୍ରକୃତି ଦ୍ୱାରା ସୃଷ୍ଟ । ଏହାକୁ "ବିଭିନ୍ନତା" କୁହାଯାଏ । କିନ୍ତୁ ଆଉ କିଛି ପାର୍ଥକ୍ୟ ମଣିଷ ଦ୍ୱାରା ତିଆରି ହୋଇଥାଏ । ଏହାକୁ ଅସମତା କୁହାଯାଏ ।

୨. ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଦେଶର କିଛି ଅଞ୍ଚଳ ବାଣିଜ୍ୟ ଓ ରାଜନୈତିକ ଦୃଷ୍ଟି କୋଣରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ନଥିଲା । ତେଣୁ ଉକ୍ତ ଅଞ୍ଚଳର ଗୁରୁତ୍ୱ ସ୍ୱାଧୀନତା ପ୍ରାପ୍ତି ପରେ ବି କିଛି ପରିବର୍ତ୍ତନ ହୋଇନାହିଁ । ଲୋକମାନଙ୍କୁ ଆକର୍ଷିତ କରିବାର କ୍ଷମତା ଉକ୍ତ ଅଞ୍ଚଳ ହରାଇ ବସିଛି ।

୩ - ଘ) ୪. ଗ

## ୨୫.୩

୧. ସମାଜର ମୂଖ୍ୟ ଅନୁନ୍ନତ ଗୋଷ୍ଠୀ ଭାବେ, ଆଦିବାସୀ, ହରିଜନ, ଅନ୍ୟ ଅନଗ୍ରସର ଜାତି, ମହିଳା ଏବଂ ସଂଖ୍ୟାଲଘୁ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି ।

୨. ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକଙ୍କ କ୍ଷମତା ବିସ୍ତାର ପାଇଁ ବର୍ତ୍ତମାନ ସୁଦ୍ଧା ନିଆଯାଇଥିବା ପଦକ୍ଷେପ - କାରଣଗୁଡିକ ହେଲା -

କ) ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଓ ମାଗଣା ବହି ଯୋଗାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି ।

ଖ) ଆଦିବାସୀ ଓ ହରିଜନ ପିଲାଙ୍କ ପାଇଁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ନଭୋଦୟ ବିଦ୍ୟାଳୟ ସ୍ଥାପନ ଓ ଜାତୀୟ ମେଧା ଅନ୍ୱେଷଣ ବୃତ୍ତି ଯୋଜନାମାନ କାର୍ଯ୍ୟକାରୀ ହେଉଛି ।

ଗ) NSFDC, NSKFDC, NSTFDC, SCDC, STDC ପ୍ରଭୃତି ସଂସ୍ଥାମାନ ଆଦିବାସୀ ଓ ହରିଜନମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛି ।

ଘ) TRIFED ଆଦିବାସୀମାନଙ୍କୁ ଜଙ୍ଗଲଜାତ ଦ୍ରବ୍ୟର ବଜାର ସୁବିଧା ସୁଯୋଗ ଯୋଗାଇ ଦେଉଛି ।

୩. ସମାଜରେ ମହିଳାମାନଙ୍କ କ୍ଷମତା ବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ଯଥେଷ୍ଟ ନୁହେଁ, କାରଣ

କ) ସମାଜର ଦୁର୍ବଳ ଶ୍ରେଣୀର ମହିଳାମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଉତ୍ପାଦନ ଭିତ୍ତିକ ସଂସ୍ଥାମାନଙ୍କରେ ଅଧିକ ସଂଖ୍ୟାରେ ପ୍ରବେଶ କରିପାରୁନାହାନ୍ତି ।

ଖ) ସେମାନଙ୍କ ଭିତରୁ ଅଧିକାଂଶ ଦରିଦ୍ର ଓ ସମାଜରୁ ଅଲଗା ଅଟନ୍ତି ।

୪. ସର୍ଭେ କେବଳ ଛାତ୍ରମାନଙ୍କ ଦ୍ୱାରା ହେବା ଉଚିତ୍ ।

**ମୂଲ୍ୟାଙ୍କ ଚାବି**

| ଶିକ୍ଷା ଉଦ୍ଦେଶ୍ୟ | ମୂଲ୍ୟାଙ୍କନ ପଦ୍ଧତି | ନମ୍ବର ଦେବା ପ୍ରଣାଳୀ |
|---|---|---|
| ସାମାଜିକ ଓ ଅର୍ଥନୈତିକ ବିକାଶରେ ଲିଙ୍ଗଗତ ପାର୍ଥକ୍ୟ ସମସ୍ୟାର ବର୍ଣ୍ଣନା କରିବ । | ଛୋଟ ସର୍ଭେ କରାଯିବ | **ସ୍ତର-୧** (ନମ୍ବର ୦-୩୩%) ଉତ୍ତର ଦେଇ ଥିବା ବ୍ୟକ୍ତି ତିନୋଟି ପ୍ରଶ୍ନରୁ ଗୋଟିଏ ଉତ୍ତର ଦେଲେ । **ସ୍ତର - ୨** (ନମ୍ବର ୨୪-୫୫%) ଯଦି ଦୁଇଟି ଉତ୍ତର ମିଳେ **ସ୍ତର - ୩** (ନମ୍ବର୫୬-୭୫%) ତିନୋଟି ପ୍ରଶ୍ନର ଉତ୍ତର ମିଳିଲେ **ସ୍ତର -୪** (ନମ୍ବର ୭୬-୧୦୦%) ସମସ୍ତ ଉତ୍ତର ମିଳିବା ପାଇଁ। |

**୨୫.୪**

୧. (କ) ବିଦ୍ୟାଳୟକୁ ଯିବା ବୟସର ପିଲାମାନେ

(ଖ) ବୟସ୍କ ନିରକ୍ଷର

୨. (କ) ପ୍ରତି ଏକ ହଜାରରେ ଥିବା ମୃତ୍ୟୁ ହାର ୨୭.୪ରୁ ୮.୫କୁ ୨୦୦୧ ସୁଦ୍ଧା କମିଯାଇଛି ।

(ଖ) ୨୦୦୧ ମସିହା ସୁଦ୍ଧା ପ୍ରତି ୧୦୦୦ରେ ପିଲା ମୃତ୍ୟୁ ହାର ୧୩୪ରୁ ୭୧କୁ ଖସି ଆସିଛି ।

(ଗ) ଦୀର୍ଘ ବଞ୍ଚିବା ସମୟ ୧୯୪୭ ମସିହାରେ ୩୨ ଥିବାବେଳେ ୨୦୦୧ରେ ଏହା ୬୫ ବର୍ଷ ହୋଇଛି ।

(ଘ) ବିଭିନ୍ନ ରୋଗ, ଲେପାର୍ସି, ପୋଲିଓ, ଟିଟାନସ୍ ପ୍ରଭୃତି ରୋଗ ନିରାକରଣ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଛି ।

୩. ବର୍ତ୍ତମାନ ଭାରତ ସରକାର ସ୍ୱାକ୍ଷରତା ପାଇଁ ଏକ ସାମୁହିକ ପ୍ରଚେଷ୍ଟା କରିବାକୁ ନିଷ୍ପତ୍ତି କରିଛନ୍ତି । ସମ୍ପୂର୍ଣ୍ଣ ସ୍ୱାକ୍ଷରତା ଅଭିଯାନ ଓ ତା ପରବର୍ତ୍ତୀ ସ୍ୱାକ୍ଷରତା ଅଭିଯାନ ଗୋଟିଏ କାର୍ଯ୍ୟକ୍ରମରେ ଚାଲିବ । ଯଦ୍ୱାରା ଉକ୍ତ କାର୍ଯ୍ୟକ୍ରମରେ ସଫଳତା ନିଶ୍ଚୟ ମିଳିବ ।

୪. ଦେଶରେ ସ୍ୱାସ୍ଥ୍ୟ ସୁବିଧାରେ ସୁଷମ ବଣ୍ଟନ ହୋଇପାରିନାହିଁ । ମୂଖ୍ୟତଃ ସହରାଞ୍ଚଳର ବାସିନ୍ଦାମାନେ ଏହାର ଅନେକ ଭାଗ ସୁଯୋଗ ପାଉଛନ୍ତି । ଉକ୍ତ ଅସମାନତା ଦୂରୀକରଣ ପାଇଁ ଭାରତ ସରକାର, ଜାତୀୟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ମିଶନ ପ୍ରତିଷ୍ଠା କରି ଅସମାନତା ଦୂର କରିବା ପାଇଁ ଉଦ୍ୟମ କରୁଛନ୍ତି ।

# ୨୬

# ପରିବେଶ ଅବନତି ଓ ଦୁର୍ଦ୍ଦଶାପୂର୍ଣ୍ଣ ବିପତ୍ତିର ପରିଚାଳନା

ତୁମେ ଯଦି ଗ୍ରାମରେ ରହୁଥାଅ କୃଷିକାର୍ଯ୍ୟ ଓ ଘର ତିଆରି ପାଇଁ ଗଛ କଟାଯିବା ନିଶ୍ଚୟ ଦେଖିଥିବ। ଏହାମଧ୍ୟ ତୁମ ଦୃଷ୍ଟିକୁ ଆସିଥିବ ଯେ, ପୂର୍ବରୁ କ୍ଷୁଦ୍ର କ୍ଷୁଦ୍ର ପାଣି ଜମୁଥିବା ସ୍ଥାନ, ବର୍ତ୍ତମାନ ଆଉ ଦେଖିବାକୁ ମିଳୁନାହିଁ। ତୁମେ ଯଦି କୌଣସି ସହର ବାସିନ୍ଦା ହୋଇଥିବ, ରାସ୍ତାଘାଟ ଓ ଘର ତିଆରି ପାଇଁ ଗଛକଟା ଯିବାର ଦୃଶ୍ୟ ଦେଖିଥିବ। ଆମେ ସମସ୍ତେ ଅନୁଭବ କରୁଛେ, ବିଭିନ୍ନ ଗାଡିମଟର ଓ କଳକାରଖାନାରୁ ନିର୍ଗତ କାର୍ବନ ମନୋକ୍ସାଇଡ୍ ଦୂଷିତ ବାୟୁ ଯୋଗୁ ବାୟୁ ପ୍ରଦୂଷଣ ହେଉଛି। ବିଭିନ୍ନ ସମ୍ବାଦପତ୍ର ପଢ଼ି, ରେଡିଓ ଓ ଦୂରଦର୍ଶନ ପରଦାରେ ହେଉଥିବା ଆଲୋଚନାରୁ ଆମେ ଜାଣିବାକୁ ପାଉଛେ ଯେ, କିପରି ନଦୀର ଜଳ ଏବଂ ଭୂତଳ ଜଳ ସ୍ତର ନିମ୍ନ ଅଂଶକୁ ଚାଲିଯାଉଛି ଓ ଦୂଷିତ ମଧ୍ୟ ହୋଇଯାଉଛି। ପାହାଡ଼ିଆ ଅଞ୍ଚଳମାନଙ୍କରେ, ଲୋକମାନଙ୍କ ଆବଶ୍ୟକତା ପାଇଁ ଜଙ୍ଗଲରେ ଥିବା ଗଛଗୁଡିକୁ କଟା ଯାଉଛି। ଆମେ ସମସ୍ତେ ଜାଣୁଅଛେ ଯେ, ଏହାଦ୍ୱାରା ଆମର ପରିବେଶ ନଷ୍ଟହୋଇ ଯାଉଛି। ଉକ୍ତ ପରିବେଶର ଅବନତି ବହୁ ଦୁର୍ଦ୍ଦଶାପୂର୍ଣ୍ଣ ପ୍ରାକୃତିକ ବିପର୍ଯ୍ୟୟକୁ ନିମନ୍ତ୍ରଣ କରୁଛି। ତୁମେମାନେ ଏଭଳି ବିପଦପୂର୍ଣ୍ଣ ଘଟଣା ନିଶ୍ଚୟ ଶୁଣିଥିବ। ଏଗୁଡିକ ଯଥା – ଭୋପାଳ ଗ୍ୟାସ ଦୁର୍ଘଟଣା, ସୁନାମି, ଭୂମିକମ୍ପନ, ଇଂଲଣ୍ଡ କୁହୁଡି ଦୁର୍ଘଟଣା ପ୍ରଭୃତି ଅନ୍ୟତମ। ଆମ୍ଭେମାନେ, ପରିବେଶର ଅବନତି ଓ ଏହା କିପରି ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ପରିଚାଳନାକୁ ପ୍ରଭାବିତ କରୁଛି, ଏହି ପାଠ୍ୟରେ ଆଲୋଚନା କରିବା।

## ଉଦ୍ଦେଶ୍ୟ

ଏହି ପାଠ୍ୟବସ୍ତୁ ସମାପ୍ତପରେ, ତୁମେ ନିମ୍ନଲିଖିତ ବିଷୟଗତ ପ୍ରଶ୍ନର ଉତ୍ତର ଦେଇପାରିବ।

- ପରିବେଶ ଓ ପରିବେଶ ଅବନତି କ'ଣ ?
- ପରିବେଶର ବିଭିନ୍ନ ପ୍ରାକୃତିକ ଓ ଜୈବିକ ଉପାଦାନ ଗୁଡିକୁ ଚିହ୍ନଟ କରିବା।
- ପରିବେଶ ଅବନତିର ବିଭିନ୍ନ କାରଣ ଓ କେଉଁ ବାଟରେ ମନୁଷ୍ୟ ପରିବେଶରେ ହସ୍ତକ୍ଷେପ କରୁଛି।
- ପରିବେଶ ଅବନତିର ଫଳାଫଳ ଗୁଡିକୁ ଅନୁମାନ କରିହେବ।
- ପରିବେଶ ସୁରକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିବା।

- ପରିବେଶ ଅବନତି ଓ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ସଂପର୍କ ସ୍ଥାପନ।
- ବିକାଶ ପଥରେ ପ୍ରାକୃତିକ ବିପର୍ଯ୍ୟୟ ଓ ଘୋର ବିପତ୍ତିର ପ୍ରଭାବ।
- ପରିବେଶର ସୁରକ୍ଷା ଓ ପରିଚାଳନାରେ ବ୍ୟକ୍ତି ଓ ସମାଜର ଭୂମିକା।
- ଘୋର ବିପତ୍ତିର ପରିଚାଳନା ପାଇଁ ବିଭିନ୍ନ ଯୋଜନା ବିଷୟରେ ପରାମର୍ଶ ଦେବା।
- ପ୍ରାକୃତିକ ବିପର୍ଯ୍ୟୟ ଓ ବିପତ୍ତି ପରିଚାଳନା ପାଇଁ କିଛି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ତିଆରି କରିବା।

## ୨୬.୧ ପରିବେଶ ଅର୍ଥ

ବର୍ତ୍ତମାନ ପରିବେଶ ଓ ପରିବେଶର ଅବନତି ସଂପର୍କରେ ଆଲୋଚନା କରିବା। ସାଧାରଣତଃ, ପରିବେଶ କହିଲେ, ଆମ ଚତୁଃପାର୍ଶ୍ୱରେ ଥିବା ସମସ୍ତ ମୌଳିକ ଉପାଦାନ, ପ୍ରକ୍ରିୟା ଓ ଅବସ୍ଥା ଓ ସେମାନଙ୍କର ସହ ଆମ ସଂପର୍କକୁ ନିର୍ଦ୍ଦେଶ କରିଥାଏ। ତୁମେ, ସାମାଜିକ ପରିବେଶ, ରାଜନୈତିକ ପରିବେଶ, ବିଦ୍ୟାଳୟ ପରିବେଶ, ପ୍ରଭୃତିର ନାମ ଶୁଣିଥିବ। ଆମ ଆଲୋଚନାର ବିଷୟଥିବା "ପରିବେଶର" ଅଲଗା ଅର୍ଥ ରହିଛି।

### ଅଭ୍ୟାସ ୨୬.୧

ଉପରିଲିଖିତ ଉଦାହରଣର ସାହାଯ୍ୟ ନେଇ, ତୁମେ ଅନ୍ୟ ୪ଟି ବାକ୍ୟାଂଶ ଲେଖ ଯେଉଁଥିରେ "ପରିବେଶ" ଶବ୍ଦ ଥିବ।

ପରିବେଶକୁ ଆମ ଚତୁଃପାର୍ଶ୍ୱରେ ପରସ୍ପରକୁ ପ୍ରଭାବିତ କରୁଥିବା ସମସ୍ତ ଜୈବ ଓ ଅଜୈବ ପଦାର୍ଥ ମାନଙ୍କର ଏକ ସମଷ୍ଟି ବୋଲି ଗ୍ରହଣ କରାଯାଇପାରେ। ପରିବେଶ ହେଉଛି ଏକ ଶକ୍ତିଶାଳୀ ତତ୍ତ୍ୱ ଯାହା ଏକ ସଜୀବ ପଦାର୍ଥ ତାହାର ପରିପାର୍ଶ୍ୱରେ ଥିବା ଜୀବିତ ଓ ବସ୍ତୁମାନଙ୍କ ସହ ସମ୍ବନ୍ଧକୁ ପରିବେଷ୍ଟିତ କରିଥାଏ।

ବର୍ତ୍ତମାନ ଆମେ, ଗୋଟିଏ ଉପଯୁକ୍ତ ଉଦାହରଣ ଦ୍ୱାରା ଏହାର ସଂଜ୍ଞା ବାଛିବାକୁ ଚେଷ୍ଟା କରିବା।

ନିମ୍ନରେ ଥିବା ଚିତ୍ର ୨୬.୧ରେ ତୁମେ ଏକ ଉଦ୍ୟାନର ଚିତ୍ର ଦେଖୁଛ। ଏଠାରେ ଗଛ, ଫୁଲ, ଘାସ, ପ୍ରଜାପତି ଏବଂ ପୁରୁଷ, ସ୍ତ୍ରୀ ଓ ତାଙ୍କର ଦୁଇଟି ପିଲାଙ୍କ ଛବି ଦେଖୁଛ। ପିଲାମାନଙ୍କ ପାଇଁ ପରିବେଶ, ଉଦ୍ୟାନ, ଫୁଲ, ଫଳ, ଗଛ, ଖେଳନା, ବାୟୁ ଓ ଜଳ ପ୍ରଭୃତିକୁ ଧାରଣ କରିଛି। ପୋଖରୀରେ ମାଛ ଅଛନ୍ତି। କିନ୍ତୁ ମାଛ ପାଇଁ ଏହା ଏଭଳି ନୁହେଁ। ସେମାନଙ୍କର ପରିବେଶ, ପୋଖରୀ ଭିତରର ଚତୁଃପାର୍ଶ୍ୱ ଅଟେ। ପୋଖରୀରେ ଥିବା ସମସ୍ତ ସଜୀବ ଓ ନିର୍ଜୀବ ବସ୍ତୁ ମାଛପାଇଁ ପରିବେଶ ସୃଷ୍ଟି କରୁଛି ତେଣୁ, ମଣିଷ, ପ୍ରାଣୀ ଓ ଉଦ୍ଭିଦ ପାଇଁ ପରିବେଶର ଅର୍ଥ ସବୁକିଛି ଅଟେ, ଯାହା ତାର ଚତୁଃପାର୍ଶ୍ୱରେ ଅଛି। ଆମେ ଦେଖୁଅଛୁ ଯେ, ପ୍ରତ୍ୟେକ ଅଣୁଜୀବରେ ପରିବେଶ ଦୁଇଟି ମୁଖ୍ୟ ଉପାଦାନ, ଯାହାକୁ ସଜୀବ ଓ ନିର୍ଜୀବ କୁହାଯାଏ। ସଜୀବ ଉପାଦନାକୁ ବାଇଓଟିକ୍ କୁହାଯାଏ ଯାହା ସମସ୍ତ ପ୍ରକାର ଅଣୁଜୀବର ସମାହାର ଯଥା: ମଣିଷ, ଉଦ୍ଭିଦ ପ୍ରାଣୀ ଓ ଅନ୍ୟାନ୍ୟ ଅଣୁଜୀବ ଓ ସେମାନଙ୍କର ଖାଦ୍ୟ ଓ ପରିବେଶର ସଂପର୍କକୁ ବୁଝାଯାଏ।



ଚିତ୍ର ୨୬.୧ ( ସ୍ୱାମୀ, ସ୍ତ୍ରୀ ପାର୍କରେ ଖେଳୁଥିବାର ଦୃଶ୍ୟ)

ପରିବେଶର ଦ୍ୱିତୀୟ ଉପାଦାନ "ନିର୍ଜୀବ" ଯାହାକୁ ଆବି ଓ ଟିକ୍ କୁହାଯାଏ । ସୂର୍ଯ୍ୟକିରଣ, ମାଟି, ବାୟୁ, ଜଳ, ଭୂମି ଓ ଜଳବାୟୁ ପ୍ରଭୃତି ଏହାର ଅନ୍ତର୍ଭୁକ୍ତ ଅଟେ ।

### ଅଭ୍ୟାସ ୨୬.୨

ଏହି କିସମର ପରିବେଶକୁ ଭଲଭାବେ ବୁଝିବା ପାଇଁ ତୁମ ପରିବେଶର ଦୁଇଟି ତାଲିକା ପ୍ରସ୍ତୁତ କର । ଗୋଟିଏ ସଜୀବ ମାନଙ୍କର ଓ ଅନ୍ୟଟି ନିର୍ଜୀବ ମାନଙ୍କର ହୋଇଥିବ ।

## ୨୬.୨ ପରିବେଶର ପ୍ରକାରଭେଦ

ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକରି, ଉପାଦାନ ମାନଙ୍କ ଭିତରେ, ପରିବେଶକୁ ନାନା ପ୍ରକାର ବିଭାଗରେ ବିଭକ୍ତ କରାଯାଇପାରେ । ଉପରଲିଖିତ ଆଲୋଚନାରେ କୁହାଯାଇଛି ଯେ, ପରିବେଶ, ସାମାଜିକ, ରାଜନୈତିକ, ଶୈକ୍ଷିକ ଓ ବିଦ୍ୟାଳୟ ପରିବେଶ ହୋଇପାରେ । ଉପରୋକ୍ତ ବିଭଗୀକରଣ ଏକ ନିର୍ଦ୍ଦିଷ୍ଟ ତଥ୍ୟକୁ ନେଇ କରାଯାଇଅଛି । କିନ୍ତୁ ଆମେ ଯେଉଁ ପରିବେଶ ବିଷୟରେ ଆଲୋଚନା କରୁଛେ, ତାହା ବିବର୍ତ୍ତନ ଓ ସୃଷ୍ଟିକୁ ଆଧାରକରି ବିଭାଗ କରାଯାଇଛି । ଏ ଦୃଷ୍ଟିରୁ, ପରିବେଶକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଅଛି । ଏହା ପ୍ରାକୃତିକ ପରିବେଶ ଓ ମାନବୀୟ ପରିବେଶ ନାମରେ ପରିଚିତ ।


### ପ୍ରାକୃତିକ ପରିବେଶ:

ଏହା ସଜୀବ ଓ ନିର୍ଜୀବ ବସ୍ତୁ ମାନଙ୍କର ସମାହାର ଅଟେ । ଏହି ପରିବେଶ ପ୍ରାକୃତିକ ଉପାୟରେ ପୃଥିବୀ ପୃଷ୍ଠକୁ ଆସିଛି । ଏହା ବାସସ୍ଥାନର ପ୍ରକୃତିକୁ ଅନ୍ତର୍ଭୁକ୍ତ କରେ । ବାସସ୍ଥାନ, ଭୂମି, ସମୁଦ୍ର, ମାଟି ଓ ଜଳ ବି ହୋଇପାରେ । ଏହା ମଧ୍ୟ ବାସସ୍ଥାନ, ଜଳବାୟୁ, ବିଭିନ୍ନ ଅଣୁଜୀବର ରାସାୟନିକ ଉପାଦାନ ଓ ପ୍ରାକୃତିକ ଧର୍ମର ଅନ୍ତର୍ଭୁକ୍ତ ହୋଇପାରେ । ଉଭୟ ସଜୀବ ଓ ନିର୍ଜୀବ ଉପାଦାନକୁ ନେଇ ପ୍ରାକୃତିକ ପରିବେଶର ସୃଷ୍ଟି, ଯାହା ପ୍ରାକୃତିକ ପ୍ରକ୍ରିୟାରେ ହୋଇଥାଏ । ଏହା ସତ୍ୟ ଯେ, ମଣିଷ ବାସକରୁଥିବା ପରିବେଶରେ ଥିବା ସଜୀବ ଓ ନିର୍ଜୀବ

ଉପାଦାନ ଗୁଡିକ ମଣିଷ ଉପରେ ପ୍ରଭାବ ପକାଇଥାନ୍ତି ଓ ଏମାନେ ମଧ୍ୟ ବିଭିନ୍ନ ବାଟରେ ନିଜକୁ ଖାପଖୁଆଇବାର କୌଶଳ ଶିକ୍ଷା କରନ୍ତି । କିନ୍ତୁ ପ୍ରାକୃତିକ ପ୍ରକ୍ରିୟାରେ ସୃଷ୍ଟି ପରିବେଶ ଉପରେ ମନୁଷ୍ୟର କୌଣସି ଭୂମିକା ନଥାଏ ।


## ମନୁଷ୍ୟକୃତ ପରିବେଶ:

ମନୁଷ୍ୟ ନିଜର ବ୍ୟବହାର ନିମିତ୍ତ ଯେଉଁସବୁ ଉପାଦାନ ଗୁଡ଼ିକୁ ତିଆରି କରେ, ତାହାକୁ ମନୁଷ୍ୟକୃତ ପରିବେଶ କୁହାଯାଏ । ଉଦାହରଣ ସ୍ୱରୂପ, ଗୃହ, ରାସ୍ତା, ରେଳରାସ୍ତା, ବିଦ୍ୟାଳୟ, ଚିକିତ୍ସାଳୟ ଓ ଉଦ୍ୟାନ ଇତ୍ୟାଦି ଏହି ପରିବେଶର କେତେକ ଅଂଶବିଶେଷ ଅଟେ । ସାଧାରଣତଃ ଯେ କୌଣସି ସ୍ଥାନରେ ପରିବେଶ ହେଉଛି ତାର ପ୍ରକୃତି ଓ ମନୁଷ୍ୟକୃତ ଅଂଶଗୁଡ଼ିକର ସମାହାର । ତଥାପି ମଣିଷ, ମଣିଷକୃତ ଉପାଦାନ ଗୁଡ଼ିକୁ ତିଆରି କରିବାରେ ପ୍ରାକୃତିକ ପରିବେଶର ସହାୟତା ଲୋଡ଼ିଥାଏ ।




ଛବି - ୨୬.୨ ( ପରିବେଶର ବିଭାଗୀକରଣ)

ଆଉ ଏକ ପ୍ରକାରର ପରିବେଶ ଅଛି ଯାହା ମନୁଷ୍ୟ ଜୀବନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହାକୁ ସାମାଜିକ ପରିବେଶ କୁହାଯାଏ । ମଣିଷ ବଞ୍ଚିବା ପାଇଁ ଓ ପରସ୍ପର କାର୍ଯ୍ୟ କରିବା ପାଇଁ କିଛି ସାଂସ୍କୃତିକ ଭିତ୍ତିଭୂମି ଆବଶ୍ୟକ କରେ, ଯେଉଁଠାରେ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଧାର୍ମିକ ଅନୁଷ୍ଠାନମାନ ଥାଏ । ଉକ୍ତ ଅନୁଷ୍ଠାନ ମାନଙ୍କୁ ସାମାଜିକ ପରିବେଶରେ ଅନ୍ତର୍ଭୁକ୍ତ କରାଯାଏ ।




ଚିତ୍ର - ୨୬.୩ ( ପରିବେଶର ଉଦ୍ୟାନ)

## ୨୬.୩ ପରିବେଶର ଗତିଶୀଳତା ଓ ପ୍ରକାର ଭେଦ

ପରିବେଶ ସର୍ବଦା ଗତିଶୀଳ ଓ ପରିବର୍ତ୍ତନଶୀଳ ଅଟେ। ଉଭୟ ସଜୀବ ଓ ନିର୍ଜୀବ ପଦାର୍ଥର ପ୍ରକୃତି ସର୍ବଦା ଗତିଶୀଳ ହେବ। ବର୍ତ୍ତମାନ ଆମେ ଗତିଶୀଳତା ଅର୍ଥ କ'ଣ ଓ ଏହା କିପରି କାମକରେ ବୁଝିବାକୁ ଚେଷ୍ଟାକରିବା। ପରିବେଶ ସବୁସ୍ଥାନରେ ସମାନ ନୁହେଁ ଓ ଏହା ବିଭିନ୍ନ ସମୟ ବ୍ୟବଧାନରେ ଏକାଭଳି ଦେଖାଯାଏ ନାହିଁ। ଉଦାହରଣ ସ୍ୱରୂପ, ହିମାଳୟର ପରିବେଶ, ଭାରତୀୟ ମରୁଭୂମିର ପରିବେଶ ଠାରୁ ଅଲଗା ଓ ଏହା ବର୍ଷବର୍ଷଧରି ଏପରି ରହି ଆସିଛି। ବିଭିନ୍ନ ଋତୁରେ ବାୟୁମଣ୍ଡଳୀୟ ଅବସ୍ଥା ପରିବର୍ତ୍ତନ ହୁଏ। ତୁମେ ଯଦି ଏକା ସ୍ଥାନର ପରିବେଶ ପ୍ରକ୍ରିୟାକୁ ୨୦ କିମ୍ବା ୩୦ବର୍ଷଧରି ଅନୁଧ୍ୟାନ କରିବ, ତୁମେ ଦେଖିବ, ଉକ୍ତ ସ୍ଥାନର ପରିବେଶ ପରିବର୍ତ୍ତନ ହୋଇସାରିଛି। କିଛି ପରିବର୍ତ୍ତନ ପ୍ରାକୃତିକ ଓ ଆଉକିଛି ପରିବର୍ତ୍ତନ ମଣିଷକୃତ ହୋଇଥିବ।

ମନୁଷ୍ୟକୃତ ପରିବେଶ, କିଛିଦିନ ଭିତରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି। ମଣିଷ ବାସକରୁଥିବା ସ୍ଥାନରେ ଏହାର ଆଶାତୀତ ପରିବର୍ତ୍ତନ ଘଟୁଛି। ନଭଶ୍ଚୁମ୍ବୀ ପ୍ରାସାଦ, ଯାହା ତୁମେ ବିଭିନ୍ନ ନଗରରେ ଦେଖୁଛ। ୨୦ବର୍ଷ ତଳେ ଏହା ସେଠାରେ ନଥିଲା। ଅଧିକାଂଶ ଗ୍ରାମାଞ୍ଚଳ, ସହର ଓ ନଗରରେ ପରିଣତ ହୋଇଛି। ସେ ଅନୁପାତରେ ରାସ୍ତାଘାଟ ଓ ଯୋଗାଯୋଗର ମଧ୍ୟ ପରିବର୍ତ୍ତନ ହୋଇଛି। ଏହି ସବୁ ପରିବର୍ତ୍ତନ, ପରିବେଶର ଗତିଶୀଳତାକୁ ବୁଝାଇଥାଏ। ଚିନ୍ତାକର, ଭାବ ଓ ବୁଝ, ତୁମେ ବାସ କରୁଥିବା ମନୁଷ୍ୟକୃତ ସହର ବା ଗ୍ରାମାଞ୍ଚଳରେ କେତେ ପରିମାଣରେ ପରିବର୍ତ୍ତନ ଘଟିଛି ବା ଘଟିବାକୁ ଯାଉଛି।

( ପରିବେଶର ପ୍ରକୃତି ସର୍ବଦା ଗତିଶୀଳ ଓ ପରିବର୍ତ୍ତନ ହେବାରେ ଲାଗିଛି)

### ପାଠଗତ ପ୍ରଶ୍ନାବଳୀ ୨୬.୧

୧. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସଜୀବ ଓ ନିର୍ଜୀବ ପଦାର୍ଥ ବାକ୍ସରେ ରଖ। ଜଳ, ଉଦ୍ଭିଦ, ମାଟି, ପ୍ରାଣୀ, ନିଆଁ, ଅଣୁଜୀବ, ଅଞ୍ଚଳ, ବୀଜାଣୁ।

| ସଜୀବ | ନିର୍ଜୀବ |
|---|---|
| | |

୨. ଉପଯୁକ୍ତ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର।

(କ) ପରିବେଶକୁ __________ ଓ __________ ଭାଗରେ ବିଭକ୍ତ କରାଯାଏ।

(ଖ) ପରିବେଶର ବିଭାଗୀକରଣ ମଧ୍ୟ __________ କୁଆଧାର କରି, କରାଯାଇପାରେ।

(ଗ) ରାସ୍ତାଘାଟ, ପକ୍କାଘର ଓ ବିଦ୍ୟାଳୟ ପ୍ରଭୃତି __________ ପରିବେଶର ଅଂଶ।

(ଘ) ପରିବେଶ ସର୍ବଦା ଗତିଶୀଳ କାରଣ __________।

୩. ତୁମ ଚତୁଃପାର୍ଶ୍ୱରେ ଥିବା ବସ୍ତୁ ଗୁଡିକର ୨ଟି ତାଲିକା କର। ତୁମର ନିହାତି ଆବଶ୍ୟକ ବସ୍ତୁର ଏକ ତାଲିକା ଓ ବିଶେଷ ଆବଶ୍ୟକ ହେଉନଥିବା ବସ୍ତୁର ଏକ ତାଲିକା ପ୍ରସ୍ତୁତ କର।

## ୨୬.୪ ପରିବେଶର ଗୁରୁତ୍ୱ

ଆମେ ସବୁବେଳେ କହୁଛେ ଯେ, ବଞ୍ଚିରହିବା ପାଇଁ ପରିବେଶର ଜରୁରୀ ଆବଶ୍ୟକତା ରହିଛି। ତୁମେ କେବେ ଭାବିଛ କି, କାହିଁକି ଏପରି କୁହାଯାଇଛି ? ପରିବେଶ ଆମ ଜୀବନ ପ୍ରକ୍ରିୟାର ସହଯୋଗୀ ଅଟେ। ପ୍ରକୃତିରେ, ସମସ୍ତ ଜୈବ ବସ୍ତୁର ବୃଦ୍ଧି, ବିକାଶ ଓ ବଞ୍ଚିବାକୁ ଏହା ପ୍ରଭାବିତ କରିଥାଏ। ଆମର ସମସ୍ତ ପ୍ରକାର ଆବଶ୍ୟକତାକୁ ଏହା ପୂରଣ କରେ। ଆମେ ଆମର ଖାଦ୍ୟ, ଆଶ୍ରୟ, ଜଳ, ବାୟୁ, ମାଟି, ଶକ୍ତି, ଔଷଧ, କଞ୍ଚାମାଲ ଓ ଅନ୍ୟାନ୍ୟ ବସ୍ତୁପାଇଁ ପରିବେଶ ଉପରେ ନିର୍ଭର କରୁ। ସୂର୍ଯ୍ୟକିରଣର କ୍ଷତିକାରକ ବିକିରଣ ଠାରୁ ଏହା ସମସ୍ତ ପ୍ରକାରର ଜୀବନକୁ ନିରାପତ୍ତା ଦିଏ ଓ ବାୟୁମଣ୍ଡଳର ସମସ୍ତ ଉପାଦାନ ମାନଙ୍କ ମଧ୍ୟରେ ଆନୁପାତିକ ସମତା ରକ୍ଷା କରିବାରେ ସାହାଯ୍ୟ କରେ। ପରିବେଶ, ସଜୀବ ସଂପ୍ରଦାୟ ପାଇଁ ଏସବୁ ଉପକାର କରିବା ସତ୍ତ୍ୱେ, ଏହା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ଏହାର ଅର୍ଥ ନୁହେଁ ଯେ, ପରିବେଶର ସଂପଦ ଗୁଡିକୁ ଅବିବେକ ଭାବେ ବ୍ୟବହାର କରାଯାଉଛି। କିନ୍ତୁ ଏହା ସତ୍ୟ ଯେ, ଏହାର ଅବନତି ପାଇଁ ଆମେ ପ୍ରତ୍ୟେକଭାବେ ଦାୟୀ ଅଟୁ।

**? ତୁମେ ଜାଣ କି**

ବିଶ୍ୱର ୧୦ଟି ସତର୍କଘଣ୍ଟି ମଧ୍ୟରୁ ପରିବେଶ ଅବନତି ଅନ୍ୟତମ। ଏହା ଆମେରିକାର ଉଚ୍ଚ-ସ୍ତରର ସତର୍କ ସୂଚନାକାରୀ ମାନଙ୍କ ସତର୍କଘଣ୍ଟି ଅଟେ। ପୃଥିବୀ ସଂପଦ ଅନୁଷ୍ଠାନ (WRI), ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (UNEP), ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (UNDP) ଓ ପୃଥିବୀ ବ୍ୟାଙ୍କ ପ୍ରଭୃତି ଅନୁଷ୍ଠାନ ୧୯୯୮ ମସିହା ମେ ମାସ ୧ ତାରିଖରେ ସେମାନଙ୍କ ବିବରଣୀରେ ସ୍ୱାସ୍ଥ୍ୟ ଓ ପରିବେଶ ସମ୍ବନ୍ଧରେ ଏଭଳି ସୂଚନା ଦର୍ଶାଇଛନ୍ତି।

## ୨୬.୫ ପରିବେଶ ଅବନତି

ପରିବେଶ ଅବନତି କ'ଣ ? ଏହା ଏକ ପ୍ରକ୍ରିୟା, ଯାହାଦ୍ୱାରା ପରିବେଶ (ବାୟୁ, ଜଳ ଓ ଭୂମି) ବିଶେଷଭାବେ ଦୂଷିତ ହୁଏ, ବା ନଷ୍ଟକରି ଦିଆଯାଏ। ଯେତେବେଳେ ପରିବେଶ ନଷ୍ଟହୁଏ, ଏହାର ଅବନତି ଆରମ୍ଭ ହୁଏ। ନିର୍ଦ୍ଦିଷ୍ଟ ଭାବେ କହିଲେ, ଜଳ, ଭୂମି ଓ ବାୟୁ, ମୃତ୍ତିକା, ଜଙ୍ଗଲର ପ୍ରଭୃତିର ଦୂଷିତ ଅବସ୍ଥାକୁ ପରିବେଶର ଅବନତି କୁହାଯାଏ। ଆମର ଦୈନନ୍ଦିନ ଜୀବନର ଅଭିଜ୍ଞତାକୁ ମନେପକାଯାଉ। ଭବିଷ୍ୟତ କଥା ଚିନ୍ତା ନକରି, ଆମେ ଜଳ, ମାଟି,

ଗଛ, କୋଇଲା,ପେଟ୍ରୋଲ ପ୍ରଭୃତି ସଂପଦକୁ ବ୍ୟବହାର କରୁଛୁ। ଆମେ ପରିବେଶର ସନ୍ତୁଳିତ ଅବସ୍ଥାରେ ଅଯଥା ହସ୍ତକ୍ଷେପକରି ଜଙ୍ଗଲରେ ରହୁଥିବା ପ୍ରାଣୀମାନଙ୍କୁ ବିନାଶ କରୁଛୁ। ଏଭଳି ବହୁ ପ୍ରକାରର ପରିବେଶ ଅବନତିର ଉଦାହରଣମାନ ରହିଛି। ଯେତେବେଳେ କୌଣସି ପରିବେଶର ଜୀବମାନେ ନଷ୍ଟ ହୋଇଯାନ୍ତି, ଏହାର ଜୀବ ବିଭିନ୍ନତା ମଧ୍ୟ ନଷ୍ଟ ହୋଇଯାଏ ଓ ପରିବେଶ ପ୍ରଭାବିତ ହୁଏ।

## ୨୬.୬ ପରିବେଶ ଅବନତିର କାରଣ

ବର୍ତ୍ତମାନ ସୁଦ୍ଧା ହୋଇଥିବା ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ମଣିଷ ସମାଜ ଓ ଅନ୍ୟ ଜୀବସଂସ୍ଥା ବଞ୍ଚିରହିବା ପାଇଁ ସୁସ୍ଥ ପରିବେଶ ଅପରିହାର୍ଯ୍ୟ। କିନ୍ତୁ ପରିବେଶ ଅବନତି ଅହରହ ଚାଲିଛି। ସବୁବେଳେ ଆମକୁ ସତର୍କ କରି ଦିଆଯାଉଅଛି ଯେ, ପରିବେଶ ଅବନତିର ଫଳାଫଳ ଯଥା : ପୃଥିବୀର ଉତ୍ତାପ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ଜଳସ୍ତର ହ୍ରାସ, କୃଷି ଜମିର ଉର୍ବରତା ହ୍ରାସ ଓ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପ୍ରଭୃତି ସମସ୍ୟା ଜୀବ ଜଗତକୁ ବ୍ୟାପକଭାବେ ପ୍ରଭାବିତ କରିବ। ତେଣୁ, ପରିବେଶର ଅବନତିକୁ ରୋକିବାପାଇଁ କିଛି ଜରୁରୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ପଦକ୍ଷେପ ନେବା ପୂର୍ବରୁ, ପରିବେଶ ଅବନତିର କାରଣ ଗୁଡିକ ଜାଣିବା ନିହାତି ଦରକାର। ନିମ୍ନରେ ଏହା ଦିଆଯାଇଛି।

### ସାମାଜିକ କାରଣ :



**ବର୍ଦ୍ଧିତ ଜନସଂଖ୍ୟା:** ଯେ କୌଣସି ଦେଶର ଜନସଂଖ୍ୟା ସେ ଦେଶର ବଡ ସଂପଦ ଓ ତାହାର ବିକାଶ ପାଇଁ ଏକ ମୂଖ୍ୟ ଉପାଦାନ। କିନ୍ତୁ, ପରିବେଶର ଅବନତି ପାଇଁ ଏହା ମୂଖ୍ୟତଃ ଦାୟୀ ଅଟେ। ଦ୍ରୁତ ଜନସଂଖ୍ୟା ବୃଦ୍ଧିଦ୍ୱାରା ପ୍ରାକୃତିକ ସଂପଦର ବହୁଳ ବ୍ୟବହାର ହୋଇଥାଏ ଓ ଅନେକ ପଦାର୍ଥ ନଷ୍ଟହୋଇ କ୍ଷତିର ପରିମାଣ ବୃଦ୍ଧି ହୁଏ। ଏହାଦ୍ୱାରା ମଧ୍ୟ ବାୟୁ, ଜଳ, ଓ ମୃତ୍ତିକା ନଷ୍ଟ ଓ ଦୂଷିତ ହୁଏ, ଚାଷଜମି ଉପରେ ଅଧିକ ଚାପ ପଡେ। ପରବେଶ ମଧ୍ୟ ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହୁଏ। ଭାରତ, ପୃଥିବୀ ଜନସଂଖ୍ୟାର ୧୭% ଲୋକଙ୍କୁ କେବଳ ପୃଥିବୀ ଚାଷଜମିର ୨.୪% ଦ୍ୱାରା ପ୍ରତିପୋଷଣ କରୁଛି।



**ଦାରିଦ୍ର୍ୟତା:** ପରିବେଶ ଅବନତି ପାଇଁ ଦାରିଦ୍ର୍ୟତା ଅନେକ ପରିମାଣରେ ଦାୟୀ। ତୁମେ ଦେଖିଥିବ ଯେ, ଧନୀ ଲୋକମାନଙ୍କ ଅପେକ୍ଷା ଗରୀବମାନେ ପ୍ରାକୃତିକ ସଂପଦର ଅଧିକ ବ୍ୟବହାର କରନ୍ତି। ସେମାନେ ନିଜର ବାସଗୃହ ନିର୍ମାଣ, ଖାଦ୍ୟ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ପରିବେଶକୁ କାମରେ ଲଗାଇଥାନ୍ତି। ଏହିଭଳି ଭାବେ ଗରୀବମାନେ ସମସ୍ତ ସଂପଦକୁ ନିଃଶେଷ କରନ୍ତି କାରଣ

ଅନ୍ୟ ପ୍ରାକୃତିକ ସମ୍ପଦକୁ ବ୍ୟବହାର କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ଯେହେତୁ ଏହା ଧନୀ ଲୋକମାନେ ବ୍ୟବହାର କରନ୍ତି । ତେଣୁ, ଯେତେ ଅଧିକ ପ୍ରାକୃତିକ ସଂପଦର ବ୍ୟବହାର ହେବ, ସେତେ ଅଧିକ ପରିବେଶର ଅବନତି ହେବ । ଏହାଦ୍ୱାରା ମଧ୍ୟ ଅଧିକ ଲୋକ ଗରୀବ ହେବେ ।

**ସହରୀକରଣ:** ତୁମେ ଦେଖିଥିବ ଯେ, ବହୁସଂଖ୍ୟକ ଗରୀବ ଲୋକମାନେ ନିଜର ଜିବୀକା ପାଇଁ ସହରାଭିମୁଖୀ ହେଉଛନ୍ତି । ଏହାଦ୍ୱାରା ସହରୀ ସଭ୍ୟତା ବେନିୟମଭାବେ ବଢ଼ି, ସହରର ଭିତ୍ତିଭୂମି ଉପରେ ବହୁତ ଚାପ ସୃଷ୍ଟି ହେଉଛି । ତୁମେ ଯଦି ସହରରେ ବାସ କରୁଥାଅ, ତୁମର ଅଭିଜ୍ଞତା ଥିବ ଯେ, ଉକ୍ତ ବର୍ଦ୍ଧିତ ସହରୀ ସଭ୍ୟତା ଦ୍ୱାରା ବାସଗୃହ, ଜଳଯୋଗାଣ, ବିଦ୍ୟୁତ୍ ଓ ମଇଳା ନିଷ୍କାସନ ବ୍ୟବସ୍ଥା ବହୁଳଭାବେ ପ୍ରଭାବିତ ହେଉଥିବ । ବର୍ଦ୍ଧିତ ବସ୍ତି ଅଂଚଳ ଓ ସହର ବସ୍ତି ଅଂଚଳ ଦ୍ୱାରା ଜଳ, ସ୍ଥଳ, ଓ ଆକାଶ ଦୂଷିତ ହୋଇ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଗତିଶୀଳ ସହର ସଭ୍ୟତା ଦ୍ୱାରା, ବନସଂପଦ ଓ ଅନ୍ୟାନ୍ୟ ପଦାର୍ଥ ସରି ସରି ଯାଉଛି ।



### ପରିବର୍ତ୍ତିତ ଜୀବନଯାପନ ପ୍ରଣାଳୀ -

ଲୋକମାନଙ୍କ ଜୀବନଯାପନ ପ୍ରଣାଳୀରେ ବ୍ୟାପକ ପରିବର୍ତ୍ତନ ହୋଇଛି । ଉକ୍ତ ପରିବର୍ତ୍ତନ କେବଳ ସହରାଞ୍ଚଳରେ ବାସ କରୁଥିବା ଲୋକଙ୍କର ପାଖରେ ଦେଖିବାକୁ ମିଳୁନାହିଁ, କିନ୍ତୁ ଗ୍ରାମାଞ୍ଚଳରେ ବାସକରୁଥିବା ଲୋକମାନଙ୍କ ନିକଟରେ ଦେଖିବାକୁ ମିଳୁଛି । ଲୋକମାନଙ୍କ ପରିବର୍ତ୍ତିତ ଜୀବନ ଯାପନ ପ୍ରଣାଳୀ ସେମାନଙ୍କ ଉପଭୋଗ ସ୍ତରକୁ ବହୁତ ବଢ଼ାଇଦେଇଛି । ସେମାନଙ୍କର ଉକ୍ତ କାର୍ଯ୍ୟଶୈଳୀ ଦ୍ୱାରା ପରିବେଶ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛି । ଉକ୍ତ କ୍ଷତି, ବାୟୁ, ଜଳ, ଶବ୍ଦ, ଯାନବାହାନ ଓ ଶିଳ୍ପ ପ୍ରଦୂଷଣ କ୍ଷେତ୍ରରେ ଦେଖାଯାଉଛି । ଆଧୁନିକ ଉପଭୋଗ୍ୟ ଆରାମଦାୟକ ବସ୍ତୁ ରେଫ୍ରିଜେଟର ଓ ଏଅରକଣ୍ଡିସନ୍‌ର ପ୍ରଭୃତିର ଦୂଷିତ ଓ ବିଷାକ୍ତ ବାଷ୍ପଦ୍ୱାରା ବାୟୁମଣ୍ଡଳ ପ୍ରଭାବିତ ହେଉଛି । କ୍ଷତିକାରକ କାର୍ବନମନକ୍ସାଇଡ ଓ କାର୍ବନ ଡାଇଅକ୍ସାଇଡ୍ ବାଷ୍ପ ମଧ୍ୟ ପୃଥିବୀର ଉତ୍ତାପକୁ ବହୁପରିମାଣରେ ବଢ଼ାଇବାରେ ସାହାଯ୍ୟ କରୁଛି ।



**? ତୁମେ ଜାଣ କି**

କ୍ଲୋରୋଫ୍ଲୁରୋ କାର୍ବନ (CFC) ଏହାଏକ ଧର୍ମହୀନ, ଜୀବନ ହୀନ, ବାଷ୍ପ । ଏହା ଯେତେବେଳେ ଅନ୍ୟ ବାଷ୍ପ ସଙ୍ଗେ ମିଶେ, ଏହା କ୍ଷତିକାରକ ହୁଏ । ବିଶେଷଭାବେ ଏହା ଓଜନ୍ ଗ୍ୟାସକୁ ପ୍ରଭାବିତ କରେ ।

## ଅର୍ଥନୈତିକ କାରଣ



**କୃଷିଭିତ୍ତିକ ବିକାଶ:** ଯେ କୌଣସି ଦେଶପାଇଁ କୃଷିର ଉନ୍ନତି ଜରୁରୀ ଆବଶ୍ୟକ। କିନ୍ତୁ, ଏହା ପରିବେଶକୁ ବିଷାକ୍ତ କରିଥାଏ। ଅଧିକ ଉତ୍ପାଦନ ପାଇଁ କୃଷିଭିତ୍ତିକ କାଯ୍ୟକ୍ରମମାନ ସିଧାସଳଖ ପରିବେଶ ଉପରେ ପ୍ରଭାବ ପକାଇଥାଏ। ଏହି କାର୍ଯ୍ୟକ୍ରମ ଦ୍ୱାରା ଭୂମିକ୍ଷୟ ଓ ଭୂମିର ଅନ୍ୟାନ୍ୟ ଉପାଦାନ ଗୁଡିକ ନଷ୍ଟହେବାର ସମ୍ଭାବନା ଥାଏ। ଆମ୍ଭେ ଭାରତବର୍ଷରେ ଦେଖିଲେ ଯେ, ସବୁଜ ବିପ୍ଳବ ଦ୍ୱାରା ଭୂମି ଓ ଜଳ ସଂପଦ କିଭଳି ଭାବେ ନଷ୍ଟ ହୋଇଛି। ଏଥିପାଇଁ ଅଧିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ଦାୟୀ ଅଟେ।



**ଶିଳ୍ପାୟନ:** ଦ୍ରୁତ ଶିଳ୍ପାୟନ ଦ୍ୱାରା ପରିବେଶର ଅନେକ କ୍ଷତି ହେଉଛି। ବିଭିନ୍ନ ସୂତ୍ରରୁ ସଂଗୃହିତ ଖବର ଅନୁଯାୟୀ, ଆମେ ଦେଖୁଛେ ଯେ, ଶିଳ୍ପାୟନ ନାମରେ ଶିଳ୍ପପତିମାନେ ଶିଳ୍ପରେ ଯେଉଁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରୁଛନ୍ତି, ତାହା ପରିବେଶ, ପାଇଁ ଅନେକ କ୍ଷତି ପହଞ୍ଚାଉଛି। ଉକ୍ତ ପ୍ରଯୁକ୍ତି ବିଦ୍ୟାଦ୍ୱାରା ବ୍ୟାପକଭାବେ ଶକ୍ତି ଓ ସଂପଦର ଅପଚୟ ହେଉଛି। ତେଣୁ ଦ୍ରୁତ ଶିଳ୍ପାୟନରେ, ଖଣିଜ ସଂପଦ, ଖଣିଜ ତୈଳର ବହୁଳ ବ୍ୟବହାର ଦ୍ୱାରା, ଜଳ, ବାୟୁ ଓ ମୃତ୍ତିକା ବିଷାକ୍ତହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଛି।



**ଅର୍ଥନୈତିକ ବିକାଶ:** ଏହା ସତ୍ୟ ଯେ, ଅର୍ଥନୈତିକ ବିକାଶ ମଧ୍ୟ ପରିବେଶ ସମସ୍ୟା ସୃଷ୍ଟି କରିବାରେ ଲାଗିଛି। ଅର୍ଥନୈତିକ ବିକାଶ ବ୍ୟାପକ ପ୍ରାକୃତିକ ସଂପଦର ବ୍ୟବହାର କରି ପରିବେଶ ଉପରେ ଚାପ ସୃଷ୍ଟିକରିବା ସଂଗେ ସଂଗେ ଅନେକ ଅଦରକାରୀ ବସ୍ତୁଦ୍ୱାରା ଏହାକୁ ଦୂଷିତ କରୁଅଛି। ବିକାଶ ପଥରେ ଦୌଡି ଜୀବନଶୈଳୀକୁ ସମସ୍ତେ ପରିବର୍ତ୍ତନ କରିବାପାଇଁ ଲାଗି ପଡିଛନ୍ତି, ଯାହାଦ୍ୱାରା ପରିବେଶର ଅଧଃପତନ ଘଟୁଛି।

### ଅଭ୍ୟାସ ୨୬.୩

ପରିବେଶ ଅବନତିର ଅନେକ ମୂଖ୍ୟକାରଣ ବିଷୟରେ ଏହି ପାଠ୍ୟକ୍ରମରେ ଆଲୋଚନା କରାଯାଇଛି। ଏହା ବ୍ୟତୀତ ଅନ୍ୟ କିଛି କାରଣ ରହିଛି। ସେଗୁଡିକ ହେଲା ଜଙ୍ଗଲ ସଂପଦ ନଷ୍ଟ, ଖଣିଜ କାମ, ଯାନବାହାନ ଚଳାଚଳ ଶିଳ୍ପରୁ ନିର୍ଗତ ଦୂଷିତ ପଦାର୍ଥ, ଗଦାଗଦା ଅଦରକାରୀ ବସ୍ତୁ, ବିଚ୍ଛୁରିତ ତୈଳ ଓ ଅତ୍ୟଧିକ ବନ୍ଧବାଡ ନିର୍ମାଣ ପ୍ରଭୃତି ପରିବେଶକୁ ନଷ୍ଟ କରିଥାଏ।

ତୁମେ ଉପରଲିଖିତ କାରଣ ସଂପର୍କରେ ବିଭିନ୍ନ ସମ୍ବାଦପତ୍ର ବା ଅନ୍ୟ କୌଣସି ସୂତ୍ରରୁ ବିଷୟବସ୍ତୁ ସଂଗ୍ରହକରି ପ୍ରତ୍ୟେକ କାରଣ କିପରି ପରିବେଶ ନଷ୍ଟ କରିବାରେ ସହାୟକ ହେଉଛି, ଲେଖ।

## ୨୬.୭ ପରିବେଶ ଅବନତିର ପ୍ରଭାବ

ପରିବେଶ ଅବନତି ଆମପାଇଁ ଏକ ଭୟଙ୍କର ସମସ୍ୟା। ପ୍ରାକୃତିକ ସଂପଦର ଅତ୍ୟଧିକ ଲଗାମହୀନ ବ୍ୟବହାର ଓ ଜ୍ଞାନହୀନ ପରିଚାଳନା ବ୍ୟବସ୍ଥା ଉକ୍ତ ଅବନତି ପାଇଁ ଚିନ୍ତାର କାରଣ ହୋଇଛି। ଏହା ପୃଥିବୀବାସିଙ୍କ ପାଇଁ ମଧ୍ୟ ଏକ ଆହ୍ୱାନ ଭାବେ ଠିଆହୋଇଛି। ବାୟୁ, ଜଳ ଓ ମୃତ୍ତିକା ପ୍ରଭୃତି, ବିଭିନ୍ନ କ୍ଷତିକାରକ ବାଷ୍ପ, ଶିଳ୍ପଜାତ ପଦାର୍ଥର ଦୂଷିତ ପଦାର୍ଥ ଅତ୍ୟଧିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ଦ୍ୱାରା ଏହା କଳୁଷିତ ହୋଇ ସମଗ୍ର ମାନବ ସଭ୍ୟତା ପାଇଁ ଏକ ବିପଦର କାରଣ ହୋଇଛି।

ନିମ୍ନରେ ଦିଆଯାଇଥିବା ସୂଚନାକୁ ପଢ଼ିଲେ, ତୁମେ ପରିବେଶ ଅବନତିର ଭୟଙ୍କର ରୂପ ବିଷୟରେ ଜାଣିପାରିବ।

### ଏ ବିଷୟରେ ଚିନ୍ତାକର

- ଭାରତର ପ୍ରାୟ ୫୦ଭାଗ ଭୌଗଳିକ ଅଂଚଳ ବିଭିନ୍ନ ପ୍ରକାର ପରିବେଶ ଜନିତ ଅବନତି ଦ୍ୱାରା ପ୍ରଭାବିତ। ଜଙ୍ଗଲ ସଂପଦ ନଷ୍ଟ, କୃଷି ସମ୍ବନ୍ଧୀୟ କୁପରିଚାଳନା, ସ୍ଥାନାନ୍ତରିତ କୃଷି, ଭୂମି କ୍ଷୟ, ପ୍ରଭୃତି ଏହାର ମୁଖ୍ୟ କାରଣ ଅଟେ।
- ଭୂମିକ୍ଷୟ ଯୋଗୁ ପ୍ରାୟ ୧୦୦କୋଟି ଟନ୍ ଉପରେ ମୃତ୍ତିକା ପ୍ରତିବର୍ଷ ନଷ୍ଟ ହେଉଛି। ପ୍ରତି ହେକ୍ଟର ପିଛା, ବର୍ଷକରେ, ହାରାହାରି ୧୬ଟନ ମୃତ୍ତିକା କ୍ଷୟ ଘଟୁଛି। ଏକ ସେଣ୍ଟିମିଟର ମୃତ୍ତିକା ତିଆରି ପାଇଁ ପ୍ରାୟ ୧୦୦୦ ବର୍ଷ ସମୟ ଲାଗୁଛି।
- ପୃଥିବୀର ଉତ୍ତାପ ବୃଦ୍ଧି ଯୋଗୁ ଖାଦ୍ୟଶସ୍ୟ ଉପାଦାନ ବହୁପରିମାଣରେ କମିଯାଉଛି। ଉତ୍ତାପ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇବ ବୋଲି, ପୃଥିବୀ ବ୍ୟାପୀ ବୈଜ୍ଞାନିକମାନେ ସତର୍କ ସୂଚନା ଦେଇଛନ୍ତି। ଉକ୍ତ ଉତ୍ତପ୍ତବାୟୁ ଦ୍ୱାରା ବହୁ ଭୟଙ୍କର ସଂକ୍ରାମକ ରୋଗ ସୃଷ୍ଟିହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ।
- ଖାଦ୍ୟଶସ୍ୟ ଉତ୍ପାଦନ ସମୟ ସୀମା ମଧ୍ୟ ଏହି ଉତ୍ତପ୍ତ ପରିବେଶ ଦ୍ୱାରା ଦୀର୍ଘ ହୋଇଯିବ।
- ହିମାଳୟ ପର୍ବତମାଳାର ବରଫସ୍ତର ତରଳିଯିବ ଓ ଏଥିରୁ ସୃଷ୍ଟି ହୋଇଥିବା ନଦୀ ସମୂହ ବର୍ଷସାରା ଜଳ ପାଇବେ ନାହିଁ।
- ଉକ୍ତ ଉତ୍ତାପ ଦ୍ୱାରା ମଧ୍ୟ ପଶ୍ଚିମା ବାୟୁ ପ୍ରଭାବିତ ହୋଇ ବୃଷ୍ଟିକରିବାର କ୍ଷମତା ହରାଇଛି (୨୦୦୯ ମସିହା)।

ଅଦରକାରୀ ନଷ୍ଟ ପଦାର୍ଥ, ପରିବେଶ ଅବନତିର ମୁଖ୍ୟ କାରଣ। ତୁମେ ଜାଣ କି, ସମଗ୍ର ପୃଥିବୀର ଲୋକମାନେ ବର୍ଷକୁ ପ୍ରାୟ ୧୦୦୦ ନିୟୁତ ଟନ୍ ନଷ୍ଟ ପଦାର୍ଥ ଫୋପାଡନ୍ତି। ଯଦି ଆମେ ଏହି ପଦାର୍ଥକୁ ସମୁଦ୍ର କୂଳରେ କୋନ ଆକାରରେ ହେଉ ବା ପିରାମିଡ ଆକାର,

ଯାହାର ବୃତ୍ତାକାର ମୂଳ ଅଂଶ ଏକ କିଲୋମିଟର ଅଞ୍ଚଳ ମଧ୍ୟରେ ଥିବ, ତୁମେ ଦେଖିବ, ଏହାର ଉଚ୍ଚତା ଏଭେରେଷ୍ଟ ଶୃଙ୍ଗଠାରୁ ଅଧିକା ହେବ। ତେଣୁ, ଆମ୍ଭେମାନେ ପ୍ରତିବର୍ଷ ଅଳିଆଗଦାର ନିର୍ମିତ ଏକ ଏଭେରେଷ୍ଟ ଶୃଙ୍ଗ ସୃଷ୍ଟି କରୁଛେ। ଆମେ ଆମର ପରିବେଶକୁ ଦୁର୍ଗତିରୁ ରକ୍ଷାକରିପାରିବା ଏବଂ ପ୍ରକୃତ ସଂପଦକୁ ତିନୋଟି ବାଟରେ ରକ୍ଷା କରି ପାରିବା। ନିମ୍ନ ଟେବୁଲ୍‌ରେ ଦିଆଯାଇଥିବା ସୂଚନାରୁ ଜାଣିପାରିବ-

| ଅଦରକାରୀ ପଦାର୍ଥକୁ ମୂଳ ପଦାର୍ଥରେ ପରିଣତ କରିବା | | ପୁନଃ ବ୍ୟବହାର | | ଖାଇବା, ପିଇବା ଓ ବ୍ୟବହାର ପ୍ରକ୍ରିୟାକୁ କମାଇବା | |
|---|---|---|---|---|---|
| ନଷ୍ଟପଦାର୍ଥର ବ୍ୟବହାର ଉପଯୋଗିତା କ'ଣ? | ଏହାର ପ୍ରଭାବ | ପୁନଃ ବ୍ୟବହାର କ'ଣ? | କିପରି ? | କମାଇବା କ'ଣ ? | କିପରି ? |
| ନଷ୍ଟ ପଦାର୍ଥ ଯଥା: କଦଳୀ ଚୋପା, ଅଣ୍ଡା ଖୋଳ, ପରିବା ଚୋପା | ମାଟିର ଉର୍ବରତା ବଢ଼ାଏ | ଟିଣ ଓ ଟିଣ ଡବା | ପେନ୍‌ସିଲ୍ ଧରି ରଖିବା ଖୋଳ ତିଆରି ହୁଏ | ପ୍ଲାଷ୍ଟିକ୍ | କନ୍ୟାବ୍ୟାଗ ବ୍ୟବହାର କରିବା |
| କାଗଜ | ଗଛ କାଟିବା ବନ୍ଦ କରିବ। | କାଗଜ | ଇ୍ୟବହାର ହୋଇନଥିବା କାଗଜର ପ୍ୟାଡ୍ ତିଆରି କରିବା | ବିଦ୍ୟୁତ୍‌ଶକ୍ତି | ଘର ବାହାରକୁ ଯିବା ପୂର୍ବରୁ ଆଲୋକ ଓ ଫ୍ୟାନ୍ ସୁଇଚ୍ ବନ୍ଦ କରିବା |
| ଆଲୁମିନିୟମ | ଅଧିକ ବକ୍ସାଇଟ୍ ବ୍ୟବହାର କମାଏ | ଲୁଗାବସ୍ତ୍ର | କାର୍ପେଟ୍ ସିଟ୍ ଭାବେ ବ୍ୟବହାର କରିବା | ଜଳ | ଇ୍ୟବହାର ନଥିଲେ ଟ୍ୟାପ୍ ବନ୍ଦ କରିବା ଆବଶ୍ୟକ ପରିମାଣ ଜଳ ପାଖରେ ରଖିବା। |



| ଅଦରକାରୀ ପଦାର୍ଥକୁ ମୂଳ ପଦାର୍ଥରେ ପରିଗଣିତକରି ବ୍ୟବହାର କରିବା। | ପୁନଃ ବ୍ୟବହାର | କମାଇବା |
|---|---|---|
| ନଷ୍ଟ ପଦାର୍ଥ ଯଥା: କଦଳୀ ଚୋପା, ଅଣ୍ଡା ଖୋଳ, ପରିବା ଚୋପା ମାଟିର ଉର୍ବରତା ବଢ଼ାଏ | **ଟିଣ ଓ ଟିଣ ଡବା** ପେନ୍‌ସିଲ୍ ଖୋଳ ହୁଏ | **ପ୍ଲାଷ୍ଟିକ୍** ସଉଦା ପାଇଁ କନାବ୍ୟାଗର ବ୍ୟବହାର |
| **କାଗଜ** ଗଛ ବଞ୍ଚାଏ | **କାଗଜ** ପ୍ୟାଡ଼ ତିଆରିରେ ବ୍ୟବହାର ହୁଏ | **ବିଦ୍ୟୁତ୍‌ଶକ୍ତି** ବାହାରକୁ ଗଲେ ଫ୍ୟାନ୍ ଓ ଆଲୋକ ସୁଇଚ୍ ବନ୍ଦ କର। |

### ତୁମେ କ'ଣ କରି ପାରିବ ?

- ତୁମେ ପ୍ରାଣୀ ଓ ପରିବେଶ ମଧ୍ୟରେ ଥିବା ସଂପର୍କ ବଢ଼ାଇ ପାରିବ ଓ ପରିବେଶକୁ ସୁସ୍ଥ କରୁଥିବା ପଦାର୍ଥର ବ୍ୟବହାର ମଧ୍ୟ କରିପାରିବ।
- ତୁମେ, ଘରୋଇ ଅଳିଆର ପୁନଃ ବ୍ୟବହାର ପାଇଁ (Recycling) ପ୍ରକ୍ରିୟାର ସାହାଯ୍ୟ ନେଇପାରିବ।
- ପ୍ଲାଷ୍ଟିକ ପ୍ୟାକିଙ୍ଗ୍‌ର ବସ୍ତୁକୁ ତୁମେ ମନାକରିପାରିବ ଏବଂ ଲୁଗା ଓ କାଗଜରେ ପ୍ୟାକିଙ୍ଗ୍ ହୋଇଥିବା ବସ୍ତୁ ଉପରେ ନିର୍ଭର କରିବ।
- ଦୂଷିତ ବାଷ୍ପ ବାହାରକୁ ଛାଡୁନଥିବା ରେଫ୍ରିଜରେଟର ଓ ଏଆରକଣ୍ଡିସନର ବ୍ୟବହାର କରିପାରିବ।

## ୨୬.୮ ଜୀବନ ପରିତୋଷୀୟ ପଦାର୍ଥର ବିକାଶ

ବିକାଶଧାରା ବୃଦ୍ଧିଯୋଗୁ ପରିବେଶର ଅବନତି ହୋଇଚାଲିଛି। ଗଚ୍ଛିତ ପ୍ରାକୃତିକ ସଂପଦର ବହୁଳ ବ୍ୟବହାର ଏହାର ଅନ୍ୟ ଏକ ପ୍ରମୁଖ କାରଣ ଅଟେ, ଅନେକ ସମୟରେ ଦେଖାଯାଉଛି ଯେ, ଜୀବନ ପରିତୋଷୀୟ ପଦାର୍ଥର ବିକାଶ ପରିବେଶ ଅବନତିକୁ ସଜାଡି ପାରିବ। ଯଦିଓ ଏହା ବିଭିନ୍ନ ପ୍ରସଙ୍ଗରେ ଓ ବିଭିନ୍ନ ବାଟରେ ବ୍ୟବହାର କରାଯାଉଛି, କିନ୍ତୁ, ପରିବେଶ ସମ୍ବନ୍ଧରେ ଏହାର ସଂଜ୍ଞା ଭିନ୍ନ ପ୍ରକାରର ଅଟେ। ଭବିଷ୍ୟତ କଥା ଚିନ୍ତା ନକରି ଉକ୍ତ "ବିକାଶ" ବର୍ତ୍ତମାନର ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ। ଜୀବନ ପରିତୋଷୀୟ ପଦାର୍ଥ ବିକାଶର ଅର୍ଥ ନୁହେଁ। ସମାଜ ଓ ପ୍ରାକୃତିକ ସଂପଦ ବିନାଶ କରିବା। ଆମେ ଉକ୍ତ (Sustainable Development)ର ଲକ୍ଷ୍ୟପୂରଣ ପାଇଁ ପ୍ରାକୃତିକ ସଂପଦର ଉପଯୁକ୍ତ ବିନିଯୋଗ କରିବା ଉଚିତ୍।

## ୨୬.୯ ଘୋର ବିପତ୍ତିର ପରିଚାଳନା

ପରିବେଶ ଅବନତି ଓ ସଂପଦର କୁପରିଚାଳନା ଦୁର୍ଦ୍ଦଶାପୂର୍ଣ୍ଣ ବିପତ୍ତିର ମୂଳ ଅଟେ। ଏହି ବିପତ୍ତି ଗୁଡ଼ିକ ବିରାଟ ଆହ୍ୱାନ ସଦୃଶ ଆମ ପାଖରେ ଠିଆ ହୋଇଛି। କିନ୍ତୁ ଏହାର ପ୍ରଭାବକୁ ରୋକାଯାଇପାରିବ। ବିପତ୍ତି ଅର୍ଥ ବୁଝି, ଆମେ ବିପତ୍ତି ପରିଚାଳନା ଅର୍ଥ ସହଜରେ ବୁଝିପାରିବା। ଏହା ଏକ ଦୁର୍ଦ୍ଦଶାପୂର୍ଣ୍ଣ ଅବସ୍ଥା, ଯାହା ସମାଜ ଓ ପରିବେଶକୁ ବ୍ୟାପକଭାବେ ପ୍ରଭାବିତ କରିଥାଏ। ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ପ୍ରାକୃତିକ ବିପତ୍ତି ଓ ଅନ୍ୟଟି ମନୁଷ୍ୟକୃତ ବିପତ୍ତି ଅଟେ। ପ୍ରାକୃତିକ ବିପତ୍ତି ଯଥା : - ଆଗ୍ନେୟଗିରିରୁ ଲାର୍ଭା ଉଦ୍‌ଗୀରଣ, ଭୂମିକମ୍ପ ଓ ବନ୍ୟା ପ୍ରଭୃତି ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ହୋଇଥାଏ। କିନ୍ତୁ ମନୁଷ୍ୟକୃତ ବିପତ୍ତି, ଅବହେଳା, ଭୁଲ୍ ନିଷ୍ପତ୍ତି ଓ କୌଣସି ଯାନ୍ତ୍ରିକ ତୃଟି ଜନିତ ହୋଇପାରେ। ଭୋପାଳ ଗ୍ୟାସ ଦୁର୍ଘଟଣା, ବିଭିନ୍ନ ବନ୍ୟା ଓ ହିମବାହ ପ୍ରଭୃତି ଉକ୍ତ ବିପତ୍ତିର କାରଣ ଅଟେ। ବର୍ତ୍ତମାନ ବିଶ୍ୱ ତାପମାତ୍ରା ବୃଦ୍ଧି, ମଣିଷମାନଙ୍କ ପ୍ରାକୃତିକ ପରିବେଶରେ ହସ୍ତକ୍ଷେପ ଯୋଗୁ ଦେଖାଦେଇଛି। ଯଦିଓ ଏହି ବିପତ୍ତିର ଫଳାଫଳ ଅନେକ, ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ମନୁଷ୍ୟକୃତ ଘୋର ବିପତ୍ତିର କୁପରିଣାମ ମାନଙ୍କୁ ନୂତନ ଜ୍ଞାନ କୌଶଳ ଦ୍ୱାରା କମାଇ ଦିଆଯାଇପାରିବ। ଉକ୍ତ ବ୍ୟବସ୍ଥାକୁ ବିପତ୍ତି ପରିଚାଳନା କୌଶଳ କୁହାଯାଏ। ଏହି ପ୍ରକ୍ରିୟା ୪ଟି ସୋପାନରେ ଚାଲେ। ଯଥା : ପ୍ରଶମନ (ହ୍ରାସ), ପ୍ରସ୍ତୁତି, ଜବାବ ଓ ଉପଶମ।

## ପ୍ରଶମନ:

"ପ୍ରଶମନ" ଏକ କଷ୍ଟକର ଯାନ୍ତ୍ରିକ ଶବ୍ଦ ହୋଇପାରେ । ଏହାର ଅର୍ଥ ବିପତ୍ତିର ବର୍ଦ୍ଧିତରୂପକୁ ଚେଷ୍ଟାକରି ହ୍ରାସ କରିବା, କିମ୍ବା ଏହାର ପରିଣାମକୁ ଯଥାସାଧ୍ୟ ସୀମା ଭିତରେ ରଖିବା। ଏହି ଅବସ୍ଥା ଅନ୍ୟଠାରୁ ଭିନ୍ନ। ଏଥିରୁ ମୁକୁଳିବା ପାଇଁ ଦୀର୍ଘକାଳୀନ ପଦକ୍ଷେପମାନ ଗ୍ରହଣ କରାଯାଇଥାଏ। ଉକ୍ତ ପ୍ରଶମନ ଅବସ୍ଥା ପୂର୍ବରୁ ବିପତ୍ତିର ପୂର୍ବ ଅବସ୍ଥାକୁ ମଧ୍ୟ ଖୋଜି ବାହାର କରାଯାଏ। ବିପତ୍ତି ପରେ ସମସ୍ତ ନିରାପତାମୂଳକ ଉଦ୍ୟମ କରିବା ଅପେକ୍ଷା, ତା ପୂର୍ବରୁ ବିପତ୍ତିର କାରଣ ସଂପର୍କରେ ଅନୁଧ୍ୟାନ କରିବା ଅଧିକ ଯୁକ୍ତ ସଂଗତ ଅଟେ। ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ବର୍ଷାଋତୁରେ ଯେହେତୁ ବନ୍ୟା ହେବର ସମ୍ଭାବନା ଥାଏ, ଅନ୍ୟ ଋତୁରେ ବନ୍ୟା ପ୍ରକୋପରୁ ରକ୍ଷାପାଇଁ ବାନ୍ଧବାଡ ନିର୍ମାଣ ଓ ସତର୍କତାମୂଳକ ବ୍ୟବସ୍ଥା କରାଯାଇ ଥାଏ।

## ପ୍ରସ୍ତୁତି :

ଯେ କୌଣସି ବିପତ୍ତିର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତିର ଆବଶ୍ୟକତା ରହିଛି। ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ସେବା ଯୋଗାଇ ଦେବାପାଇଁ ବ୍ୟବସ୍ଥା ହୋଇଥାଏ। ଉକ୍ତ ସେବାପାଇଁ ନିଯୁକ୍ତି କର୍ମଚାରୀଙ୍କୁ ମଧ୍ୟ ଉପଯୁକ୍ତ ତାଲିମ ଦିଆଯାଇ ଜରୁରୀକାଳୀନ ଆଶ୍ରୟ ସ୍ଥାନ ଓ ବିପଦ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତରିତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ବିପତ୍ତି ସମୟରେ ସମସ୍ତ ଆବଶ୍ୟକ ବସ୍ତୁ ଓ ଯନ୍ତ୍ରପାତିକୁ ପ୍ରସ୍ତୁତ ରଖାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ଦେବାର ବ୍ୟବସ୍ଥା ଥାଏ। ଅନେକ ସ୍ୱଚ୍ଛାସେବକ ମାନଙ୍କୁ ବିପତ୍ତି ଅଞ୍ଚଳରେ ସେବାକରିବା ପାଇଁ ଆବଶ୍ୟକ ତାଲିମ ଦେଇ ପ୍ରସ୍ତୁତ ରଖାଯାଇଥାଏ।

## ଜବାବ ( ପ୍ରତିକ୍ରିୟା) :

ବିପଦ ପ୍ରଭାବିତ ଅଞ୍ଚଳରେ ଜୁରୁରୀକାଳୀନ ସେବା ଯଥା : - ନିଆଁଲିଭାଳି ଦଳ, ପୋଲିସ୍ ଓ ଆମ୍ବୁଲାନସ୍ ବ୍ୟବସ୍ଥାରେ ଉଚିତ୍ ପଦକ୍ଷେପ ନିଆଯାଇଥାଏ। ଏହି କାର୍ଯ୍ୟକ୍ରମରେ ନିଯୁକତ୍ ସମସ୍ତ କର୍ମଚାରୀ ସେମାନଙ୍କ ଭିତରେ ଉତ୍ତମ ବୁଝାମଣା ରଖି କିପରି ବିପତ୍ତିର ସମ୍ମୁଖୀନ ହେବେ, ସେ ବିଷୟରେ ସ୍ୱତନ୍ତ୍ର କୌଶଳମାନ ସ୍ଥିରୀକୃତ ହୋଇଥାଏ।

## ଉପଶମ (ପୁନରୁର୍ଦ୍ଧାର):

ବିପଦ ପରେ ସେହିସ୍ଥାନରେ ପୂର୍ବାବସ୍ଥା ଫେରାଇ ଆଣିବାର ବ୍ୟବସ୍ଥାକୁ ପୁନରୁର୍ଦ୍ଧାର କୁହାଯାଏ। ଏହା ମୂଖ୍ୟତଃ ଜବାବ (ପ୍ରତିକ୍ରିୟା) ବ୍ୟବସ୍ଥା ଉପରେ ନିର୍ଭର କରେ। ଧ୍ୱଂସ ହୋଇଯାଇଥିବା ବାସସ୍ଥାନ ଓ ଅନ୍ୟାନ୍ୟ ସଂପଦର ପୁନଃନିର୍ମାଣ ପ୍ରଭୃତି ଏହାର ଅନ୍ତର୍ଭୁକ୍ତ ଅଟେ।

## ଅଭ୍ୟାସ ୨୬.୨

ଭୂମିକମ୍ପ, ସୁନାମି, ଭୂ-ସ୍ଖଳନ, ମରୁଡି, ବନ୍ୟା ଓ ଝଡ ବତାଶ ପ୍ରଭୃତି ୬ଟି ପ୍ରାକୃତିକ ବିପର୍ଯ୍ୟୟ, ଜୀବନ ଓ ସଂପଦ ଉପରେ ଦୟନୀୟ ପ୍ରଭାବ, ସାରା ପୃଥିବୀରେ ପକାଇଥାଏ। ତୁମେ ଯେକୌଣସି ବିପତ୍ତି ଉପରେ ଏକ ବିପତ୍ତି ପରିଚାଳନା ପ୍ଲାନ କରିପାରିବ କି, ଯାହା ଉପରଲିଖିତ ୪ଟି ସୋପାନରେ ଆଲୋଚନା ହୋଇଛି ?

## ପାଠଗତ ପ୍ରଶ୍ନାବଳୀ ୨୬.୨

୧. ଉପରଲିଖିତ ଶବ୍ଦ ଦ୍ୱାରା ଶୂନ୍ୟସ୍ଥାନ ପୂରଣକର।

(କ) ଯେତେବେଳେ ଉଦ୍ଭିଦ ଓ ପ୍ରାଣୀମାନଙ୍କ ଆବାସସ୍ଥଳୀ ଧ୍ୱଂସପାଏ, __________ ମଧ୍ୟ ନଷ୍ଟ ହୋଇଯାଏ।

(ଖ) ଛୋଟ ଯାନ୍ତ୍ରିକ ଉପକରଣ __________ ପରିତ୍ୟାଗ କରେ ଏବଂ __________ ସୃଷ୍ଟି କରେ।

(ଗ) ଅତ୍ୟଧିକ ସାର ଓ କୀଟନାଶକ ଔଷଧର ବ୍ୟବହାର __________ ଓ __________ ସୃଷ୍ଟିକରେ।

(ଘ) ପରିବେଶ ଅବନତି ପାଇଁ ସବୁଠାରୁ ବଡ ସମସ୍ୟା ହେଉଛି __________ ସୃଷ୍ଟି କରିବା।

୨. ଦୁର୍ଦ୍ଦଶାପୂର୍ଣ୍ଣ ବିପତ୍ତି କାହାକୁ କହନ୍ତି ? ଗୋଟିଏ ଉଦାହରଣ ଦିଅ।

୩. ଆବର୍ଜନା ସର୍ଭେ

ଆବର୍ଜନା ବସ୍ତୁରୁ ପରିଚାଳନା ପାଇଁ, ଆମେ ତିନୋଟି ସୋପାନର ସାହାର୍ଯ୍ୟ ନେଉ:-

(କ) ଅଦରକାରୀ ବସ୍ତୁକୁ ମୂଳ ବସ୍ତୁରେ ପରିଣତ କରି ବ୍ୟବହାର କରିବା (Recycle)

(ଖ) ପୁନଃ ବ୍ୟବହାର

(ଗ) ବ୍ୟବହାର କମାଇଦେବା (Reduce)।

ଏହାକୁ ଦୃଷ୍ଟିରେ ରଖି, ତୁମେ ତୁମ ଘର କିମ୍ବା କଲୋନୀର ଦୂଷିତ ପଦାର୍ଥକୁ ପରିତ୍ୟାଗ କରିପାରିବ। ଏହାର ଏକ ସାତଦିନିଆଁ ସର୍ଭେକରି ନିମ୍ନଲିଖିତ ଫରମାଟ୍ ବ୍ୟବହାର କର।

| ଦିନ | Recycle | Ruse | Recuce |
|---|---|---|---|
| ସୋମବାର | | | |
| ଉଙ୍ଗଳବାର | | | |
| ବୁଧବାର | | | |
| ଗୁରୁବାର | | | |
| ଶୁକ୍ରବାର | | | |
| ଶନିବାର | | | |
| ରବିବାର | | | |

ଉପର ଲିଖିତ ଟେବୁଲରେ ସୃଷ୍ଟି ହେଉଥିବା ଆବର୍ଜନାର ନାମ ସମସ୍ତ ଦିନ ମାନଙ୍କରେ ଲେଖିବ। ସାତଦିନ ପରେ ଦେଖିବ, କେଉଁ ଆବର୍ଜନା ବେଶି ସୃଷ୍ଟି ହେଉଛି (Reuse) ଓ (Reduce) ପ୍ରକ୍ରିୟା ମାଧ୍ୟମରେ ଏହା ସମାଧାନ କର। ପ୍ରଥମ ସପ୍ତାହ ପରେ ଦ୍ୱିତୀୟ ସପ୍ତାହରେ ଉକ୍ତ କାର୍ଯ୍ୟ ପୁନର୍ବାର କରି ଦୁଇଟିର ତୁଳନାକର। ତୁମେ ଦେଖିବ, (Reduce) ପ୍ରକ୍ରିୟାରେ ଥିବା ଆବର୍ଜନା କମିବାରେ ଲାଗିବ।

୪. ପରିବେଶ ଅବନତି କରୁଥିବା କାର୍ଯ୍ୟଗୁଡ଼ିକ ନିମ୍ନରେ ଲେଖ।

| | |
|---|---|
| ୧. | ଡ୍ରେନ୍ ଭିତରକୁ ପ୍ଲାଷ୍ଟିକ୍ ବସ୍ତୁ ଫୋପାଡ଼ିବା |
| ୨. | ବସିରହିବା ସ୍ଥାନରେ ଠିଆହୋଇ ଗଛରୁ ପତ୍ର ଛିଣ୍ଡାଇବା। |
| ୩. | |
| ୪. | |
| ୫. | |
| ୬. | |
| ୭. | |
| ୮. | |
| ୯. | |
| ୧୦ | |

## ତୁମେ କ'ଣ ଶିକ୍ଷାଲାଭ କଲ ?

ମନୁଷ୍ୟ ସମେତ ସମସ୍ତ ପ୍ରାଣୀ ଜଗତ ସେମାନଙ୍କର ଉଦ୍‌ବର୍ତ୍ତନ, ପରିପୋଷଣ ଓ ବିକାଶ ନିମିତ୍ତ ସମସ୍ତ ଆବଶ୍ୟକତା ପରିବେଶରୁ ହିଁ ସଂଗ୍ରହ କରିଥାଏ। ପରିବେଶର ଦୁଇଟି ବିଭାଗ ଅଛି, ସଜୀବ ଓ ନିର୍ଜୀବ। ବିଶ୍ୱର ସୃଷ୍ଟି ଓ ପରିବର୍ତ୍ତନକୁ ଆଧାର କରି ପରିବେଶକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଏହା ପ୍ରାକୃତିକ ଓ ମନୁଷ୍ୟକୃତ ଅଟେ। ସମୟ ଓ ସ୍ଥାନକୁ ନେଇ ପରିବେଶ ସର୍ବଦା ପରିବର୍ତ୍ତନଶୀଳ। ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ପରିବେଶର ପ୍ରକୃତ ପରିବର୍ତ୍ତନକୁ ସ୍ୱାଗତ କରିବା। ଏହା ଆମପାଇଁ ଜୀବନ ଓ ଜିବିକା ପାଇଁ ସବୁଠାରୁ ଦରକାରୀ ବ୍ୟବସ୍ଥା। ଆମେ ପରିବେଶ ଉପରେ ଖାଦ୍ୟ, ଆଶ୍ରୟ, ବାୟୁ, ଜଳ, ମୃତ୍ତିକା, ଶକ୍ତି ଓ ଖଣିଜ ସଂପଦ ପାଇଁ ନିର୍ଭର କରୁ। ଏସବୁ ସତ୍ତ୍ୱେ ଆମେ ବିକାଶ ନାମରେ ଏହାର ଅବନତି କରୁଅଛୁ। ସାମାଜିକ ଓ ଅର୍ଥନୈତିକ କାରଣ ମଧ୍ୟରୁ ଜନସଂଖ୍ୟା ବୃଦ୍ଧି, ଦାରିଦ୍ର୍ୟ, ସହରୀକରଣ, ଜୀବନଶୈଳୀର ପରିବର୍ତ୍ତନ, କୃଷି ବିକାଶ ଓ ଶିଳ୍ପାୟନ ପ୍ରଭୃତି କାରଣ ପରିବେଶ ଅବନତି ପାଇଁ ମୂଖ୍ୟତଃ ଦାୟୀ। ତେଣୁ, ଏହାର ସୁରକ୍ଷା ପାଇଁ ଆମେ କେତେକ ସାଧାରଣ ନିୟମ ମାନିବାକୁ ଚେଷ୍ଟାକରିବା। ପରିବେଶ ଅବନତି ଓ ପରିଚାଳନାଗତ ତୃଟିଯୋଗୁ, ବନ୍ୟା, ମରୁଡି ପ୍ରଭୃତି ବିପଦ ଆସେ। ଉକ୍ତ ବିପତ୍ତି, ପ୍ରାକୃତିକ କିମ୍ବା ମନୁଷ୍ୟକୃତ ହୋଇପାରେ। ବିପତ୍ତି ପରିଚାଳନା ପାଇଁ ପ୍ରଶମନ, ପ୍ରସ୍ତୁତି, ଜବାବ ଓ ପୁନଃରୁଦ୍ଧାର ପ୍ରଭୃତି ସ୍ତରରେ କାର୍ଯ୍ୟକ୍ରମମାନ କରାଯାଏ।

## ଅନ୍ତିମ ପ୍ରଶ୍ନାବଳୀ

୧. ପରିବେଶ କ'ଣ ? ଉଦାହରଣ ସହ ବର୍ଣ୍ଣନା କର।

୨. ପରିବର୍ତ୍ତନକୁ ଆଧାରକରି ପରିବେଶର ବିଭାଗୀକରଣ କର ଓ ଏହାକୁ ଉଦାହରଣ ସହ ଲେଖ।

୩. "ପରିବେଶର ପ୍ରକୃତି ପରିବର୍ତ୍ତନଶୀଳ ଓ ଏହା ପରିବର୍ତ୍ତନ ହେବାରେ ଲାଗିଛି"। ଏ ଉକ୍ତିର ସତ୍ୟତା ଉଦାହରଣ ସହ ଲେଖ।

୪. ପରିବେଶର ଗୁରୁତ୍ୱ ବିଷୟରେ ଆଲୋଚନା କର।

୫. ପରିବେଶ ଅବନତି ଓ ଏହାର କାରଣ ଗୁଡ଼ିକ ସଂପର୍କରେ ଲେଖ।

୬. ପରିବେଶ ଅବନତିରୁ ରକ୍ଷାପାଇଁ ୩ଟି ଉପାୟ ବିଷୟରେ ଲେଖ।

୭. ମନୁଷ୍ୟ ମାନଙ୍କର କେଉଁ ସାତଟି କାର୍ଯ୍ୟ ବିଷୟରେ ଅବନତିର କାରଣ ଅଟେ ଲେଖ ?

୮. ସୃଷ୍ଟି ଅନୁସାରେ ବିପତ୍ତିର ବିଭାଗୀକରଣ କର ?

୯. ବିପତ୍ତି ପରିଚାଳନା ଅର୍ଥ କ'ଣ ? ଆମେ କିପରି ବିପତ୍ତିର କୁ ପ୍ରଭାବରୁ ରକ୍ଷା ପାଇପାରିବ ?

## ପାଠଗତ ପ୍ରଶ୍ନାବଳୀ ଉତ୍ତର

### ୨୬.୧

୧. ସଜୀବ - ବୃକ୍ଷ, ପ୍ରାଣୀଜଗତ, ଅଣୁଜୀବ ଓ ବୀଜାଣୁ ସମୁହ।
ନିର୍ଜୀବ - ଜଳ, ମୃତ୍ତିକା, ନିଆଁ, ଭୂମି

୨. (କ) ପ୍ରାକୃତିକ୍, ମଣିଷ କୃତ
(ଖ) ସୃଷ୍ଟି ଓ ପରିବର୍ତ୍ତନ
(ଗ) ମନୁଷ୍ୟକୃତ
(ଘ) ଏହା କିଛିଦିନ ପରେ ପରିବର୍ତ୍ତନ ହୁଏ।

୩. ପିଲା ନିଜ ପରିବେଶରୁ ସଜୀବ ଓ ନିର୍ଜୀବ ପଦାର୍ଥ ନାମ ଲେଖ।

### ୨୬.୨

୧. (କ) ଜୀବ ବିଭିନ୍ନତା
(ଖ) କ୍ଷତିକାରକ ବାଷ୍ପ, ଉତ୍ତାପ ବୃଦ୍ଧି
(ଗ) ଦୂଷିତ ଜଳ, ଭୂମିକ୍ଷୟ
(ଘ) ନଷ୍ଟ ପଦାର୍ଥ

୨. ଯାହା ସମାଜ ଓ ପରିବେଶକୁ ପ୍ରତିକୂଳ ଅବସ୍ଥାରେ ପକାଏ, ତାହାକୁ ବିପତ୍ତି କୁହାଯାଏ। ଉଦାହରଣ ଭୋପାଳଗ୍ୟାସ ଦୁର୍ଘଟଣା, ସୁନାମି ପ୍ରଭୃତି।

୩. ପିଲାମାନେ ଉକ୍ତ ସର୍ଭେକାର୍ଯ୍ୟ କରିବେ।

୪. ପିଲାମାନେ ନିଜେ ଉକ୍ତ କାର୍ଯ୍ୟ ଲେଖିବେ।

# ୨୭

# ଶାନ୍ତି ଓ ନିରାପତ୍ତା

ତୁମେ କେବେ "ଶାନ୍ତି ଓ ନିରାପତ୍ତା" ବିଷୟରେ ଶୁଣିଛ ? ଯଦି, ରାଜ୍ୟର କୌଣସି ସହର କିମ୍ବା ଅନ୍ୟ କୌଣସି ଅଂଶରେ କିଛି ହିଂସାତ୍ମକ କାର୍ଯ୍ୟ ଦେଖାଯାଏ, ଆମକୁ କୁହାଯାଏ, ଯେ, ଶାନ୍ତି ଓ ନିରାପତ୍ତା ବିପନ୍ନ ହୋଇଛି। ଯଦି ଦେଶ ଭିତରେ କିଛି ବୈପ୍ଳବିକ ପରିବର୍ତ୍ତନ ଦେଖାଦିଏ, ତେବେ ଜାତୀୟ ଶାନ୍ତି ଓ ନିରାପତ୍ତା ପ୍ରତି ଆଘାତ ଲାଗିଛି ବୋଲି କୁହାଯାଏ। ଯଦି ପୋଲିସ କର୍ମଚାରୀ ସ୍ୱତନ୍ତ୍ରଭାବେ କୌଣସି ଅଞ୍ଚଳରେ ନିୟୋଜିତ ହୁଅନ୍ତି, ସେଠାରେ ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ପାଇଁ ଏହା କରାଯାଇଛି ବୋଲି କୁହାଯାଏ। ଯଦି କୌଣସି ଦେଶ ଓ ଉଗ୍ରବାଦୀ ଗୋଷ୍ଠୀମାନଙ୍କ ମଧ୍ୟରେ ମୁକାବିଲା ମୂଳକ କାର୍ଯ୍ୟ ହୁଏ, ତେବେ ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ବ୍ୟାହତ ହୋଇଛି ବୋଲି ଧରି ନିଆଯାଏ। ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ପାଇଁ ମିଳିତ ଜାତି ସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶାନ୍ତି ଓ ନିରାପତ୍ତା, ଦୁଇଟି ଶବ୍ଦକୁ ଆମେ ଭିନ୍ନ ଭାବରେ ବ୍ୟବହାର କରୁ। ସମସ୍ତ ଧର୍ମ ପ୍ରବକ୍ତାମାନେ ଶାନ୍ତିର କଥା କୁହନ୍ତି। ବ୍ୟକ୍ତିଗତଭାବେ ଆମେ ନିଜର ମାନସିକ ଶାନ୍ତି, ପରିବାରର ଶାନ୍ତି ଓ ଗୋଷ୍ଠୀର ଶାନ୍ତିକୁ ବୁଝୁ। ମହିଳା ଓ ଝିଅ ପିଲାମାନେ ଘର ବାହାରକୁ ଗଲେ। ସେମାନଙ୍କର ନିରାପତ୍ତା ବିଷୟରେ ପ୍ରତ୍ୟେକ ପରିବାର ବ୍ୟସ୍ତତା ପ୍ରକାଶ କରନ୍ତି। ତେଣୁ ଉକ୍ତ ଶବ୍ଦ ଦୁଇଟିକୁ ଆମେ ବିଭିନ୍ନ ପରିସ୍ଥିତି ଓ ବାଟରେ ବ୍ୟବହାର କରିବା ଦ୍ୱାରା ଅନେକ ଭୁଲ୍ ବୁଝାମଣା ହୋଇଥାଏ। ତେଣୁ, ବ୍ୟକ୍ତିଗତ, ସମାଜିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଶାନ୍ତି ଓ ନିରାପତାର ବିଭିନ୍ନ ଉପାଦାନର ବ୍ୟବହାର ସମ୍ପର୍କରେ ଆଲୋଚନା କରିବା।

## ଉଦ୍ଦେଶ୍ୟ

ଉକ୍ତ ପାଠ୍ୟ ଅଧ୍ୟୟନପରେ, ତୁମେ ନିମ୍ନୋକ୍ତ ବାକ୍ୟାଂଶ ଗୁଡ଼ିକର ଅର୍ଥ ଜାଣିବା ପାଇଁ ସକ୍ଷମ ହେବ।

- ବିଭିନ୍ନ ପରିସ୍ଥିତିରେ ଶାନ୍ତି ଓ ନିରାପତ୍ତାର ଅର୍ଥ।
- ଶାନ୍ତି ଓ ନିରାପତାର ଗତାନୁଗତିକ ଅର୍ଥ ଓ ନୂତନ ଅର୍ଥ।
- ଗଣତନ୍ତ୍ର ଓ ବିକାଶ ପାଇଁ ଶାନ୍ତି ଓ ନିରାପତ୍ତାର ଆବଶ୍ୟକତା।
- ଭାରତ, ନିଜର ଶାନ୍ତି ଓ ନିରାପତ୍ତାର ବିପନ୍ନ ପାଇଁ ନେଇଥିବା ପଦକ୍ଷେପ।
- ଉଗ୍ରବାଦୀ ମାନଙ୍କ ବିଦ୍ରୋହ ପାଇଁ, ସରକାର ନେଇଥିବା ପଦକ୍ଷେପ।
- ଆନ୍ତର୍ଜାତୀକ ଶାନ୍ତି ଓ ନିରାପତ୍ତା ପାଇଁ ଭାରତର ଦାନ।

# ଶାନ୍ତି ଓ ନିରାପତ୍ତା

ଆରମ୍ଭ କରିବା ପୂର୍ବରୁ, ଶାନ୍ତି ଓ ନିରାପତ୍ତାର ଅର୍ଥ ବୁଝିବା। ନିମ୍ନ ଲିଖିତ ସୁନ୍ଦର ଗପଟି ତୁମକୁ ସାହାଯ୍ୟ କରିପାରେ।

## ୧. ଶାନ୍ତି

ଥରେ ଜଣେ ରଜା ଜଣେ ଚିତ୍ରକରଙ୍କୁ ତାଙ୍କ ଚିତ୍ର ପାଇଁ ପୁରସ୍କୃତ କରିଥିଲେ। ସେ ଚିତ୍ରକର, ଶାନ୍ତି ଉଦ୍ଦେଶ୍ୟରେ ଚିତ୍ରଟି ଅଙ୍କନ କରିଥିଲେ ଯାହା ଅନ୍ୟାନ୍ୟ ଚିତ୍ର ଅପେକ୍ଷା ବହୁତ ସୁନ୍ଦର ଥିଲା। ଚିତ୍ରମାନଙ୍କ ମଧ୍ୟରୁ ରଜା ଦୁଇଟି ଛବିକୁ ଯୋଗ୍ୟ ବୋଲି ବାଛିଲେ, ତେଣୁ ସବୁଠାରୁ ଭଲ ଛବିଟି କିଏ? ତାଙ୍କୁ ବାଛିବାକୁ ସହଜ ହେଲା। ଗୋଟିଏ ଶାନ୍ତ ହ୍ରଦର ଚିତ୍ର। ଏହା ଦର୍ପଣ ସଦୃଶ ଦେଖାଯାଉଛି। ଏହାର ଚତୁଃପାର୍ଶ୍ୱରେ ପର୍ବତମାଳା ଠିଆ ହୋଇଛନ୍ତି। ନୀଳ ଆକାଶର ଧଳା ବାଦଲ ହ୍ରଦ ଜଳସ୍ତର ଉପରେ ପ୍ରତିଫଳନ ହେଉଛି। ତେଣୁ ସମସ୍ତେ ଭାବିବେ ଯେ, ଉକ୍ତ, ଚିତ୍ରଟି ନିଛକ ଶାନ୍ତିର ପ୍ରତୀକ ଅଟେ। ଅନ୍ୟ ଚିତ୍ରଟିରେ ମଧ୍ୟ ପର୍ବତମାଳା ଥିଲା, କିନ୍ତୁ ଏହା ଟାଙ୍ଗରା ଓ ବୃକ୍ଷ ବିହୀନ ଥିଲା। ଝଡ଼ପୂର୍ଣ୍ଣ ଆକାଶ, ବର୍ଷା ହେଉଥିଲା, ବିଜୁଳୀ ଘଡ଼ି ଘଡ଼ି ବି ମାରୁଥିଲା। ପର୍ବତର ପାର୍ଶ୍ୱତଳେ, ପ୍ରବଳ ଫେଣଯୁକ୍ତ ଜଳ ପ୍ରପାତରୁ ପାଣି ବହିଯିବାର ଦୃଶ୍ୟ ମଧ୍ୟ ଚିତ୍ରରେ ଥିଲା। କିନ୍ତୁ, ଜଳପ୍ରପାତ ପଛଭାଗରେ ଥିବା ଗୋଟିଏ ବୁଦାରେ ପକ୍ଷୀଟିଏ ବସା ବାନ୍ଧିଥିଲା ଓ ସେଠାରେ ସେ ତାର ଛୁଆମାନଙ୍କୁ ଖୁସି ଓ ଶାନ୍ତିରେ ଖାଇବାକୁ ଦେଉଥିଲା। କେଉଁ ଚିତ୍ରଟି ପୁରସ୍କାର ପାଇଥିବ ବୋଲି ତୁମେ ଭାବୁଛ? ରଜା ଦ୍ୱିତୀୟ ଚିତ୍ରଟିକୁ ଅଧିକ ପସନ୍ଦ କରିଥିଲେ। କାହିଁକି ତୁମେ ଜାଣ? ରଜା ମଧ୍ୟ ଏହାର କାରଣ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, ପାଟିତୁଣ୍ଡ, ଗଣ୍ଡଗୋଳ ଓ ଅସୁବିଧାର ଅନୁପସ୍ଥିତିକୁ ଶାନ୍ତି କହୁହାଯାଏ ନାହିଁ। କିନ୍ତୁ ପ୍ରକୃତ ଶାନ୍ତି, ଏ ସମସ୍ତ ଅସୁବିଧା ଭିତରେ ମଧ୍ୟ ହୃଦୟରେ ବିରାଜମାନ କରିପାରିବ।

ତୁମେ ଭାବୁଛ କି, ରଜାଙ୍କ ଦ୍ୱାରା ବଛାଯାଇଥିବା ଚିତ୍ରଟି, ପ୍ରକୃତରେ ଶାନ୍ତିର ପ୍ରତୀକ ଅଟେ? ଶାନ୍ତି ପ୍ରକୃତରେ ଏହା ନୁହେଁ, ଯାହା କୌଣସି ମାନସିକ ସ୍ଥିତି ଓ ଅବସ୍ଥାକୁ ବୁଝାଏ ଓ ଯେଉଁଠାରେ ଗୋଳମାଳ ବା କୌଣସି ଅସୁବିଧା ନଥାଏ। ବାସ୍ତବରେ, ସମ୍ପୂର୍ଣ୍ଣ ଗୋଳମାଳଶୂନ୍ୟ ଅବସ୍ଥା ପୃଥିବୀରେ ଦେଖାଯାଏ ନାହିଁ। ସାମାଜିକ, ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରର ଶାନ୍ତି ବିଷୟରେ ଆମେ ବୁଝିବାକୁ ଚେଷ୍ଟା କରିବା। ଆମେ ନିମ୍ନ ପ୍ରକାରରେ ଶାନ୍ତିର ସଂଜ୍ଞା ନିରୁପଣ କରି ପାରିବା। ଶାନ୍ତି, ଏକ ସାମାଜିକ ଓ ରାଜନୈତିକ ଅବସ୍ଥା ଯାହା ବ୍ୟକ୍ତି, ସମାଜ ଓ ଦେଶର ବିକାଶରେ ସହାୟକ ହୁଏ। ଏହା, ସୁସ୍ଥ ସମ୍ପର୍କ ରଖି, ମିଳିମିଶି ରହି ପାରୁଥିବା ଏକ ଅବସ୍ଥା। ଏହା ମଧ୍ୟ ସାମାଜିକ ଓ ଅର୍ଥନୈତିକ ଉନ୍ନତି ଓ ସମାନତାର ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଅଟେ। କିନ୍ତୁ ଜାତୀୟ ଓ ଆନ୍ତର୍ଜାତିକ ସମ୍ପର୍କ କ୍ଷେତ୍ରରେ, ଏହା କେବଳ ଯୁଦ୍ଧ ଓ ଗଣ୍ଡଗୋଳିଆ ଅବସ୍ଥାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବରଂ ଏହା ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବୁଝାମଣା ଓ ଏକତାକୁ ବୁଝାଇଥାଏ। "ସହନଶୀଳତା" କିନ୍ତୁ ପ୍ରକୃତ ଶାନ୍ତି ଦିଏ।

## ୨. ନିରାପତ୍ତା

ଆମର କଥାବାର୍ତ୍ତା, ସମ୍ବାଦପତ୍ର ଓ ସରକାରୀ ଆଲୋଚନାରେ "ନିରାପତ୍ତା" ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ। ଏହା ବ୍ୟକ୍ତିଠାରୁ ଆରମ୍ଭ ହୋଇ, ଅନୁଷ୍ଠାନ, ଆଞ୍ଚଳିକ, ଜାତୀୟ ଓ

ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ବ୍ୟାପିଥାଏ। ଆମେ ସମସ୍ତେ, ଆମର ନିରାପତ୍ତା ପାଇଁ ବହୁ ପଦକ୍ଷେପ ନେଉଅଛେ। ଆମେ ଜାଣୁ ଯେ, ମନ୍ତ୍ରୀ ଓ ଅନ୍ୟାନ୍ୟ ପଦସ୍ଥ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ଭାବେ ନିରାପତ୍ତରକ୍ଷୀ ଯୋଗାଇ ଦିଆଯାଏ। ନିରାପତ୍ତା କାର୍ଯ୍ୟକ୍ରମ, ବିଭିନ୍ନ ଅନୁଷ୍ଠାନ ଓ ଅଞ୍ଚଳ ପାଇଁ ଆବଶ୍ୟକ ପଡ଼େ କାରଣ ସେଠାରେ କିଛି ଅଘଟଣ ଘଟିବାର ସମ୍ଭାବନା ଥାଏ। ଏହା ବ୍ୟତୀତ ଜାତୀୟ ଓ ଆନ୍ତର୍ଜାତିକ ନିରାପତ୍ତା ବିଷୟରେ ମଧ୍ୟ ଆମେ ଜାଣୁ। ସାଧାରଣ ଅର୍ଥରେ, ଏହା କୌଣସି ଅବସ୍ଥା ଓ ଚିନ୍ତାକୁ ଭୟମୁକ୍ତ କରିବା। ଏହା ମଧ୍ୟ ବ୍ୟକ୍ତି, ଅନୁଷ୍ଠାନ, ଅଞ୍ଚଳ, ଦେଶ ଓ ପୃଥିବୀର ନିରାପତ୍ତାକୁ ବୁଝାଯାଏ। ନିର୍ଦ୍ଦିଷ୍ଟ ଭାବେ କହିଲେ, ନିରାପତ୍ତା ବିପଦପୂର୍ଣ୍ଣ ଅବସ୍ଥାରୁ ମୁକ୍ତି କୁ ବୁଝାଇଥାଏ।

## ୩. ଶାନ୍ତି ଓ ନିରାପତ୍ତା

ଶାନ୍ତି ଓ ନିରାପତ୍ତା, ଦୁଇଟି ଶବ୍ଦର ଅନେକ ବ୍ୟବହାର ଓ ଏହାର ଅର୍ଥ ସମ୍ପର୍କରେ ଆଲୋଚନା ହେଲା। ବିନା ବିପଦରେ, ମଣିଷ, ଅନୁଷ୍ଠାନ, ଅଞ୍ଚଳ ଓ ଦେଶ ପ୍ରଭୃତି ପ୍ରଗତି ପଥରେ ଆଗେଇବା ଅବସ୍ଥାହିଁ, ଶାନ୍ତି ଓ ନିରାପତ୍ତା ବ୍ୟବସ୍ଥାର ପ୍ରତୀକ ଅଟେ। ଏହି ପରିପ୍ରେକ୍ଷୀରେ କୌଣସି ଅଞ୍ଚଳ ଓ ଦେଶର ଶାନ୍ତି ଓ ନିରାପତ୍ତା ରହିଲେ ଲୋକଙ୍କ ମୌଳିକ ଅଧିକାର ସୁରକ୍ଷିତ ହୋଇପାରିବ। ଦେଶରୁ ଶାନ୍ତି ବ୍ୟାହତ ହେଲେ, ଏହାର କୁ ପ୍ରଭାବ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ପଡ଼ି ଦେଶର ସର୍ବାଙ୍ଗୀନ ଉନ୍ନତିରେ ବାଧା ସୃଷ୍ଟି କରିବ।

### ଅଭ୍ୟାସ ୨୭.୧

ନିମ୍ନରେ ଦୁଇଟି ଶାସନ ଅବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି। ଉକ୍ତ ଦୁଇଟି ମଧ୍ୟରୁ କେଉଁଟି ଶାନ୍ତି ଓ ନିରାପତ୍ତାର ପ୍ରକୃତ ଅବସ୍ଥାକୁ ବୁଝାଏ ? ଉପଯୁକ୍ତ କାରଣ ସହ ଉତ୍ତର ଲେଖ।

୧. ଗୋଟିଏ ଦେଶ ଏକ ସାମରିକ ଏକଛତ୍ରବାଦୀ ଶାସକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେଠାରେ ସର୍ବତ୍ର ଶୃଙ୍ଖଳା ଓ ଶାନ୍ତି ବିରାଜମାନ କରୁଥିଲା। ଶାସକ ଦଳର ଲୋକମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଭୋଗ କରୁଥିଲେ। କିନ୍ତୁ, ଲୋକମାନେ ଦରୀଦ୍ର ଥିଲେ ଓ ସେମାନେ ମୌଳିକ ଆବଶ୍ୟକତାରୁ ମଧ୍ୟ ବଞ୍ଚିତ ଥିଲେ। ସେମାନେ ନିରବଭାବେ, ଶାସକଙ୍କ ଆଜ୍ଞା ଓ ଆଦେଶ ମାନି ଚଳୁଥିଲେ। ଶାସକଙ୍କ ବିରୁଦ୍ଧରେ କେହି ଠିଆ ହେବାକୁ ଚାହୁଁ ନ ଥିଲେ। ବାହ୍ୟ ଶତ୍ରୁପାଇଁ ଆବଶ୍ୟକ ନିରାପତ୍ତା ବ୍ୟବସ୍ଥା ସେ ଦେଶରେ ଥିଲା।

୨. ଏକ ଗଣତାନ୍ତ୍ରିକ ଦେଶ, ଯିଏ ସାମାଜିକ ଓ ଅର୍ଥ ନୈତିକ ବିକାଶ କ୍ଷେତ୍ରରେ ଆଗେଇ ଚାଲିଛି। ଲୋକମାନେ ସମସ୍ତ ମୌଳିକ ଅଧିକାର ଯଥା- ସ୍ୱାଧୀନତା, ସମାନତା ଓ ନ୍ୟାୟ ପ୍ରଭୃତିକୁ ଉପଭୋଗ କରୁଛନ୍ତି। ସେମାନେ ମୁକ୍ତ ଭାବରେ ନିଜର ଅସୁବିଧା ସରକାରଙ୍କୁ ଜଣାଇ ପାରୁଛନ୍ତି। ବେଳେ ବେଳେ ସେମାନେ ନିଜର ଦାବୀ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରନ୍ତି ଓ ସରକାରଙ୍କ ଠାରୁ ମଧ୍ୟ ସୁବିଧା ହାସଲ କରନ୍ତି। ଲୋକମାନଙ୍କର ଓ ଦେଶର ନିରାପତ୍ତା ସେଠାରେ ସୁରକ୍ଷିତ ଥାଏ।

## ଶାନ୍ତି ଓ ନିରାପତ୍ତାର ପାରମ୍ପରିକ ଓ ନୂତନ ବୁଝାବଣା

ଆମେ ଯେତେବେଳେ ଶାନ୍ତି ଓ ନିରାପତ୍ତା ବିଷୟରେ କହୁ, ଆମେ ସାଧାରଣତଃ ପାରମ୍ପରିକ ଚିନ୍ତାଧାରା ବିଷୟରେ ବର୍ଣ୍ଣନା କରୁ ଯାହା ସାମରିକ କିମ୍ବା ସଶସ୍ତ୍ର ଗଣ୍ଡଗୋଳର ବିପଦ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରି ଅଛି। ଉକ୍ତ ବିପଦର ମୂଳ ଉତ୍ସ, ଯେ କୌଣସି ଦେଶ ଅନ୍ୟ ଏକ ଦେଶକୁ ସାମରିକ କାର୍ଯ୍ୟକଳାପ ଦ୍ୱାରା ଭୟଭୀତ କରାଇବା ଯାହା ଦେଶର ସାର୍ବଭୌମତ୍ୱ, ସ୍ୱାଧୀନତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟିକରେ। ଶାନ୍ତି ଓ ନିରାପତ୍ତାକୁ ଦୃଢ଼ କରିବା ପାଇଁ, ସମ୍ପୃକ୍ତ ଦେଶ ଅନ୍ୟ ଦେଶର ସାମରିକ କାର୍ଯ୍ୟକଳାପର କାରଣକୁ ଖୋଜି ବାହାର କରେ। ଏହା ସାଧାରଣତଃ ଦ୍ୱିପାକ୍ଷିକ ଚୁକ୍ତି କିମ୍ବା ଦୀର୍ଘକାଳୀନ ଚୁକ୍ତି ମାଧ୍ୟମରେ ହୋଇଥାଏ। ଫଳରେ କୌଣସି ଦେଶ ପରସ୍ପର ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ନ କରି ଶାନ୍ତି ପଥକୁ ଆବୋରି ନିଅନ୍ତି। ଯେ କୌଣସି ଦେଶ ନିଜର ନିରାପତ୍ତା ପାଇଁ, ସାମରିକ ଶକ୍ତି ବୃଦ୍ଧି କରି, ସୀମାନ୍ତ ଅଞ୍ଚଳରେ ଅଧିକ ନିରାପତ୍ତାରକ୍ଷୀକୁ ନିରାପତ୍ତା କାର୍ଯ୍ୟରେ ନିୟୋଜିତ କରନ୍ତି। କେହି କେହି ଦେଶ ନିଜର ନିରାପତ୍ତା ପାଇଁ ବିଭିନ୍ନ ସାମରିକ ମେଣ୍ଟ (ଚୁକ୍ତି)ରେ ଯୋଗଦେଇ କ୍ଷମତାର ସମତା ରକ୍ଷା କରନ୍ତି। ଏହା ଦ୍ୱାରା, କୌଣସି ବାହାର ଦେଶରୁ ଆକ୍ରମଣ ହେଲେ, ମେଣ୍ଟର ସମସ୍ତ ଦେଶ ସଭ୍ୟ ଦେଶକୁ ସାହାଯ୍ୟ ଓ ସହଯୋଗ କରିବେ। ଆମେ ଜାଣୁ ଯେ ମିଳିତ ଜାତିସଂଘ, ଦେଶ ଦେଶ ମଧ୍ୟରେ ଥିବା ତିକ୍ତ ସମସ୍ୟାକୁ ସୁଧାରିବା ପାଇଁ ଓ ପରସ୍ପର ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନକରିବା ପାଇଁ ଉଦ୍ୟମ କରୁଅଛି।

ଶାନ୍ତି ଓ ନିରାପତ୍ତାର ନୂତନ ଚିନ୍ତାଧାରା ଅଧିକ ସୁଦୂରପ୍ରସାରୀ ଓ ସାମରିକ ବିପତ୍ତି ଅପେକ୍ଷା ବହୁ ଗୁଣରେ ଭୟଙ୍କର ଯାହାର ଅର୍ଥ ସମସ୍ତ ପ୍ରକାର ବିପଦରୁ ମୁକ୍ତ ଅବସ୍ଥାକୁ ବୁଝାଏ। ଉକ୍ତ ଚିନ୍ତାଧାରା କୌଣସି ଅଞ୍ଚଳ ବା ଦେଶ ପ୍ରତି ବିପଦ ସୃଷ୍ଟିକରିବା ଅପେକ୍ଷା ବିଶେଷଭାବେ ବ୍ୟକ୍ତି ବିଶେଷକୁ ପ୍ରଭାବିତ କରିଥାଏ। ଲୋକମାନଙ୍କୁ ବିଦେଶୀ ଆକ୍ରମଣରୁ ରକ୍ଷା କରିବା, ଶାନ୍ତି ଓ ନିରାପତ୍ତା ପାଇଁ, ଏକ ଆବଶ୍ୟକ ପଦକ୍ଷେପ। କିନ୍ତୁ, ପ୍ରକୃତରେ ସାମାଜିକ ଓ ଅର୍ଥନୈତିକ ବିକାଶ ଓ ମଣିଷର ମର୍ଯ୍ୟାଦା ରକ୍ଷାପାଇଁ ବ୍ୟକ୍ତିର ଶାନ୍ତି ଓ ନିରାପତ୍ତା ଏକ ପୂର୍ବାବସ୍ଥା ଅଟେ। ଉକ୍ତ ନୂତନ ଶାନ୍ତି ଓ ନିରାପତ୍ତା ମଧ୍ୟ, କ୍ଷୁଧା ଅଭାବ, ସଂକ୍ରାମକ ରୋଗ, ପରିବେଶ ଅବନତି, ହତାଶାଭାବ ଓ ଅମାନୁଷିକ ଅତ୍ୟାଚାର ପ୍ରଭୃତିରୁ ମୁକ୍ତି ହେବା ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରୁଥାଏ। ତେଣୁ ଉକ୍ତ ନୂତନ ଚିନ୍ତାଧାରା ଶାନ୍ତି ଓ ନିରାପତ୍ତା ପାଇଁ ସାମରିକ କାର୍ଯ୍ୟକଳାପ ବ୍ୟତୀତ, ଅନ୍ୟ ବିପତ୍ତିର ପ୍ରଭାବକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି। ଉକ୍ତ ବିପତ୍ତି ଗୁଡ଼ିକ ମଧ୍ୟରେ ଉଗ୍ରବାଦୀ କାର୍ଯ୍ୟକଳାପ, ସଶସ୍ତ୍ର ବିଦ୍ରୋହ, ମୌଳିକ ଅଧିକାରର ଅଭାବ, ସଂକ୍ରାମକ ରୋଗ, ଚୋରା ଔଷଧ କାରବାର ଓ ଅନାବଶ୍ୟକ ପ୍ରାକୃତିକ ସଂପଦର ବ୍ୟବହାର ପ୍ରଭୃତି ମୁଖ୍ୟ ଅଟେ।

### ପାଠଗତ ପ୍ରଶ୍ନାବଳୀ ୨୭.୧

୧. ଶୂନ୍ୟସ୍ଥାନ ପୂରଣକର।

(କ) ଶାନ୍ତି କେବଳ ଏକ ମାନସିକ ଅବସ୍ଥା କିମ୍ବା.................ଓ..................ର ଅନୁପସ୍ଥିତିକୁ ବୁଝାଏ ନାହିଁ।

(ଖ) ଶାନ୍ତି ଏକ ସହନଶୀଳ ଅବସ୍ଥା, ଯାହା ନିମ୍ନ ଲିଖିତ ଯଥା..................................

(ଗ) ନିରାପତ୍ତା ଅର୍ଥ ଏକ ନିରାପଦ ଅବସ୍ଥା କିମ୍ବା ଚିନ୍ତାଧାରା, ଯାହା........................................କିମ୍ବା.........କିମ୍ବା................ଦ୍ୱାରା ପ୍ରଭାବିତ ହୁଏ ନାହିଁ।

ଏହା ମଧ୍ୟ..................................ର ନିରାପତ୍ତାକୁ ବୁଝାଇ ଥାଏ।

(ଘ) ପ୍ରକୃତରେ କହିବାକୁ ଗଲେ, ନିରାପତ୍ତା..............................ର ଅନୁପସ୍ଥିତିକୁ ବୁଝାଏ।

୨. ଶାନ୍ତି ଓ ନିରାପତ୍ତାକୁ କାହିଁକି ଅଧିକ ଗୁରୁତ୍ୱ ଦିଆଯାଏ ?

୩. ପାରମ୍ପରିକ ନୂତନ ଶାନ୍ତି ଓ ନିରାପତ୍ତା ବ୍ୟବସ୍ଥା ମଧ୍ୟରେ ଥିବା ୩ଟି ମୂଳ ପାର୍ଥକ୍ୟ ଗୁଡ଼ିକୁ ଲେଖ।

## ୨୭.୨ ଶାନ୍ତି ଓ ନିରାପତ୍ତା, ଗଣତନ୍ତ୍ର ଓ ବିକାଶ ପାଇଁ

ଗଣତନ୍ତ୍ର ଓ ବିକାଶ, ଶାନ୍ତି ଓ ନିରାପତ୍ତା ମଧ୍ୟରେ ଏକ ପାରସ୍ପରିକ ସମ୍ପର୍କ ରହିଛି। ଶାନ୍ତି ଓ ନିରାପତ୍ତାର ଅନୁପସ୍ଥିତିରେ, ଗଣତନ୍ତ୍ର ଶାସନ ଚାଲି ପାରିବ ନାହିଁ କି ବିକାଶ ମଧ୍ୟ ହୋଇପାରିବ ନାହିଁ। ଯେ କୌଣସି ଗଣତାନ୍ତ୍ରିକ ଅନୁଷ୍ଠାନ ଶାନ୍ତି ବିନା ଚାଲିବା ଅସମ୍ଭବ ଅଟେ। କେବଳ ଶାନ୍ତ ପରିବେଶରେ ନାଗରୀକମାନେ ବିଭିନ୍ନ ନିଷ୍ପତି ନେବା ପ୍ରକ୍ରିୟାରେ ଭାଗ ନେଇ ପାରିବେ। ତେଣୁ ସମସ୍ତ ଅଞ୍ଚଳର ବିକାଶପାଇଁ ଶାନ୍ତି ଅପରିହାର୍ଯ୍ୟ।

ଅନ୍ୟ ପ୍ରକାରେ କହିବାକୁ ଗଲେ, ଗଣତନ୍ତ୍ର ଓ ବିକାଶ ବିନା ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ। ଏହା ଦେଖାଯାଇ ଅଛି ଯେ, ଗଣତାନ୍ତ୍ରିକ ବ୍ୟବସ୍ଥା ଯୁଦ୍ଧ ବିରୋଧୀ ଅଟେ। ଯେ କେହି ଜଣେ କହି ପାରିବ, ଗଣତାନ୍ତ୍ରିକ ବ୍ୟବସ୍ଥା ଚାଲୁଥିବା ପର୍ଯ୍ୟନ୍ତ, ଆଞ୍ଚଳିକ ଶାନ୍ତି ନିଶ୍ଚିତଭାବେ ତିଷ୍ଠିରହିବ। ଜନସାଧାରଣଙ୍କ ଅସନ୍ତୋଷର କାରଣ ଦୂର କରିବା ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥା ଏକ ଉତ୍ତମ ମାଧ୍ୟମ ଅଟେ। ଏହା ସମ୍ଭବ ହେବାର କାରଣ, ପ୍ରତ୍ୟେକ ନାଗରୀକ, ଗଣତାନ୍ତ୍ରିକ ବ୍ୟବସ୍ଥାରେ, ଶାସନ ପରିଚାଳନା ଓ ନିଷ୍ପତି ନେବା କାର୍ଯ୍ୟକ୍ରମରେ ସମାନ ସୁବିଧା ଉପଭୋଗ କରନ୍ତି। ବିକାଶ, ଶାନ୍ତିର ଧାରାକୁ ବଜାୟ ରଖେ। ବିକାଶ ମାଧ୍ୟମରେ, ଦେଶ ନିଜ ଲୋକମାନଙ୍କର ସାମାଜିକ ଓ ଅର୍ଥ ନୈତିକ ପ୍ରଗତି, ଉନ୍ନତ ଜୀବନଯାପନ ପ୍ରଣାଳୀକୁ ତ୍ୱରାନ୍ୱିତ କରେ। ଏହା ଦ୍ୱାରା ଲୋକମାନେ କୌଣସି ଦୁର୍ଦ୍ଦଶା ଭିତରେ ରହିବେ ନାହିଁ କି କୌଣସି ହିଂସାତ୍ମକ କାର୍ଯ୍ୟକୁ ସହଯୋଗ କରିବେ ନାହିଁ। ତେଣୁ ବିକାଶର ଧାରା ପୃଥିବୀର ବିଭିନ୍ନ ଅଂଶରେ ଅବ୍ୟାହତ ରହିଲେ, ଶାନ୍ତି ସର୍ବତ୍ର ବିରାଜମାନ କରିବ। ପ୍ରତ୍ୟେକ ଦେଶର ଶାନ୍ତି, ନିରାପତ୍ତା ଓ ସ୍ଥିରତାକୁ ବିକାଶ ଦୃଢ଼ କରିଚାଲେ।

**ତୁମେ ଜାଣ କି**

୨୦୦୦ ମସିହା ସେପ୍ଟେମ୍ବର ମାସ ୮ ତାରିଖରେ, ମିଳିତ ଜାତିସଂଘର ୧୮୯ଟି ଦେଶ "ଶତାବ୍ଦୀ ବିକାଶ ଲକ୍ଷ" (MDGs) କାର୍ଯ୍ୟକ୍ରମକୁ ଗ୍ରହଣ କରି ନିଶ୍ଚିତ ହେଲେ ଯେ, ଶାନ୍ତି ଓ ନିରାପତ୍ତା ସଫଳ ବିକାଶ ଧାରାର ଚାବିକାଠି ସଦୃଶ ବ୍ୟବସ୍ଥା ଅଟେ। ତେଣୁ ଏହା ସର୍ବଜନ ବିଦିତ ଯେ, ବିକାଶ, ଶାନ୍ତି ଓ ନିରାପତ୍ତା ଓ ମାନବିକ ଅଧିକାର ପରସ୍ପର ସମ୍ପୃକ୍ତ ଓ ଶକ୍ତିଶାଳୀ।

## ଶାନ୍ତି ଓ ନିରାପତ୍ତା, ଭାରତ ଗ୍ରହଣ କରିଥିବା କାର୍ଯ୍ୟ ସଂପାଦାନର ପନ୍ଥା

ଅନ୍ୟ ଦେଶମାନଙ୍କ ପରି, ଭାରତରେ ମଧ୍ୟ ଶାନ୍ତି ଓ ନିରାପତ୍ତା ଏକ ମୁଖ୍ୟ ସମସ୍ୟା। ତୁମେ ସମ୍ବାଦ ପତ୍ରରୁ ନିଶ୍ଚୟ ପଢ଼ିଥିବ କିମ୍ବା ରେଡ଼ିଓ ଓ ଦୂରଦର୍ଶନରୁ ଯଥାକ୍ରମେ ଶୁଣିଥିବ ବା ଦେଖିଥିବ ଯେ, ଦେଶ ଭିତରୁ ବା ବାହାରୁ, ଶାନ୍ତି ଓ ନିରାପତ୍ତା ପାଇଁ ବିପଦ ସର୍ବଦା ଆମକୁ ଘେରି ରହିଛି। ଭାରତର ଭୌଗଳିକ ଅବସ୍ଥା ଓ ଏହାର ସାମରିକ ଶକ୍ତି ବୃଦ୍ଧି ଜନିତ ବ୍ୟବସ୍ଥା ଏ ଦେଶକୁ ବାହ୍ୟ ଶତ୍ରୁ ଆକ୍ରମଣ କରିବା ପ୍ରଶ୍ନକୁ ସହଜ କରି ଦେଇଛି। ଭାରତ, ନିଜର ପଡ଼ୋଶୀ ଦେଶ ଚୀନ ଓ ପାକିସ୍ଥାନ ସଙ୍ଗେ,

କେବଳ ଯୁଦ୍ଧ କରିବାକୁ ପଡୁ ନାହିଁ ବରଂ ଆନ୍ତର୍ଜାତିକ ଉଗ୍ରପନ୍ଥୀ ଗୋଷ୍ଠୀଙ୍କ ସହ ସଂଗ୍ରାମ କରିବାକୁ ପଡୁଅଛି। ସ୍ୱାଧୀନତା ପ୍ରାପ୍ତି ପରଠାରୁ ଦେଶ, ସଶସ୍ତ୍ର ବିଦ୍ରୋହ ଓ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ପ୍ରଭୃତି ଆଭ୍ୟନ୍ତରୀଣ ବିପଦକୁ ସାମନା କରିବାକୁ ହେଉଛି। ସ୍ୱାଧୀନତା ପ୍ରାପ୍ତିର ଦୁଇ ଦଶନ୍ଧି ପରେ, ଭାରତ ନକ୍ସାଲ ଆନ୍ଦୋଳନର ସମ୍ମୁଖୀନ ହୋଇଛି, ଯାହା ବର୍ତ୍ତମାନ, ଦେଶର ମୁଣ୍ଡବ୍ୟଥାର କାରଣ ହୋଇଛି। ଏସବୁ ଦୃଷ୍ଟି କୋଣରୁ, ଶାନ୍ତି ଓ ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ, କାର୍ଯ୍ୟ ସଂପାଦନର ପନ୍ଥା, ସ୍ୱାଧୀନତା ଆନ୍ଦୋଳନ ସମୟରୁ ହିଁ ଆରମ୍ଭ ହୋଇଥିଲା। ଏହା ଭାରତୀୟ ସମ୍ବିଧାନରେ ମଧ୍ୟ ସ୍ଥାନ ପାଇଛି। ଉକ୍ତ କାର୍ଯ୍ୟ ସଂପାଦାନର ପନ୍ଥା, ଆବଶ୍ୟକତା ଅନୁସାରେ, ବହୁଦିନ ଧରି ପରିବର୍ତ୍ତନ ହୋଇ ଆସୁଅଛି।

## ୭.୩.୧ ସ୍ୱାଧୀନତା ଆନ୍ଦୋଳନ ସମୟରେ, ଶାନ୍ତି ଓ ନିରାପତ୍ତା ପାଇଁ କାର୍ଯ୍ୟ ସଂପାଦାନ ପନ୍ଥାର କ୍ରମ ବିକାଶ (ପ୍ରବର୍ତ୍ତନ)

ଶାନ୍ତି ଓ ନିରାପତ୍ତା ପାଇଁ, କାର୍ଯ୍ୟ ସଂପାଦନା ପନ୍ଥା ବିଷୟରେ ଧାରଣା ଓ ମତାମତ ସ୍ୱାଧୀନତା ଅନ୍ଦୋଳନ ସମୟରେ ଆରମ୍ଭ ହୋଇଥିଲା। ନେତୃତ୍ୱ ନେଉଥିବା ଲୋକମାନଙ୍କର ସମ୍ପୂର୍ଣ୍ଣ ଧାରଣା ଥିଲା ଯେ, ସ୍ୱାଧୀନତା ପ୍ରାପ୍ତି ପରେ ଗଣତାନ୍ତ୍ରୀକ ପ୍ରକ୍ରିୟା, ଏକ ସାଧାରଣ କାର୍ଯ୍ୟ ସମ୍ପାଦନା ମାଧ୍ୟମ ହୋଇପାରିବ, ଯେତେବେଳେ ଶାନ୍ତି ଓ ନରାପତ୍ତା ତିଷ୍ଠି ରହିବ। ଶାନ୍ତି ନ ରହିଲେ ବିକାଶ ଧାରା ତ୍ୱରାନ୍ୱିତ ହୋଇ ପାରିବ ନାହିଁ। କିଏ ଓ କାହିଁକି? ସ୍ୱାଧୀନତା, ଆନ୍ଦୋଳନର ନେତୃତ ବିଶ୍ୱାସ କରୁଥିଲା ଯେ, ସ୍ୱାଧୀନ ଭାରତ, ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ପାଇଁ ଆମର ସମସ୍ତ ଚେଷ୍ଟାକୁ ସଫଳ କରିବ। ସେଥିପାଇଁ ସେମାନେ ପୃଥିବୀର ସମସ୍ତ ଔପନିବେଶବାଦ ବିରୋଧି ଓ ଜାତିଆଣ ବିରୋଧି ଆନ୍ଦୋଳନକୁ ସାହାଯ୍ୟ କରିବାକୁ ହସ୍ତ ବଢ଼ାଇ ଥିଲେ। ସେମାନେ ସାମାଜିକ କାର୍ଯ୍ୟ ସମ୍ପାଦାନ ପନ୍ଥାକୁ ସାମାଜିକ ଓ ଅର୍ଥନୈତିକ ବିକାଶରେ ପରିଣତ କରିବାର ନିଷ୍ପତି କଲେ ଓ ସାମାଜିକ ନ୍ୟାୟ ଓ ଧର୍ମନିରପେକ୍ଷତା ରକ୍ଷା କରିବାର ମଧ୍ୟ ଲକ୍ଷ ରଖିଲେ। ସେମାନଙ୍କର ଆଶା ଥିଲା ଯେ ଉକ୍ତ ସାମାଜିକ ବ୍ୟବସ୍ଥା ଓ ଧର୍ମ ନିରପେକ୍ଷତା ଦେଶର ନିରାପତ୍ତା ବୃଦ୍ଧି କରି ପାରିବ ଓ ଆଭ୍ୟନ୍ତରୀଣ ବିପଦରୁ ମଧ୍ୟ ମୁକ୍ତ କରିପାରିବ।

**? ତୁମେ ଜାଣ କି**

ଜବହାରଲାଲ ନେହୁରୁ କହିଥିଲେ,

"ମୁଁ ଏହାକୁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଭାରତ ଯେଉଁ ନୀତି ଅନୁସରଣ କରିବାକୁ ଚାହୁଁଛି, ତାହା ଖରାପ କିମ୍ବା ନିରପେକ୍ଷ ନୀତି ନୁହେଁ, ଏହା ଗୋଟିଏ ଆଶାପୂର୍ଣ୍ଣ ଓ ଅତି ପ୍ରୟୋଜନୀୟ ନୀତି, ଯାହା ଆମ ସ୍ୱାଧୀନତା ସଂଗ୍ରାମ ଓ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରୁ ସୃଷ୍ଟି ହୋଇଛି।

ପଣ୍ଡିତ ନେହୁରୁଙ୍କ ଭାଷଣ, କଲମ୍ବିଆ ବିଶ୍ୱବିଦ୍ୟାଳୟ (୧୯୪୯)

## ୨୭.୩.୨ ସମ୍ବିଧାନରେ ଶାନ୍ତି ଓ ନିରାପତ୍ତା

ସମ୍ବିଧାନ ପ୍ରଣୟନ ପ୍ରକ୍ରିୟା, ସ୍ୱାଧୀନତା ଆନ୍ଦୋଳନ ସମୟର ଧାରଣା ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥିଲା, ତେଣୁ ଭାରତୀୟ ସମ୍ବିଧାନ, ଶାନ୍ତି ଓ ନିରାପତ୍ତା ବ୍ୟବସ୍ଥାକୁ, ରାଷ୍ଟ୍ର ନିର୍ଦ୍ଦେଶକ ନୀତି ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି। ସଂଘୀୟ ବ୍ୟବସ୍ଥା ଓ ଗ୍ରାମାଞ୍ଚଳ ଓ

ସହରାଞ୍ଚଳ ନିମିତ୍ତ ସ୍ଥାନୀୟ ସରକାର ପ୍ରତିଷ୍ଠା, ସୂଚୀତ କରୁଛି ଯେ, କ୍ଷମତାକୁ କେନ୍ଦ୍ରୀଭୂତ କରାଯାଇ ନାହିଁ। କାରଣ ଶାସନ ବ୍ୟବସ୍ଥାର କେନ୍ଦ୍ରୀଭୂତ ଅବସ୍ଥା ଆଞ୍ଚଳିକ ଅସନ୍ତୋଷ ଭାବ ସୃଷ୍ଟିକରି ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ବିପଦ ସୃଷ୍ଟିକରେ।

ସଂଘୀୟ ବ୍ୟବସ୍ଥାରେ, ସାମାଜିକ, ଧର୍ମ ନୈତିକ ବିକାଶ ସମ୍ପର୍କୀୟ ନିଷ୍ପତି ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥାଏ। ଏଥିରେ ଜନସାଧାରଣଙ୍କର ସମସ୍ତ ଆଶା ଓ ଆକାଂକ୍ଷା ପ୍ରତିଫଳିତ ହୁଏ।

## ତୁମେ ଜାଣ କି

"ସମ୍ବିଧାନର ୫୧ ପରିଚ୍ଛେଦରେ ବର୍ଣ୍ଣନା କରାଯାଇଛି ଯେ, (କ) ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା (ଖ) ଦେଶ ଦେଶ ମଧ୍ୟରେ ସମ୍ମାନ ଜନକ ସଂପର୍କ ରକ୍ଷା (ଗ) ଆନ୍ତର୍ଜାତୀୟ ଆଇନ ଓ ସନ୍ଧି ପ୍ରତି ସମ୍ମାନ ରକ୍ଷା (ଘ) ମଧ୍ୟସ୍ଥି ସାହାଯ୍ୟରେ ଆନ୍ତର୍ଜାତୀୟ ସମସ୍ୟାର ସମାଧାନ" ପ୍ରଭୃତି କାର୍ଯ୍ୟକ୍ରମକୁ ଦେଶ ପ୍ରାଥମିକତା ଦେବ।

ତେଣୁ ଭାରତ, ବହୁବିଧ କାର୍ଯ୍ୟ ସଂପାଦାନ ପନ୍ଥା ଓ ପ୍ରଣାଳୀ ଦ୍ୱାରା ଶାନ୍ତି ଓ ନିରାପତ୍ତା ରକ୍ଷା ପାଇଁ ଚେଷ୍ଟା କରି ଥିଲା। ଆନ୍ତର୍ଜାତୀୟ ସ୍ତରରେ, ଶାନ୍ତି ଓ ନିରାପତ୍ତା ପାଇଁ ଉକ୍ତଦେଶ ମଧ୍ୟ ଏକ ନୀତି ପ୍ରବର୍ତ୍ତନ କରିଥିଲା। ଶାନ୍ତି ଓ ନିରାପତ୍ତା ପାଇଁ ସମସ୍ତ ବିଶ୍ୱସ୍ତରୀୟ ଚେଷ୍ଟାକୁ ସମର୍ଥନ କରି, ଅସମାନତା ଦୂରୀକରଣ, ମାନବିକ ଅଧିକାରର ସୁରକ୍ଷା ନିମିତ୍ତ ଆମ ଦେଶ ବର୍ତ୍ତମାନ କାର୍ଯ୍ୟ କରି ଆସୁଅଛି। ଜାତୀୟ ସ୍ତରରେ ମଧ୍ୟ ସ୍ୱାଧୀନତା, ସମାନତା, ସାମାଜିକ ନ୍ୟାୟ, ଧର୍ମ ନିରପେକ୍ଷତା ଅର୍ଥନୈତିକ ବିକାଶର ସମବଣ୍ଟନ ବ୍ୟବସ୍ଥା ଓ ସାମାଜିକ ଅସମତାର ଦୂରୀକରଣ ପ୍ରଭୃତି କାର୍ଯ୍ୟକ୍ରମର ସଫଳତା ପାଇଁ ମଧ୍ୟ ଚେଷ୍ଟା କରୁଛି। ଦେଶର ସମସ୍ତ ନାଗରୀକଙ୍କୁ ସମାନ ସୁବିଧା ସୁଯୋଗ ଦେବାପାଇଁ ଦେଶ ପ୍ରତିଶୃତି ବଦ୍ଧ ଅଟେ। ଏ ସମସ୍ତ କାର୍ଯ୍ୟକ୍ରମ ହେବାର ଏକମାତ୍ର ଲକ୍ଷ ହେଉଛି, ଲୋକମାନଙ୍କ ମଧ୍ୟରେ କୌଣସି ବିଭେଦ ନରଖି ସମସ୍ତଙ୍କ ସ୍ୱାର୍ଥରକ୍ଷା କରିବା। କାରଣ, ବିଭେଦ ରହିଲେ ଅସନ୍ତୋଷ ବଢ଼ିବ ଓ ଆଞ୍ଚଳିକବାଦ ଉଗ୍ରରୂପ ନେବ। ଫଳରେ ହିଂସା ସୃଷ୍ଟି ହୋଇ ଦେଶର ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହେବ।

## ପାଠଗତ ପ୍ରଶ୍ନାବଳୀ ୨୭.୨

୧. ଉଭୟ ଆନ୍ତର୍ଜାତୀୟ ଓ ଜାତୀୟ ଶାନ୍ତି ଓ ନିରାପତ୍ତା ପାଇଁ, ଭାରତ କାହିଁକି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସଂପାଦାନ ପନ୍ଥା ଅବଲମ୍ବନ କରିବାକୁ ଚାହୁଁଛି ?

୨. ଶାନ୍ତି ଓ ନିରାପତ୍ତା ପାଇଁ, କାର୍ଯ୍ୟ ସଂପାଦାନ ପନ୍ଥାର କ୍ରମବିକାଶ ଧାରାକୁ ସ୍ୱାଧୀନତା ଆନ୍ଦୋଳନର ଅବଦାନ କଣ ?

୩. ଶାନ୍ତି ଓ ନିରାପତ୍ତା ପାଇଁ ସମ୍ବିଧାନରେ ଲିଖିତ କାର୍ଯ୍ୟ ସଂପାଦାନ ପନ୍ଥା କଣ ?

୪. ଉଭୟ ଆନ୍ତର୍ଜାତୀୟ ଓ ଜାତୀୟ ଶାନ୍ତି ଓ ନିରାପତ୍ତା ପାଇଁ, ତୁମ ମତରେ, କେଉଁ ପଦକ୍ଷେପ ଉତ୍କୃଷ୍ଟ ଅଟେ ?

## ୨୭.୪ ଶାନ୍ତି ଓ ନିରାପତ୍ତା ପାଇଁ ଆଭ୍ୟନ୍ତରୀଣ ବିପଦ

ତୁମର ଅଭିଜ୍ଞତା ଥିବ ବା ତୁମେ ଦେଖିଥିବ ଯେ,ଯେତେବେଳେ କୌଣସି ଆକ୍ରମଣାତ୍ମକ ପ୍ରତିବାଦ, ଆନ୍ଦୋଳନ ଓ ହିଂସାକାର୍ଯ୍ୟ ସୃଷ୍ଟି ହୁଏ, ଏହାଦ୍ୱାରା ଜନଜୀବନ ଓ ଧନସମ୍ପତ୍ତିର କ୍ଷୟ ହୁଏ ଓ ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହୁଏ। ଏହିଭଳି ବହୁ ଘଟଣା ଆଇନ ଶୃଙ୍ଖଳା ସମ୍ପର୍କୀତ ସମସ୍ୟା ଅଟେ ଯାହା ସ୍ଥାନୀୟ ପୋଲିସଙ୍କ ଦ୍ୱାରା ସମାଧାନ ହୋଇଥାଏ। ଗଣତନ୍ତ୍ରରେ, ଉକ୍ତ ପ୍ରତିବାଦ ଆନ୍ଦୋଳନ, ବନ୍ଦ, ଅସହଯୋଗ, ପ୍ରଭୃତି ବ୍ୟବସ୍ଥା ଦ୍ୱାରା ସରକାର ଓ ସମ୍ପୃକ୍ତ ଅଧିକାରୀଙ୍କ, ନିର୍ଦ୍ଦିଷ୍ଟ ଦାବୀ ଓ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ପାଇଁ କରାଯାଇଥାଏ। ଯାହା ହେଉ, ଭାରତର, ବିଭିନ୍ନ ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପ, ଯଥା:- ଉଗ୍ରବାଦୀ ହିଂସା, ସଶସ୍ତ୍ର ଆନ୍ଦୋଳନ ଓ ନକ୍ସାଲ ଆନ୍ଦୋଳନ ପ୍ରଭୃତିରେ ବହୁ ଅଭିଜ୍ଞତା ରହି ଆସିଅଛି। ଏହିସବୁ କାର୍ଯ୍ୟକଳାପ ଦେଶର ଶାନ୍ତି ଓ ନିରାପତ୍ତାକୁ ବିପନ୍ନ କରିବାରେ ସାହାଯ୍ୟ କରିଥାଏ।

### ୨୭.୪.୧ ଆତଙ୍କବାଦ

ଆମ ଦେଶରେ ଶାନ୍ତି ଓ ନିରାପତ୍ତା ପାଇଁ ଆତଙ୍କବାଦ ସବୁଠାରୁ ବଡ଼ ବିପଦ ଅଟେ। ନଭେମ୍ବର, ୨୬,୨୦୦୮ରେ, ବମ୍ବେରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ, ଯାହାକୁ ସମସ୍ତେ ୨୬.୧୧ ନାମରେ ନାମିତ କରିଛନ୍ତି, ଏହା ଉକ୍ତ କାର୍ଯ୍ୟର ଏକ କଦର୍ଯ୍ୟ ନମୂନା ଅଟେ। ବିଭିନ୍ନ ସହରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ତୁମେ ବିଚଳିତ ହୋଇଅଛ କି? ବାସ୍ତବିକ ଏହି ସବୁ କାର୍ଯ୍ୟକଳାପ, ସ୍ୱାଧୀନତା ପ୍ରାପ୍ତି ପରଠାରୁ ଦେଶରେ ଲାଗିରହିଛି। ଯେଉଁ ଆତଙ୍କବାଦୀମାନେ ଏଭଳି ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଥାନ୍ତି, ସେମାନେ ବାହ୍ୟ ଦେଶର ହୋଇ ପାରନ୍ତି କିମ୍ବା ଭାରତୀୟ ଯୁବ ଗୋଷ୍ଠୀ, ଯେଉଁମାନେ ନିର୍ଦ୍ଦିଷ୍ଟ ବିଶ୍ୱାସର ବଶବର୍ତ୍ତୀ ହୋଇ, ଏଭଳି କାର୍ଯ୍ୟ କରିବାକୁ, ପଡ଼ୋଶୀ ରାଜ୍ୟର ସାହାଯ୍ୟ ଓ ସହଯୋଗ ପାଇଥାନ୍ତି। ବେଳେ ବେଳେ, ଆତଙ୍କବାଦ ଅର୍ଥ ବୁଝିବାରେ ଅମେ ଦ୍ୱନ୍ଦରେ ପଡୁ। ଏ ବାବତରେ ସେଭଳି କୌଣସି ନିର୍ଦ୍ଦିଷ୍ଟ ମତବାଦ ନାହିଁ। ଯାହାହେଉ, ସାଧାରଣଭାବେ, ବିଶେଷକରି ଭାରତର ପରିସ୍ଥିତିକୁ ବିଚାରକରି, ଆତଙ୍ଗବାଦର ଅର୍ଥ କୁହାଯାଇ ପାରେ ଯେ, ଏହା ଏକ ଅପରାଧମୂଳକ କାର୍ଯ୍ୟ। ଏହା ସାଧାରଣ ଜନତାଙ୍କ ଉପରେ ନାଟକୀୟ ଓ ଭୟଙ୍କର କ୍ଷତି ପହଞ୍ଚାଇ ଥାଏ।

ରାଜନୈତିକ ଓ ଆଦର୍ଶଗତ ଉଦ୍ଦେଶ୍ୟ ପାଇଁ ଏହା ଭୟର ବାତାବରଣ ସୃଷ୍ଟି କରିଥାଏ। ଏମାନଙ୍କ କାର୍ଯ୍ୟକଳାପ ରାଜନୈତିକ, ଦାର୍ଶନିକ, ଆଦର୍ଶଗତ, ସାମ୍ପ୍ରଦାୟିକ ଓ ଧାର୍ମିକ ପ୍ରଭୃତି ଚିନ୍ତାଧାରା ଦୃଷ୍ଟିରୁ ଆଦୌ ଯୁକ୍ତି ସଂଗତ ନୁହେଁ।



ଚିତ୍ର ୨୭.୧ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ

### ତୁମେ ଜାଣ କି

୨୦୦୪ ମସିହାରେ ମିଳିତ ଜାତିସଂଘ ନିରାପତ୍ତା ପରିଷଦର, ୧୫୬୬, ସମସ୍ୟା ସମାଧାନ ଚିଠାରେ ଆତଙ୍କବାଦ କାର୍ଯ୍ୟକଳାପକୁ ତୀରସ୍କାର କରାଯାଇଥିଲା- ଯଥା :-

"criminal acts, including against civilians, committed with the intent to cause death or serious bodily injury, or taking of hostages, with the purpose to provoke a state of terror in the general public or in a group of perosns or particular persons, intimidate a papulation or compel a Government or an international organization to do or to abstain from doing any act, which constitute offences withinthe scope of and as defined in the international conventions and protocols relating to terrorism, are under no circumstances justifiable by considerations of a political, philosophical, ideological, racial, ethnic, religious or other similar nature"

ଆମର ଅଭିଜ୍ଞତା ଅଛି ଯେ, ଆତଙ୍କବାଦୀ କାର୍ଯ୍ୟକଳାପ, ବୋମା ବିସ୍ଫୋରଣ, ଆକ୍ଷିବୁଜା ଗୁଳିଚାଳନା ଦ୍ୱାରା, ଅନେକ ନିରୀହ ଲୋକ କ୍ଷତବିକ୍ଷତ ହୁଅନ୍ତି ଓ ବହୁଲୋକ ପ୍ରାଣ ହରାଇଥାନ୍ତି। ସେମାନେ ମଧ୍ୟ ବିମାନ ଅପହରଣ କରି ଅନେକ ନିରୀହ ଯାତ୍ରୀଙ୍କୁ, ସେମାନଙ୍କ ଦାବୀ ପୂରଣ ନିମିତ୍ତ, ଅଟକ ରଖନ୍ତି କିମ୍ବା ମାରିଦେଇଥାନ୍ତି। ଉକ୍ତ କାର୍ଯ୍ୟକଳାପ ଦ୍ୱାରା ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୁଏ, ସରକାର ଓ ବ୍ୟକ୍ତି ବିଶେଷମାନେ ଅଯଥା ଭୟରେ ଆକ୍ରାନ୍ତ ହୁଅନ୍ତି।

### ଅଭ୍ୟାସ ୨୭.୨

୧୯୯୨ ମସିହା ପରଠାରୁ ବିଭିନ୍ନ ସହରରେ ହୋଇଥିବା ଆତଙ୍କବାଦୀ କାର୍ଯ୍ୟକଳାପର ଏକ ଚିଠା ନିମ୍ନଲିଖିତ ଟେବୁଲ୍ ଅନୁସାରେ ସଂଗ୍ରହ କରି ଲେଖ।

| କ୍ରମିକନଂ | ଆତଙ୍କବାଦୀ ଆକ୍ରମଣର ତାରିଖ | ସହରର ନାମ | ଆକ୍ରମଣର ବିବରଣୀ (ବୋମା ବିସ୍ଫୋରଣ, ଗୁଳିଚାଳନା କିମ୍ବା ଉଭୟ) | ମରିଯାଇଥିବା ଓ କ୍ଷତ ବିକ୍ଷତ ହୋଇଥିବା ଲୋକ ସଂଖ୍ୟା |
|---|---|---|---|---|
| | | | | |
| | | | | |
| | | | | |
| | | | | |
| | | | | |

## ୨୭.୪.୨ ସଶସ୍ତ୍ର ବିଦ୍ରୋହ

ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସମସ୍ୟାକୁ ନେଇ, ବେଳେବେଳେ ସଶସ୍ତ୍ର ବିଦ୍ରୋହ ଦେଖାଯାଇଥାଏ। ସ୍ୱାଧୀନତା ପରଠାରୁ ଏଭଳି ହିଂସା ବାବଦରେ ଭାରତର ବହୁ ଅଭିଜ୍ଞତା ରହିଛି। ଉକ୍ତ ବିଦ୍ରୋହ କୌଣସି ରାଜନୈତିକ ଉଦ୍ଦେଶ୍ୟ ରଖି କିମ୍ବା ସାମାଜିକ ଓ ଅର୍ଥନୈତିକ ନ୍ୟାୟ ମିଳିବା ପାଇଁ ବି ହୋଇ ପାରିଥାଏ। ଆସାମ, ଜମ୍ମୁ ଓ କାଶ୍ମୀରର ବିଚ୍ଛିନ୍ନତାବାଦୀ ମୌଳିକ ଗୋଷ୍ଠୀ, ଅରୁଣାଞ୍ଚଳ ପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ ଓ ତ୍ରିପୁରା ପ୍ରଭୃତି ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସଶସ୍ତ୍ର ଆତଙ୍କବାଦୀ ଗୋଷ୍ଠୀମାନେ ଅତ୍ୟନ୍ତ

ଭୟଙ୍କର ଓ କ୍ଷତିକାରକ ଅଟନ୍ତି। ଯଦିଓ ଏହି ଗୋଷ୍ଠୀମାନଙ୍କର ସମସ୍ତ ସଦସ୍ୟ ଭାରତୀୟ କିନ୍ତୁ ସେମାନେ ପଡ଼ୋଶୀ ଦେଶମାନଙ୍କଠାରୁ ସହଯୋଗ ପାଇ ଦେଶରେ ଅରାଜକତା ସୃଷ୍ଟି ପାଇଁ ଚେଷ୍ଟା କରିଥାନ୍ତି।

## ୨୭.୪.୩ ନକ୍ସାଲ ଆନ୍ଦୋଳନ

ବିଭିନ୍ନ କାରଣ ପାଇଁ ନକ୍ସାଲ ଆନ୍ଦୋଳନ ଦେଶ ପାଇଁ ଏକ ମୁଖ୍ୟ ସମସ୍ୟା ହୋଇଅଛି। ଏହା ପ୍ରଥମେ, ପଶ୍ଚିମବଙ୍ଗର କୌଣସି ଏକ ଜିଲ୍ଲାରୁ ଆରମ୍ଭ ହୋଇଥିଲା, ବର୍ତ୍ତମାନ ଏହା, ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରି ୧୨ଟି ରାଜ୍ୟର ୧୨୫ଟି ଜିଲ୍ଲାରେ ବ୍ୟାପି ଯାଇଅଛି। ନକ୍ସାଲମାନେ ସବୁ ସମୟରେ ସାଧାରଣ ସମ୍ପତ୍ତି, ସରକାରୀ କର୍ମଚାରୀ, ପୋଲିସ, ଅର୍ଦ୍ଧସାମରିକବାହିନୀ ଏବଂ ଯେଉଁଲୋକଙ୍କୁ ସେମାନେ ଶତୃବୋଲି ଭାବନ୍ତି, ଏ ସମସ୍ତ ଲୋକଙ୍କୁ ଆକ୍ରମଣ କରନ୍ତି। ଏମାନେ ଜଙ୍ଗଲ ଇଲାକାରେ ଯେ କୌଣସି ବିକାଶକୁ ବିରୋଧ କରନ୍ତି। ସରକାର ଗ୍ରାମ ମାନଙ୍କରେ ଓ ଜଙ୍ଗଲ ମଧ୍ୟରେ ପକ୍କା ରାସ୍ତା ନିର୍ମାଣ କରିବାକୁ ଚାହୁଁଛନ୍ତି କିନ୍ତୁ ନକ୍ସାଲମାନେ ଏହାର ତୀବ୍ର ପ୍ରତିରୋଧ କରୁଛନ୍ତି। ସେମାନେ ଭାବୁଛନ୍ତି ଯେ, ଯଦି ସରକାର ଉକ୍ତ ଅଞ୍ଚଳରେ ଥରେ ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିବେ, ତେବେ ନକ୍ସାଲମାନେ ଲୋକମାନଙ୍କ ସମର୍ଥନ ହରାଇ ବସିବେ। ତେଣୁ ସେମାନେ ନିରୀହ ଲୋକମାନଙ୍କୁ ବିଭିନ୍ନ କଥା କହି ଲକ୍ଷଭ୍ରଷ୍ଟ କରୁଛନ୍ତି। ସେମାନେ ମଧ୍ୟ ଲୋକମାନଙ୍କୁ ପ୍ରବର୍ତ୍ତାଉଛନ୍ତି ଯେ, ସରକାର ସେମାନଙ୍କର ଖଣିଜ ସଂପଦ ଓ ଜଙ୍ଗଲ ସଂପଦକୁ ଲୁଟ୍ କରି ନେଇଯାଇ ପାରନ୍ତି।



**ଚିତ୍ର ୨୭.୨ ନକ୍ସାଲ ମାନେ**

ଦୁର୍ଭାଗ୍ୟବସତଃ ସମାଜରେ କେତେକ ଗୋଷ୍ଠୀର ଲୋକମାନଙ୍କ ଅସନ୍ତୋଷ ଯୋଗୁଁ ଏହି ସବୁ ଆନ୍ଦୋଳନ ସର୍ବତ୍ର ଦେଖାଯାଉଛି। ଯେଉଁ ଯୁବଗୋଷ୍ଠୀର ଲୋକମାନଙ୍କୁ ଏହି ଆନ୍ଦୋଳନରେ ସାମିଲ କରାଯାଉଛି, ସେମାନେ ମୁଖ୍ୟତଃ, ହରିଜନ, ଆଦିବାସୀ ଓ ଦଳିତଗୋଷ୍ଠୀ ଅନ୍ତର୍ଭୁକ୍ତ ଅଟନ୍ତି। ତୁମେମାନେ

ମଧ୍ଯ ଜାଣିଥିବ ବା ତୁମର ଅଭିଜ୍ଞତା ଥି ଯେ, ଉକ୍ତ ଗୋଷ୍ଠୀର ଲୋକମାନେ କିପରି ସମାଜରେ ଅବହେଳିତ ଅବସ୍ଥାରେ ରହିଥାନ୍ତି ? କହିବାକୁ ଗଲେ, ଭାରତର ବିକାଶରୁ ମିଳିଥିବା ସୁଫଳ ବର୍ତ୍ତମାନ ସୁଦ୍ଧା ବି ସେମାନଙ୍କ ନିକଟରେ ପହଞ୍ଚିପାରି ନାହିଁ। କାରଣ ଯାହା ହେଉ ପଛକେ, ବିକାଶର ସ୍ୱାଦ ଉକ୍ତ ଅବହେଳିତ ଲୋକମାନେ, ସ୍ୱାଧୀନତାର ଦୀର୍ଘ ସମୟ ପରେ ବି ଚାଖିପାରି ନାହାଁନ୍ତି।

### ? ତୁମେ ଜାଣ କି

ଭାରତରେ ନକ୍ସାଲ ଆନ୍ଦୋଳନ ୧୯୬୭ ମସିହା ମାର୍ଚ୍ଚ ମାସରେ ପଶ୍ଚିମବଙ୍ଗର ନକ୍ସାଲ ବାରିଠାରୁ ଆରମ୍ଭ ହୋଇଥିଲା। ଏହା କୃଷକମାନଙ୍କର ଆନ୍ଦୋଳନ ଥିଲା ଓ ଚାରୁ ମଜୁମ୍‌ଦାର ଓ କାନୁ ସାନ୍ୟାଲ ଉକ୍ତ ବିଦ୍ରୋହର ନେତୃତ୍ୱ ନେଇଥିଲେ। ଜଣେ ଆଦିବାସୀ ଯୁବକ ନିଜର ଜମିଚାଷ ପାଇଁ କୋର୍ଟରୁ ଆଦେଶ ପାଇ ମଧ୍ୟ, ସ୍ଥାନୀୟ ଜମିଦାରମାନଙ୍କ ଆକ୍ରମଣର ଶିକାର ହୋଇଥିଲା। ଫଳରେ ଆଦିବାସୀମାନେ ପ୍ରତିଶୋଧ ନେଇଥିଲେ ଓ ଉତ୍ପାଦନରୁ ଜମିଦାରଙ୍କ ଭାଗ ଅଂଶ ଦେବାକୁ ମନା କରିଦେଇ, ଉତ୍ପାଦିତ ସମସ୍ତ ଶସ୍ୟକୁ ନେଇ ଯାଇଥିଲେ। ଏହା ସମଗ୍ର ରାଜ୍ୟରେ ଅଗ୍ନି ସଦୃଶ ବ୍ୟାପି ଯାଇଥିଲା। ଫଳରେ ଶକ୍ତି ପ୍ରୟୋଗ କରି ଏହି ଆନ୍ଦୋଳନକୁ ଦବାଇ ଦିଆଗଲା ଏବଂ ରାଜ୍ୟ ସରକାର ଭୂସଂସ୍କାର ସମ୍ବନ୍ଧୀୟ କିଛି ଆଇନ ମଧ୍ୟ ପ୍ରବର୍ତ୍ତନ କରିଥିଲେ। ଏହା ଆନ୍ଦୋଳନର ପ୍ରଥମ ଅଂଶ ଥିଲା। ତାପରେ, ଉକ୍ତ ନକ୍ସାଲ ଆନ୍ଦୋଳନ ୯ଟି ରାଜ୍ୟକୁ ବ୍ୟାପିଯାଇଥିଲା। ଏହି ରାଜ୍ୟ ଗୁଡ଼ିକ ଥିଲେ ବିହାର, ଝାଡ଼ଖଣ୍ଡ, ପଶ୍ଚମବଙ୍ଗ, ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ର, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ। ବିଶେଷ କରି ଆଦିବାସୀ ଇଲାକାରେ ନକ୍ସାଲମାନେ, କଙ୍ଗାରୁକୋର୍ଟ ବସାଇ କଣ୍ଟ୍ରାକ୍ଟର, ଖଣିମାଲିକ, ବ୍ୟବସାୟୀ ଓ ସରକାରୀ ଅଫିସରଙ୍କ ଠାରୁ ଚାନ୍ଦା ଆଦାୟ କରୁଥିଲେ। ଏହି ଆନ୍ଦୋଳନରେ ଅନେକ ନେତା, ବହୁସଂଖ୍ୟକ ଶ୍ରମିକ ସହାନଭୂତିଶୀଳ ଲୋକମାନେ ଯୋଗ ଦେଇଥିଲେ। ସେମାନଙ୍କର ବିଶ୍ୱାସ ଥିଲା ଯେ, ଉକ୍ତ ଗରିଲା ଯୁଦ୍ଧ କୌଶଳ ଭାରତକୁ ଦାସତ୍ୱରୁ ମୁକ୍ତ କରିବ।

## ୨୭.୪.୪ ସରକାରଙ୍କ ସମର କୌଶଳ (ରଣନୀତି)

ଭାରତ ସରକାର ଉଗ୍ରବାଦୀ ଆକ୍ରମଣ, ବିଦ୍ରୋହ ଓ ନକ୍ସାଲ ଆନ୍ଦୋଳନ ପାଇଁ ବିଭିନ୍ନ ରଣନୀତି ଓ କୌଶଳ ପ୍ରସ୍ତୁତ କରି ଆସୁଛନ୍ତି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ଦେଶର ଚେଷ୍ଟାକୁ ସମର୍ଥନ ଯୋଗାଇ ଆସୁଛନ୍ତି ଓ ଆବଶ୍ୟକ ହେଲେ ସେମାନଙ୍କ ଠାରୁ ସମର୍ଥନ ପାଇବା ପାଇଁ ଉଦ୍ୟମ କରୁଛନ୍ତି। କୁଟନୈତିକ ସ୍ତରରେ, ପାକିସ୍ଥାନ ଉପରେ ଆନ୍ତର୍ଜାତିକ ଚାପ ପକାଇବା ପାଇଁ ଚେଷ୍ଟା କରାଯାଇଅଛି। ପଡ଼ୋଶୀ ଦେଶମାନେ ସେମାନଙ୍କର ପୂର୍ଣ୍ଣ ସହଯୋଗ କରୁଛନ୍ତି ଯେ, ଆତଙ୍କବାଦୀମାନଙ୍କୁ ସେମାନଙ୍କ ଦେଶ ତରଫରୁ କୌଣସି ପ୍ରକାରର ସାହାଯ୍ୟ ସମର୍ଥନ ଯୋଗାଇ ଦିଆଯିବ ନାହିଁ। କିନ୍ତୁ ବିଦ୍ରୋହାତ୍ମକ କାର୍ଯ୍ୟକ୍ରମ ଯାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ, ତାହାକୁ ଦମନ କରିବା ପାଇଁ ଭାରତ ସରକାର କୂଟନୈତିକ ସ୍ତରରେ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ ଭାରତ, ମିଆଁମାର ଓ ବଙ୍ଗଳାଦେଶ ସଙ୍ଗେ ଏକ ଚୁକ୍ତିରେ ଆବଦ୍ଧ ହୋଇଛି ଯେ, ଉକ୍ତ ଦେଶମାନଙ୍କରୁ ବିଦ୍ରୋହୀମାନେ ପାଉଥିବା ସାହାଯ୍ୟ ଓ ସମର୍ଥନକୁ ଯେ କୌଣସି ପ୍ରକାରେ ପ୍ରତିରୋଧ କରାଯିବ। ପ୍ରଥମ ଅବସ୍ଥାର ନକ୍ସାଲ ଆନ୍ଦୋଳନକୁ ରାଜ୍ୟ ସରକାରମାନେ ଏକ ଆଇନ ଶୃଙ୍ଖଳା ପରିସ୍ଥିତି ବୋଲି ଭାବୁଥିଲେ। କିନ୍ତୁ, ବର୍ତ୍ତମାନ ଏହା ବିବେଚନା କରାଯାଉଛି ଯେ, ଏହା ଏକ ଭୟଙ୍କର ସମସ୍ୟା ଓ ଏଥିରେ ସାମାଜିକ ଓ ଅର୍ଥନୈତିକ ସଂପୃକ୍ତି ରହିଅଛି।

ସରକାର ବିଭିନ୍ନ ଚେଷ୍ଟା ମାଧ୍ୟମରେ ଅସନ୍ତୁଷ୍ଟ ଯୁବଗୋଷ୍ଠୀଙ୍କୁ ବିକାଶ ଧାରାରେ ସାମିଲ କରିବା ପାଇଁ ଚେଷ୍ଟା କରୁଛନ୍ତି ।

## ତୁମପାଇଁ କାର୍ଯ୍ୟ ୨୭.୩

ତୁମର ବନ୍ଧୁ, ସହପାଠୀ, ଶିକ୍ଷକ ଓ ଅନ୍ୟମାନଙ୍କୁ ପଚାର, ଯେଉଁମାନେ ସେମାନଙ୍କର ମତାମତ ସୁବିଧାରେ, ନିମ୍ନଲିଖିତ ବାକ୍ୟ ପାଇଁ, ନେଇ ପାରିବେ । ସେମାନଙ୍କର ସଂଖ୍ୟା ଅତିକମ୍‌ରେ ୫ ହେବା ଦରକାର । ସେମାନେ ମଧ୍ୟ କାରଣ ଲେଖିବେ ଯେ, ଉକ୍ତ ବାକ୍ୟ ସଙ୍ଗେ ସେମାନେ ଏକମତ କି ଏକମତ ନୁହନ୍ତି ।

୧. ସମସ୍ତ ନକ୍ସାଲ ବିଦ୍ରୋହୀଙ୍କୁ ଧରି ବା ମାରିଦେଇ, ସରକାର ଉକ୍ତ ଆନ୍ଦୋଳନକୁ ଦମନ କରିବା ଉଚିତ୍ । ତେଣୁ ଶାନ୍ତି ଓ ନିରାପତ୍ତା ପ୍ରତି କୌଣସି ବିପଦ ରହିବ ନାହିଁ ।

୨. ନକ୍ସାଲ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ, ସରକାର ଏକ ଜାତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଉଚିତ୍ । ଉକ୍ତ କାର୍ଯ୍ୟକ୍ରମରେ ସେମାନଙ୍କ ଅଞ୍ଚଳର ସାମଗ୍ରିକ ବିକାଶ ସ୍ଥାନ ପାଇଲେ, ତାଙ୍କ ଭିତରେ ଥିବା ଅସନ୍ତୋଷ ଶିଘ୍ର ଦୂରେଇ ଯିବ ଓ ସେମାନେ ଜାତୀୟ ସ୍ରୋତରେ ମିଶିବା ପାଇଁ ଆଗ୍ରହ ପ୍ରକାଶ କରିବେ । ନିମ୍ନରେ ଥିବା ଟେବୁଲରେ ଲୋକଙ୍କ ମତାମତର ଲେଖା ପ୍ରସ୍ତୁତ କର ଯେ, ତୁମେ କିପରି ଉକ୍ତ ନକ୍ସାଲ ଆନ୍ଦୋଳନଜନିତ ସମସ୍ୟାର ସମାଧାନ କରି ପାରିବ ।

| ବାକ୍ୟର ସଂଖ୍ୟା | କାରଣ |
|---|---|
| ଏକ ନଂ ବାକ୍ୟ | ୧ |
| | ୨ |
| | ୩ |
| | ୪ |
| | ୫ |
| ୨ ନଂ ବାକ୍ୟ | ୧ |
| | ୨ |
| | ୩ |
| | ୪ |
| | ୫ |

## ପାଠଗତ ପ୍ରଶ୍ନାବଳୀ ୨୭.୩

୧. ଶୂନ୍ୟସ୍ଥାନ ପୂରଣ କର।

(କ) ________, ________ ଓ ________ ହିଂସାତ୍ମକ କାର୍ଯ୍ୟ କଳାପରେ ଭାରତର ବହୁ ଅଭିଜ୍ଞତା ରହିଛି।

(ଖ) ଆତଙ୍କବାଦ ଏକ ଅପରାଧ କାର୍ଯ୍ୟ ଯାହା ସାଧାରଣ ଲୋକଙ୍କର ________ କରେ ଓ ରାଜନୈତିକ ଓ ଆଦର୍ଶ ଦୃଷ୍ଟିକୋଣରୁ ________ ସୃଷ୍ଟି କରେ।

(ଗ) ଭାରତରେ ବିଦ୍ରୋହ ଦୁଇ ପ୍ରକାର। ଗୋଟିଏ ________ ପାଇଁ ଓ ଅନ୍ୟଟି ________ ପାଇଁ ଅଟେ।

୨. ସଶସ୍ତ୍ର ବିଦ୍ରୋହ ଦମନ ପାଇଁ, ସରକାର କି ପ୍ରକାର କୌଶଳ ଅବଲମ୍ବନ କରୁଛନ୍ତି ?

୩. ତୁମ ମତରେ, ସରକାର, ବିଦ୍ରୋହ ଜନିତ ସମସ୍ୟାର ସମାଧାନ ପାଇଁ କେଉଁ ପଦକ୍ଷେପ ନେବା ଉଚିତ ?

## ୨୭.୫ ଭାରତ ଓ ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା

ପୃଥିବୀ ଶାନ୍ତି ଓ ନିରାପତ୍ତା ପାଇଁ ଭାରତର ଦାନ ଅତୁଳନୀୟ। ଦେଶର ବିକାଶ ପାଇଁ ଏହା ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ଦେଶ ଭଳି, ଭାରତର ନିଜସ୍ୱ ବୈଦେଶିକ ନୀତି ଅଛି। ପୃଥିବୀର ଶାନ୍ତି ଓ ନିରାପତ୍ତା ପାଇଁ, ଏପରିକି ପଡ଼ୋଶୀ ଦେଶ ମାନଙ୍କରେ ସ୍ଥିରତା ରକ୍ଷା ପାଇଁ, ଭାରତର ବୈଦେଶିକ ନୀତି ନିର୍ଦ୍ଧାରିତ ହୋଇଛି। ଉକ୍ତ ବୈଦେଶିକ ନୀତିର ମୂଳ ଉପାଦାନ ଗୁଡ଼ିକ ହେଲା (୧) ଯୋଜନା ପ୍ରସ୍ତୁତିରେ ସ୍ୱାଧୀନତା ରକ୍ଷା (୨) ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା ପାଇଁ ସହଯୋଗ କରିବା (୩) ସମସ୍ତ ରାଷ୍ଟ୍ର ଓ ପଡ଼ୋଶୀ ଦେଶମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷା (୪) ମିଳିତ ଜାତି ସଂଘକୁ ସମର୍ଥନ କରିବା (୫) ନିରସ୍ତ୍ରୀକରଣ ଔପନିବେଶବାଦକୁ ବିରୋଧ। ସାମ୍ରାଜ୍ୟବାଦ ଓ ବର୍ଣ୍ଣବୈଷମ୍ୟବାଦକୁ ବିରୋଧ କରିବା ପ୍ରଭୃତି କାର୍ଯ୍ୟ ବୈଦେଶିକ ନୀତିର ମୂଳମନ୍ତ୍ର ଅଟେ। ଉପର ଲିଖିତ ଉଦ୍ଦେଶ୍ୟ ରଖି, ଭାରତର ବୈଦେଶିକ ନୀତି ନିୟନ୍ତ୍ରିତ ହେଉଛି, ତେଣୁ ଏହାକୁ ନିରପେକ୍ଷ ବୈଦେଶିକ ନୀତି କୁହାଯାଏ।

### ୨୭.୫.୧ ନିରପେକ୍ଷ ନୀତି

ନିରପେକ୍ଷତା ଭାରତୀୟ ବୈଦେଶିକ ନୀତିର ମୁଖ୍ୟ ଉପାଦାନ। ଉକ୍ତ ନୀତିର କ୍ରମ ବିକାଶ ଧାରାକୁ ଦେଶ ସମର୍ଥନ କରି ଆସୁଅଛି ଯେତେବେଳେ ପୃଥିବୀ ଦୁଇଟି ଗୋଷ୍ଠୀରେ ବିଭକ୍ତ ଥିଲା। ଗୋଟିଏ ଗୋଷ୍ଠୀ ଆମେରିକା ନେତୃତ୍ୱରେ ଚାଲିଥିବା ବେଳେ, ଅନ୍ୟଟି ସୋଭିଏତ ଋଷ ନେତୃତ୍ୱରେ ପରିଚାଳିତ ହେଉଥିଲା। ଉକ୍ତ ଦୁଇ ଗୋଷ୍ଠୀଙ୍କ ଦ୍ୱାରା ପୃଥିବୀରେ ଏକରକମ ଶୀତଳ ଯୁଦ୍ଧ ଚାଲିଥିଲା। ଏହି ଶୀତଳ ଯୁଦ୍ଧ ପ୍ରାୟ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆରମ୍ଭ ହୋଇ ବର୍ତ୍ତମାନ ବି ଚାଲିଛି। ଏହି ଦୁଇଟି ଦେଶ ବିପରିତ ମେରୁ ସଦୃଶ କାର୍ଯ୍ୟ କରି ଆସୁଛନ୍ତି। ତେଣୁ ପୃଥିବୀର ସମସ୍ତ ରାଜନୈତିକ ଯୋଜନା ଦୁଇ ଭାଗରେ ବିଭକ୍ତ ହୋଇ କାର୍ଯ୍ୟ କରୁଛି।

ଏହି ନିରପେକ୍ଷ ନୀତିରେ ଭାରତ ବିଶ୍ୱାସ କରି ପୃଥିବୀର କୌଣସି କ୍ଷମତା ଗୋଷ୍ଠୀରେ ଯୋଗ ଦେଇ ନାହିଁ। ଏହାକୁ ନିରପେକ୍ଷତା, ଅସଂପୃକ୍ତ କିମ୍ବା ଅଲଗା ରହିବା ଅବସ୍ଥାକୁ ବୁଝିବା ଠିକ୍ ହେବ ନାହିଁ। ନିରପେକ୍ଷ ନୀତି ଏକ ପରିବର୍ତ୍ତିତ ଶଙ୍କା ଯାହାର ଅର୍ଥ କୌଣସି ସାମରିକ ମେଣ୍ଟରେ ଯୋଗ ନ ଦେଇ, ଆନ୍ତର୍ଜାତିକ ସମସ୍ୟା ଉପରେ, ଏକ ସ୍ୱାଧୀନ ମତାମତ ପ୍ରକାଶ କରିବା। ଉକ୍ତ ନିରପେକ୍ଷ ନୀତି ବିକାଶଶୀଳ ଦେଶମାନଙ୍କ ମଧ୍ୟରୁ ବହୁ ସମର୍ଥକ ମାନଙ୍କୁ ଆପଣେଇ ପାରିଛି। କାରଣ ଏହା ସେ ଦେଶ ମାନଙ୍କର ସାର୍ବଭୌମତ୍ୱ ରକ୍ଷା କରିବା ଓ ଶୀତଳ ଯୁଦ୍ଧରେ ନିଜର ସ୍ୱାଧୀନତା ବଜାୟ ରଖିବାରେ ସହାୟକ ହୋଇଛି। ଭାରତ ଏହି ନୀତିର ମୂଳ ପ୍ରବର୍ତ୍ତକ ଓ ଏହାର ଉପଯୋଗିତା ପାଇଁ ଅହରହ ଉଦ୍ୟମ ଜାରି ରଖିଛି। ଏହାଦ୍ୱାରା ପ୍ରତ୍ୟେକ ଦେଶ ପୃଥିବୀର ଯେ କୌଣସି ସମସ୍ୟା ଉପରେ ସେମାନଙ୍କର ସ୍ୱାଧୀନ ମତାମତ ପ୍ରକାଶ କରିବାର ସୁଯୋଗ ପାଉଛନ୍ତି।

### ? ତୁମେ ଜାଣ କି

ନିରପେକ୍ଷ ଦେଶମାନଙ୍କ ମଧ୍ୟରେ ପଣ୍ଡିତ ନେହୁରୁ, ଯୁଗସ୍ଲୋଭିଆର ରାଷ୍ଟ୍ରପତି ମାର୍ଶାଲ ଟିଟୋ ଓ ଇଜିପିଟ୍‌ର ରାଷ୍ଟ୍ରପତି ନାସେରଙ୍କ ସହ ଏକ ସ୍ୱତନ୍ତ୍ର ସମ୍ପର୍କ ସୃଷ୍ଟି କରିଥିଲେ। ଏହି ତିନିଜଣ ପଦାଧିକାରୀ ନିରପେକ୍ଷ ନୀତିର ମୂଖ୍ୟ ପ୍ରବକ୍ତା ଥିଲେ।

ଉକ୍ତ ନିରପେକ୍ଷ ଆନ୍ଦୋଳନ କେତେ ଗୁଡ଼ିଏ ସ୍ୱାଧୀନ ଦେଶମାନଙ୍କର ଚିନ୍ତାଧାରା, ଯାହା ସେମାନଙ୍କୁ ଔପନିବେଶବାଦରୁ ରକ୍ଷା କରିବା ସଙ୍ଗେ ସଙ୍ଗେ, ନିଜର ସ୍ୱାଧୀନ ମତାମତ ପ୍ରତି ଗୁରୁତ୍ୱ ଆରୋପ କରୁଥିଲା।



ଚିତ୍ର ୨୭.୩ (ଏନ୍‌କ୍ରୁମା, ନେହୁରୁ, ନାସେର ଓ ଟିଟୋ)

## ନିରପେକ୍ଷ ଆନ୍ଦୋଳନର ନେତା

ଯେହେତୁ, ନିରପେକ୍ଷ ଆନ୍ଦୋଳନ, ଶୀତଳଯୁଦ୍ଧ ପରି ଦୁଇଟି ପ୍ରତିଦ୍ୱନ୍ଦୀ କ୍ଷମତା ବଳୟର ସୃଷ୍ଟି ଥିଲା, ଅନେକ ବୁଦ୍ଧିଜିବୀ, ଶୀତଳ ଯୁଦ୍ଧର ଅବସାନ ଓ ସୋଭିଏତ୍ ଦେଶ ବିଭାଜନ ପରେ, ଏହାର ପ୍ରାସଙ୍ଗିକତା ଉପରେ ପ୍ରଶ୍ନ କରୁଥିଲେ। ଯାହା ହେଉ, ବର୍ତ୍ତମାନ ପରିସ୍ଥିତିରେ, ନିରପେକ୍ଷ

ଆନ୍ଦୋଳନ ଏକ ମୂଖ୍ୟ ଭୂମିକା ନିଭାଉଛି। ପ୍ରଥମେ, ସୋଭିଏତ୍ ଦେଶର ବିଭାଜନ ପରେ, ପୃଥିବୀ ପଶ୍ଚିମ କ୍ଷମତା ବଳୟ ମଧ୍ୟରୁ ସର୍ବଦା ବିପଦ ଆଶଙ୍କା କରୁଥିଲା। କିନ୍ତୁ ନିରପେକ୍ଷ ଆନ୍ଦୋଳନ, ଆମେରିକାର ଆଧିପତ୍ୟ ବିସ୍ତାରକୁ ନିୟନ୍ତ୍ରଣ ଭିତରେ ରଖିଥିଲା। ଦ୍ୱିତୀୟରେ ବିକଶିତ ଓ ବିକାଶ ମୂଳକ ଦେଶମାନେ ବିଭିନ୍ନ ଅର୍ଥନୈତିକ ସମସ୍ୟା ନେଇ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି। ଉକ୍ତ ନିରପେକ୍ଷ ଆନ୍ଦୋଳନ ବିକାଶଶୀଳ ଦେଶ ମାନଙ୍କ ପାଇଁ ଏକ ପ୍ରାସଙ୍ଗିକ ଆଲୋଚନା ସ୍ଥଳ ହୋଇ ରହିଛି। ଏହାଦ୍ୱାରା ବିକାଶଶୀଳ ଦେଶମାନଙ୍କ ଭିତରେ ସହଯୋଗ ଓ ବୁଝାମଣା ବୃଦ୍ଧି ପାଇଛି। ଶେଷରେ, ଭବଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ବିକାଶଶୀଳ ଦେଶମାନେ, ନିରପେକ୍ଷ ଆନ୍ଦୋଳନ ନାମରେ, ଜାତିସଂଘ ଆଇନର ଆବଶ୍ୟକ ସଂଶୋଧନ କରିବାର ଚେଷ୍ଟାରେ ଅଛନ୍ତି।

## ୨୭.୫.୨ ମିଳିତ ଜାତିସଂଘକୁ ସମର୍ଥନ

ଭାରତ ସବୁବେଳେ, ମିଳିତ ଜାତିସଂଘକୁ, ଶାନ୍ତି ଓ ନିରପତ୍ତାର ଯାନ ବୋଲି ମତାମତ ଦେଇଅଛି। ଏହାମଧ୍ୟ ପୃଥିବୀ ରାଜନୀତିର ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ପାଇଁ ଉପଯୁକ୍ତ ମାଧ୍ୟମ ଅଟେ। ମିଳିତ ଜାତି ସଂଘ ସ୍ଥାପନ ପାଇଁ ମୂଳ ୫୧ ଜଣ ସଦସ୍ୟ ଦେଶମାନଙ୍କ ମଧ୍ୟରୁ, ଭାରତ, ଏକ ହୋଇ ଥିବାରୁ, ଆନ୍ତର୍ଜାତୀୟ ଶାନ୍ତି ନିରାପତ୍ତା ଓ ନିରସ୍ତ୍ରୀକରଣ ପାଇଁ, ଏହା ସମସ୍ତ ପ୍ରକାର ସାହାଯ୍ୟ ଓ ସମର୍ଥନ ଯୋଗାଇ ଆସୁଅଛି। ଭାରତ ଆଶା କରୁଛି ଯେ, ମିଳିତ ଜାତିସଂଘ, ଦେଶମାନଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟକୁ ଆଲୋଚନା ମାଧ୍ୟମରେ ଏକ ନିଷ୍ପତି ମୂଳକ ପର୍ଯ୍ୟାୟରେ ପହଞ୍ଚାଇ ପାରିବ। ଭାରତ ମଧ୍ୟ ମିଳିତ ଜାତିସଂଘରେ, ବିକାଶଶୀଳ ଦେଶମାନଙ୍କର ଏକ ସାଧାରଣ ମିଳିତ ସଂଘ ଗଠନ ପାଇଁ ଚେଷ୍ଟା କରି ଆସୁଅଛି। ଏହାମଧ୍ୟ ବିଶ୍ୱାସ କରାଯାଉଛି ଯେ, ନିରପେକ୍ଷ ଦେଶ ସମୂହ, ମିଳିତ ଜାତି ସଂଘରେ ଏକ ଗଠନମୂଳ ଓ ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରି, ବଡ଼ବଡ଼ ଶକ୍ତିଶାଳୀ ଦେଶମାନଙ୍କ ହସ୍ତକ୍ଷେପ ଓ ପ୍ରାଧାନ୍ୟକୁ ପ୍ରତିହତ କରିବେ। ନିରାପତ୍ତା ପରିଷଦ, ମିଳିତ ଜାତିସଂଘର ଏକ ମୂଖ୍ୟ ଅଙ୍ଗ, ଯିଏ ପୃଥିବୀର ଶାନ୍ତି ଓ ନିରାପତ୍ତା ପାଇଁ ପ୍ରଧାନ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଉକ୍ତ ପରିଷଦର ସ୍ଥାୟୀ ସଭ୍ୟ ପଦ ପାଇଁ ଭରତର ପ୍ରାର୍ଥୀତ୍ୱ ଅତ୍ୟନ୍ତ ଯୁକ୍ତି ସଂଗତ ଓ ପ୍ରଭାବଶାଳୀ ଅଟେ।



ଚିତ୍ର ୨୭.୪ ମିଳିତ ଜାତିସଂଘ କାର୍ଯ୍ୟାଳୟ, ନିୟୁର୍କ,

ଟିପ୍ପଣୀ

## ତୁମ ପାଇଁ କାର୍ଯ୍ୟ ?

ନିରାପତ୍ତା ପରିଷଦର ମୋଟ ସଦସ୍ୟ ସଂଖ୍ୟା କେତେ ? ଖବର ସଂଗ୍ରହ କର। କେତେଗୋଟି ସଦସ୍ୟ ରାଷ୍ଟ୍ର ସ୍ଥାୟୀ ସଭ୍ୟ ଅଟନ୍ତି ? ଉକ୍ତ ଖବରକୁ ନେଇ ଏକ ବିବରଣୀ ଥିବା ଲେଖା ପ୍ରଶ୍ନ ପାଇଁ ପ୍ରସ୍ତୁତ କର (୧) କାହିଁକି ଏତିକି ସଂଖ୍ୟକ ସଭ୍ୟଙ୍କୁ ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟ କରାଗଲା ? ଭାରତ କାହିଁକି ଏକ ସ୍ଥାୟୀ ସଦସ୍ୟ ପଦ ପାଇବ ନାହିଁ ?

## ପାଠଗତ ପ୍ରଶ୍ନାବଳୀ ୨୭.୪

୧. ଭାରତର ବୈଦେଶିକ ନୀତିର ମୂଳ ଉଦ୍ଦେଶ୍ୟ କଣ ?

୨. ଭାରତ ନିରପେକ୍ଷ ନୀତି ଗ୍ରହଣ କଲା କାହିଁକି ?

୩. ଶୂନ୍ୟସ୍ଥାନ ପୂରଣ କର-

(କ) ଭାରତ ନିରପେକ୍ଷ ଆନ୍ଦୋଳନର __________ ଅଟେ।

(ଖ) ଭାରତ ମିଳିତ ଜାତିସଂଘକୁ ପୃଥିବୀ ରାଜନୀତିରେ __________ ଓ __________ ପାଇଁ ଏକ ମାଧ୍ୟମ ହିସାବରେ ଗ୍ରହଣ କରିଅଛି।

(ଗ) ଭାରତ __________ ବ୍ୟବସ୍ଥାରେ ମିଳିତ ଜାତି ସଂଘକୁ ସମସ୍ତ ସାହାଯ୍ୟ ଯୋଗାଇ ଆସୁଅଛି।

(ଘ) ଭାରତ ମିଳିତ ଜାତିସଂଘର ନିରାପତ୍ତା ପରିଷଦରେ __________ ସଭ୍ୟ ହେବା ଉଚିତ୍।

## ତୁମେ କଣ ଶିକ୍ଷା କଲ

- କୌଣସି ବ୍ୟକ୍ତି ବିଶେଷ, ସମାଜ, ଦେଶ ଓ ପୃଥିବୀ ପାଇଁ, ଶାନ୍ତି ଓ ନିରାପତ୍ତା ମୂଖ୍ୟ ଅଟେ। ଏହା ଗୋଟିଏ ଅବସ୍ଥା, ଯେଉଁଠାରେ ବ୍ୟକ୍ତି, ଅନୁଷ୍ଠାନ, ଅଞ୍ଚଳ, ଦେଶ ଓ ପୃଥିବୀ ବିନା ବିପଦରେ ବିକାଶ ପଥରେ ଆଗେଇ ଯାଇପାରିବେ।

- ଶାନ୍ତି ଏକ ସାମାଜିକ ଓ ରାଜନୈତିକ ଅବସ୍ଥା, ଯାହା ବ୍ୟକ୍ତି, ସମାଜ ଓ ଦେଶ ବିକାଶରେ ସହାୟକ ହୁଏ। ଏହା ସୁସ୍ଥ ସମ୍ପର୍କ ରଖି ମିଳିମିଶି ରହି ପାରୁଥିବା ଏକ ଅବସ୍ଥା। ଏହା ମଧ୍ୟ ସାମାଜିକ ଓ ଅର୍ଥନୈତିକ ଉନ୍ନତି ଓ ସମାନତାର ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଅଟେ। କିନ୍ତୁ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ପର୍କ କ୍ଷେତ୍ରରେ ଏହା କେବଳ ଯୁଦ୍ଧ ଓ ଅସ୍ୱାଭାବିକ ଅବସ୍ଥାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବରଂ ଏହା ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବୁଝାମଣା ଓ ଏକତାକୁ ବୁଝାଇଥାଏ। ପ୍ରକୃତ ଶାନ୍ତି ଉପଲବ୍ଧି ପାଇଁ ସହନଶୀଳତା ଭାବର ଆବଶ୍ୟକତା ରହିଛି।

- ସାଧାରଣ ଅର୍ଥରେ, ନିରାପତ୍ତା, କୌଣସି ଅବସ୍ଥା ଓ ଚିନ୍ତାକୁ ଭୟମୁକ୍ତି କରିବା କାର୍ଯ୍ୟକୁ ବୁଝାଏ। ଏହା ବ୍ୟକ୍ତି, ଅନୁଷ୍ଠାନ, ଅଞ୍ଚଳ, ଦେଶ ଓ ପୃଥିବୀର ନିରାପତ୍ତା, ବିପଦପୂର୍ଣ୍ଣ ଅବସ୍ଥାର ଅନୁପସ୍ଥିତିକୁ ବୁଝାଇ ଥାଏ। ଏହା ମଧ୍ୟ ମନୁଷ୍ୟ ଅଧିକାର ଉପଯୋଗ କରିବାରେ ଆସୁଥିବା ବିପଦରୁ ମୁକ୍ତି ପାଇଁ ଉପସ୍ଥିତ

ବ୍ୟବସ୍ଥାକୁ ବୁଝାଯାଏ।

- ସାଧାରଣ ଧାରଣା ଅନୁସାରେ, ବହୁ ପୂର୍ବରୁ, ଶାନ୍ତି ଓ ନିରାପତ୍ତା ସାମରିକ ଓ ସଶସ୍ତ୍ର ଗଣ୍ଡଗୋଳର ବିପଦ ଉପରେ ଗୁରୁତ୍ୱ ଆରୋପ କରିଅଛି।
- କିନ୍ତୁ ନୂତନ ଧାରଣା, ମଣିଷ ଓ ପୃଥିବୀର ଶାନ୍ତି ଓ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦେଉଛି। ଉକ୍ତ ନୂତନ ଚିନ୍ତାଧାରା ବ୍ୟକ୍ତି ବିଶେଷକୁ ପ୍ରାଧାନ୍ୟ ଦେଇ ସେମାନଙ୍କର ଶାନ୍ତି ଓ ନିରାପତ୍ତା ବଜାୟ ରହିବା ବ୍ୟବସ୍ଥାକୁ ସାମାଜିକ ଓ ଅର୍ଥନୈତିକ ପ୍ରଗତି ହାସଲର ଭିତ୍ତି ଭୂମି ବୋଲି କୁହାଯାଉଅଛି।
- ଗଣତନ୍ତ୍ର ଓ ବିକାଶ କାର୍ଯ୍ୟକ୍ରମ ପାଇଁ ଶାନ୍ତି ଓ ନିରାପତ୍ତା ଏକାନ୍ତ ଆବଶ୍ୟକ। ପ୍ରକୃତରେ, ଗଣତନ୍ତ୍ର, ବିକାଶ କାର୍ଯ୍ୟକ୍ରମ ଓ ଶାନ୍ତି ନିରାପତ୍ତା ମଧ୍ୟରେ ଏକ ପରସ୍ପର ସମ୍ପର୍କ ରହିଛି। ଶାନ୍ତି ଓ ନିରାପତ୍ତାର ଅନୁପସ୍ଥିତିରେ, ଗଣତନ୍ତ୍ର ଶାସନ ବ୍ୟବସ୍ଥା ଚାଲି ପାରିବ ନାହିଁ କି ବିକାଶ କାର୍ଯ୍ୟକ୍ରମ ହୋଇ ପାରିବ ନାହିଁ।
- ଶାନ୍ତି ଓ ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ, କାର୍ଯ୍ୟ ସମ୍ପାଦାନର ପନ୍ଥା ଓ ପ୍ରକ୍ରିୟା, ସ୍ୱାଧୀନତା ଆନ୍ଦୋଳନ ସମୟରୁହିଁ ଆରମ୍ଭ ହୋଇଥିଲା। ଭାରତୀୟ ସମ୍ବିଧାନ ମଧ୍ୟ ଉକ୍ତ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛି। ଉକ୍ତ କାର୍ଯ୍ୟ ସମ୍ପାଦାନର ପନ୍ଥା, ଆବଶ୍ୟକ ଅନୁସାରେ ପରିବର୍ତ୍ତନ ହୋଇ ଆସୁଅଛି।
- ଆତଙ୍କବାଦ, ସଶସ୍ତ୍ର ବିଦ୍ରୋହ ଓ ନକ୍ସାଲ ଆନ୍ଦୋଳନ ନାମରେ, ବିଭିନ୍ନ ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପ ବିଷୟରେ, ଭାରତର ଯଥେଷ୍ଟଅଭିଜ୍ଞତା ରହି ଆସିଛି, ଯାହା ଶାନ୍ତି ଓ ନିରାପତ୍ତା ପାଇଁ ବଡ଼ ବିପଦ ଅଟେ। ଏହି ସବୁ ବିପଦକୁ ମୁକାବିଲା କରିବା ପାଇଁ, ଭାରତ ବିଭିନ୍ନ ପ୍ରତିଶେଧକ ବ୍ୟବସ୍ଥା ଓ କୌଶଳକୁ ନିଯୁକ୍ତି ଦେଇ ଆସିଛି।
- ଭାରତ ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ସହ ସମ୍ପୃକ୍ତ ଅଟେ। ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ଘୋଷଣା କରିଥିଲେ ଯେ, ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ପୂର୍ଣ୍ଣ ସହଯୋଗ କରିବ, କାରଣ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏହା ଉପଯୋଗୀ ହେବ। ଅନ୍ୟ ଦେଶମାନଙ୍କ ସଦୃଶ ଭାରତର ନିଜସ୍ୱ ବୈଦେଶିକ ନୀତି ଅଛି ଯାହା ଦେଶର ସ୍ୱାର୍ଥ ରକ୍ଷାପାଇଁ କାର୍ଯ୍ୟ କରୁଛି।
- ନିରପେକ୍ଷତା, ଭାରତ ବୈଦେଶିକ ନୀତିର ମୂଖ୍ୟ ଉପାଦାନ ଅଟେ। ସମଗ୍ର ପୃଥିବୀ ଯେତେବେଳେ ଦୁଇଟି କ୍ଷମତା ଗୋଷ୍ଠୀରେ ବିଭକ୍ତ ହୋଇଥିଲା, ଭାରତ, ନିରପେକ୍ଷ ନୀତିର କ୍ରମବିକାଶ ଧାରା ଉପରେ ଅଧିକ ଗୁରୁତ୍ୱ ଦେଉଥିଲା। ନିରପେକ୍ଷ ଆନ୍ଦୋଳନ ବିନା ବାଛ ବିଚାରରେ ସମସ୍ତ ସଦସ୍ୟ ଦେଶକୁ, ଆନ୍ତର୍ଜାତିକ ସମସ୍ୟାର ସମାଧାନ ନିଷ୍ପତିରେ ଅଂଶ ଗ୍ରହଣ କରିବାର ସୁଯୋଗ ଦେଇ ଆସୁଛି।
- ମିଳିତ ଜାତିସଂଘର ଶାନ୍ତି ରକ୍ଷା ଓ ନିରସ୍ତ୍ରୀକରଣ କାର୍ଯ୍ୟକ୍ରମରେ ଭାରତ ପୂର୍ଣ୍ଣ ସହଯୋଗ କରୁଛି। ବିକାଶନ୍ମୁଖୀ ଦେଶମାନଙ୍କ ବିକାଶ ନିମିତ୍ତ, ଜାତିସଂଘ ପାଇଁ ଭାରତ ଏକ ସକ୍ରିୟ ଭୂମିକାର ପ୍ରବକ୍ତା ସାଜିଛି। ଯେହେତୁ ଭାରତ, ଏକ ଦ୍ୱିତୀୟ ଦ୍ରୁତ ଆର୍ଥିକ ବ୍ୟବସ୍ଥାର ବିକଶିତ ଦେଶ ହିସାବରେ ମୁଣ୍ଡ ଟେକିଛି, ପ୍ରତ୍ୟେକ ଆନ୍ତର୍ଜାତିକ ଫୋରମରେ ଏହାର ନେତୃତ୍ୱର ପ୍ରଭାବ ରହିଛି, ମିଳିତ ଜାତିସଂଘର ଶାନ୍ତି ନିରାପତ୍ତା କାର୍ଯ୍ୟକ୍ରମକୁ ଏହାର ଅବଦାନ ଅଛି, ବିକାଶନ୍ମୁଖୀ ପୃଥିବୀ ପ୍ରତି ବି ସମର୍ଥନ ରହିଛି, ତେଣୁ, ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ପଦ ପାଇଁ ଭରତର ପ୍ରାର୍ଥୀତ୍ୱର ଯଥାର୍ଥତା ରହିଛି।

## ଅନ୍ତିମ ପ୍ରଶ୍ନାବଳୀ

୧. ଶାନ୍ତି ଓ ନିରାପତ୍ତାର ଅର୍ଥ କଣ ? ଏ ବାବଦରେ ଥିବା ପାରମ୍ପରିକ ଧାରଣା କିଭଳି ନୂତନ ଧାରଣା ଠାରୁ ଭିନ୍ନ ଅଟେ ?

୨. ତୁମେ ଭାବୁଛ କି, ଶାନ୍ତି ଓ ନିରାପତ୍ତା ଏବଂ ଗଣତନ୍ତ୍ର ଓ ବିକାଶ ମଧ୍ୟରେ ପରସ୍ପର ସମ୍ପର୍କ ରହିଛି ? ଏ ଉକ୍ତିର ସତ୍ୟତା ପ୍ରତିପାଦନ କର।

୩. ଶାନ୍ତି ଓ ନିରାପତ୍ତା ପ୍ରତି ଥିବା ବିପଦର ମୁକାବିଲା ପାଇଁ ପ୍ରସ୍ତୁତ କୌଶଳ ଓ ପ୍ରକ୍ରିୟାକୁ ସ୍ୱାଧୀନତା ଆନ୍ଦୋଳନର ଅବଦାନ କଣ ?

୪. ଭାରତର ଶାନ୍ତି ଓ ନିରାପତ୍ତା ପାଇଁ ମୁଖ୍ୟ ବିପଦ ଗୁଡ଼ିକ କ'ଣ ? ଏଥିପାଇଁ ଦେଶ କି ପ୍ରତିକାର ବ୍ୟବସ୍ଥାର ବନ୍ଦୋବସ୍ତ କରିଛି ?

୫. ଶାନ୍ତି ଓ ନିରାପତ୍ତା ପାଇଁ ଭାରତର ବୈଦେଶିକ ନୀତିର ଭୂମିକା କଣ ?

୬. ଆନ୍ତର୍ଜାତିକ ରାଜନୀତିର ପରିବର୍ତ୍ତନଶୀଳ ପ୍ରକୃତି ପାଇଁ ନିରପେକ୍ଷ ଆନ୍ଦୋଳନ କିପରି ଉପଯୋଗୀ ? ବର୍ଣ୍ଣନା କର।

୭. ଭାରତ କିଭଳି ମିଳିତ ଜାତିସଂଘକୁ ତାର ସମର୍ଥନ ଅବ୍ୟାହତ ରଖିଛି ? କାହିଁକି ଉକ୍ତ ଦେଶ ନିରାପତ୍ତା ପରିଷଦର ଜଣେ ସ୍ଥାୟୀ ସଦସ୍ୟ ହେବା ଉଚିତ୍ ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

### ୨୭.୧


୧. (କ) ଗଣ୍ଡଗୋଳ, ସଂଘର୍ଷ

(ଖ) ଉତ୍ତମ ପରସ୍ପର ସମ୍ପର୍କ, ଗୋଷ୍ଠୀଗତ ସମ୍ପର୍କ, ଆଞ୍ଚଳିକ ସମ୍ପର୍କ, ବିଭିନ୍ନ ରାଜ୍ୟ ସମ୍ପର୍କ ଓ ଆନ୍ତର୍ଜାତିକ ସମ୍ପର୍କ, ସାମାଜିକ ଓ ଅର୍ଥ ନୈତିକ ବିକାଶ ସମତାର ବିକାଶ, କାର୍ଯ୍ୟକ୍ଷମ ରାଜନୈତିକ ବ୍ୟବସ୍ଥା ପ୍ରଭୃତିର ଉପସ୍ଥିତି ଯୋଗୁଁ ସମ୍ଭବପର ହୋଇଥାଏ।

(ଗ) ବିପଦ କିମ୍ବା ଭୟ
ଏହାମଧ୍ୟ ବ୍ୟକ୍ତି, ଅନୁଷ୍ଠାନ, ଅଞ୍ଚଳ, ଦେଶ ଓ ପୃଥିବୀ।

(ଘ) ଅତ୍ୟଧିକ ବିପଦପୂର୍ଣ୍ଣ ଅବସ୍ଥା

୨. କାରଣ, ଏହା ଏକ ଅବସ୍ଥା, ଯେଉଁଠାରେ ବ୍ୟକ୍ତି, ଅନୁଷ୍ଠାନ, ଅଞ୍ଚଳ, ଦେଶ ଓ ପୃଥିବୀ ବିନା ବିପଦରେ ବିକାଶ ଧାରାକୁ ଅବ୍ୟାହତ ରଖିଥାନ୍ତି। ଏହି ବ୍ୟବସ୍ଥାରେ ବିଭିନ୍ନ ଅଞ୍ଚଳ ବା ଦେଶ ଘରୋଇଭାବେ ଅଧିକ ସ୍ଥାୟୀ ହୋଇଥାନ୍ତି, ଗଣତାନ୍ତ୍ରିକ ପଦ୍ଧତିରେ ଶାସିତ ହୁଅନ୍ତି ଓ ମାନବିକ ଅଧିକାରକୁ ସମ୍ମାନ ଦେଇଥାନ୍ତି। ସବୁବେଳେ ସଂଘର୍ଷ କେବଳ ବିପଦ ଓ ଭୟ ସୃଷ୍ଟିକରି ନଥାଏ, ଏହା ମଧ୍ୟ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ପ୍ରଗତିରେ ବାଧା ସୃଷ୍ଟି କରିଥାଏ।







୩. (କ) ଶାନ୍ତି ଓ ନିରାପତ୍ତା ପାଇଁ ନୂତନ ଚିନ୍ତାଧାରାର ବ୍ୟବସ୍ଥା ପାରମ୍ପରିକ ଧାରଣାଠାରୁ ଅଧିକ ସୁଦୂରପ୍ରସାରୀ ଓ ଅର୍ଥପୂର୍ଣ୍ଣ ଅଟେ। ଉକ୍ତ ବ୍ୟବସ୍ଥା ମଣିଷର ସ୍ଥିତି ପାଇଁ ବିପଦ ସୃଷ୍ଟି କରୁଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଅପେକ୍ଷା ସମୟପଯୋଗୀ ଅଟେ। କାରଣ ଏହା ଅନ୍ୟାନ୍ୟ ବିପଦର ଆଶଙ୍କାକୁ ଦୂରକରି ପାରିବ।

(ଖ) ଏହା କେବଳ କୌଣସି ଅଞ୍ଚଳ ଓ ଦେଶକୁ ଅନ୍ତର୍ଭୁକ୍ତ କରୁନାହିଁ, ଏହା ବ୍ୟକ୍ତି ସମୁହ, ସମସ୍ତ ସଂପ୍ରଦାୟ ଓ ବିଭିନ୍ନ ମନୁଷ୍ୟ ଜାତିକୁ ମଧ୍ୟ ସାମିଲ କରୁଛି।

ନୂତନ ଚିନ୍ତାଧାରା ଅନୁସାରେ ସାମାଜିକ ଓ ଅର୍ଥନୈତିକ ବିକାଶ ଓ ମଣିଷର ମର୍ଯ୍ୟାଦା ରକ୍ଷା ପାଇଁ, ଶାନ୍ତି ଓ ନିରାପତ୍ତାର ବ୍ୟବସ୍ଥା ବିକାଶର ପୂର୍ବାବସ୍ଥା ଅଟେ। ଉକ୍ତ ନୂତନ ଧାରଣା ମଧ୍ୟ କ୍ଷୁଧା, ଅଭାବ, ରୋଗ, ପରିବେଶ ଅବନତି, ଶୋଷଣ ଓ ଅତ୍ୟାଚାର ପ୍ରଭୃତିରୁ ମନୁଷ୍ୟର ମୁକ୍ତି ପ୍ରସଙ୍ଗକୁ ମଧ ଅନ୍ତର୍ଭୁକ୍ତ କରୁଅଛି।

## ୨୭.୨

୧. ଗଣତନ୍ତ୍ର ଓ ବିକାଶ, ଓ ଶାନ୍ତି ଓ ନିରାପତ୍ତା ମଧରେ ଏକ ପାରସ୍ପରିକ ସମ୍ପର୍କ ରହିଛି। ଶାନ୍ତି ଓ ନିରାପତ୍ତାର ଅନୁପସ୍ଥିତିରେ, ଗଣତନ୍ତ୍ର ତିଷ୍ଠିପାରିବ ନାହିଁ କି ବିକାଶଧାରା ଚାଲି ପାରିବ ନାହିଁ। ଶାନ୍ତ ବାତାବରଣରେ ହିଁ ନାଗରୀକମାନେ ବିଭିନ୍ନ ନିଷ୍ପତି ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ସମସ୍ତ ଅଞ୍ଚଳର ବିକାଶ ପାଇଁ ଶାନ୍ତ ଅବସ୍ଥା ଜରୁରୀ ଦରକାର। ଅନ୍ୟ ପକ୍ଷରେ, ଗଣତନ୍ତ୍ର ଓ ବିକାଶ ଅନୁପସ୍ଥିତିରେ ଶାନ୍ତି ପ୍ରତିଷ୍ଠା ସମ୍ପୂର୍ଣ୍ଣ ଅସମ୍ଭବ। ଜନ ଅସନ୍ତୋଷ ଦୂରୀକରଣ ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାର ଆବଶ୍ୟକତା ଅଛି। କେବଳ ବିକାଶ ମାଧ୍ୟମରେ ଦେଶଗୁଡ଼ିକ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ପ୍ରଗତି ହାସଲ କରି ଲୋକମାନଙ୍କୁ ଗୁଣାତ୍ମକ ଜୀବନଯାପନ କରିବାରେ ସାହାଯ୍ୟ କରି ପାରିବେ।

୨. ସ୍ୱାଧୀନତା ଆନ୍ଦୋଳନ ସମୟରେ, ଶାନ୍ତି ଓ ନିରାପତ୍ତା ପାଇଁ କାର୍ଯ୍ୟ ସମ୍ପାଦାନର ପନ୍ଥା ବିଷୟରେ ବିଭିନ୍ନ ଧାରଣା ଓ ମତାମତ ସୃଷ୍ଟି ହୋଇଥିଲା। ନେତୃତ୍ୱ ବିଶ୍ୱାସ କରୁଥିଲା ଯେ ସ୍ୱାଧୀନତା ପ୍ରାପ୍ତିପରେ, ଦେଶରେ ଶାନ୍ତି ପ୍ରତିଷ୍ଠା ହେଲେ ହିଁ ଗଣତାନ୍ତ୍ରିକ ବ୍ୟବସ୍ଥା ଯଥାରୀତି ଚାଲି ପାରିବ। ସ୍ୱାଧୀନତା ଆନ୍ଦୋଳନ ସମୟରେ, ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ, ସମାଜବାଦୀ ଚିନ୍ତାଧାରାକୁ ଗ୍ରହଣ କରିବାକୁ ସର୍ମସମ୍ମତ ନିଷ୍ପତି କରାଯାଇଥିଲା କାରଣ ନିରାପତ୍ତା ଓ ଶାନ୍ତି ବଜାୟ ରଖିବା ଏହାର ଲକ୍ଷଥିଲା।

୩. ସମ୍ବିଧାନର ରାଷ୍ଟ୍ର ନିର୍ଦ୍ଦେଶକ ନୀତି ପରିଚ୍ଛେଦରେ ଶାନ୍ତି ଓ ନିରାପତ୍ତା ବିଷୟରେ ସୂଚନା ଦିଆ ଯାଇଛି। ଦେଶର ସଂଘୀୟ ଶାସନ ବ୍ୟବସ୍ଥା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସ୍ଥାନୀୟ ଶାସନ ବ୍ୟବସ୍ଥାର ଲକ୍ଷ, ଦେଶର ଶାନ୍ତି ଓ ନିରାପତ୍ତାକୁ ଅଗ୍ରାଧିକାର ଦେବା। ପୃଥିବୀରେ ଶାନ୍ତି ଓ ନିରାପତ୍ତାର ପ୍ରତିଷ୍ଠା ପାଇଁ, ସମ୍ବିଧାନ, ଏକ ସ୍ୱତନ୍ତ୍ର ନୀତି ଗ୍ରହଣ କରିବାକୁ ମତାମତ ରଖିଛି। ସର୍ବତ୍ର ଶାନ୍ତି ପ୍ରତିଷ୍ଠା, ଅର୍ଥ ନୈତିକ ବିକାଶ ସଫଳତାର ସୁଷମ ବଣ୍ଟନ ଆତଙ୍କବାଦ ଦୂରୀକରଣ ଓ ମାନବ ଅଧିକାରର ସୁରକ୍ଷା ସମ୍ପର୍କିତ ସମସ୍ତ ଚେଷ୍ଟାକୁ ସମର୍ଥନ କରିବାର ବ୍ୟବସ୍ଥା ମଧ୍ୟ ସମ୍ବିଧାନରେ ରହିଛି।

୪. ସର୍ବତ୍ର ଶାନ୍ତି ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥା ସବୁଠାରୁ ଉତ୍କୃଷ୍ଟ ଅଟେ। ଏହି ବ୍ୟବସ୍ଥାରେ ଦେଶର ଚାରିଆଡ଼େ ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ଅଟେ। ବିଭିନ୍ନ ଗଣତାନ୍ତ୍ରିକ ପ୍ରକ୍ରିୟାରେ

ଲୋକମାନେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା ସମିଚୀନ ଅଟେ। ପୃଥିବୀର ଶାନ୍ତି ପାଇଁ ସମସ୍ତ ପ୍ରକାର ଚେଷ୍ଟାକୁ ସମର୍ଥନ କରିବା ଗଣତାନ୍ତ୍ରିକ ମନୋଭାବର ପରିଚୟ ଦିଏ।

## ୨୭.୩

୧. (କ) ଆତଙ୍କବାଦ, ସଶସ୍ତ୍ର ବିଦ୍ରୋହ, ନକ୍ସାଲ ଆନ୍ଦୋଳନ

(ଖ) ଭୟଙ୍କର କ୍ଷତି, ଭୟ

(ଗ) ରାଜନୈତିକ ଉଦ୍ଦେଶ୍ୟ, ସାମାଜିକ ଓ ଅର୍ଥନୈତିକ ନ୍ୟାୟ

୨. ଭାରତ ସରକାର, ଆତଙ୍କବାଦ ବିରୁଦ୍ଧରେ ଲଢ଼ିବା ପାଇଁ ପୃଥିବୀର ସମସ୍ତ ଦେଶମାନଙ୍କ ଚେଷ୍ଟାକୁ ସମର୍ଥନ କରୁଛନ୍ତି। ସଶସ୍ତ୍ର ବିଦ୍ରୋହ ଦମନ ପାଇଁ, କୂଟନୈତିକ ସ୍ତରରେ ଚେଷ୍ଟା କରାଯାଉଛି। ଅଳ୍ପଦିନ ତଳେ, ଭାରତ, ମିଆଁମାର ଓ ବଙ୍ଗଳାଦେଶ ସହ ଏକ ଚୁକ୍ତିରେ ଆବଦ୍ଧ ହୋଇଛି ଯେ, ଉକ୍ତ ଦେଶମାନେ କୌଣସି ପ୍ରକାର ଆତଙ୍କବାଦୀ ଓ ବିଦ୍ରୋହୀ ଗୋଷ୍ଠୀଙ୍କୁ ସାହାଯ୍ୟ ସମର୍ଥନ ଦେବେ ନାହିଁ। ପାକିସ୍ଥାନ ଉପରେ ଆନ୍ତର୍ଜାତୀୟ ଚାପ ଦେବାଲାଗି ମଧ୍ୟ, ଭାରତ, ଚେଷ୍ଟାକରି ଚାଲିଛି। ନକ୍ସାଲ୍ ଆନ୍ଦୋଳନ, ଯେହେତୁ ସାମାଜିକ ଓ ଅର୍ଥନୈତିକ ଅସମତା ପାଇଁ ସୃଷ୍ଟି ହୋଇଛି, ଏହାର ନିରାକରଣ ପାଇଁ ଦେଶ ପ୍ରଗତିର ସୁଫଳକୁ ପ୍ରତ୍ୟେକ ସ୍ତରରେ ପହଞ୍ଚିବାର ଉଦ୍ୟମ ଜାରି ରଖିଛି।

୩. ଦେଶର ସମସ୍ତ ଅଞ୍ଚଳର ବିକାଶ ପାଇଁ ସରକାର ସବୁପ୍ରକାର ଚେଷ୍ଟା କରିବା ଉଚିତ୍। ଦେଶର ବିକାଶ ଓ ଶିକ୍ଷା ବ୍ୟବସ୍ଥାରେ ସମସ୍ତେ ସମାନ ସୁବିଧା ଓ ସୁଯୋଗ ପାଇବା ଉଚିତ୍। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସକ୍ରୀୟ କରି ଲୋକମତକୁ ସମ୍ମାନ ଦିଆଯିବା ଦରକାର। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଶାନ୍ତି ଓ ନିରାପତ୍ତା ପାଇଁ ସମସ୍ତ ପ୍ରକାର ସହଯୋଗର ସୁଯୋଗ ସୃଷ୍ଟି କରିବା ଉଚିତ୍।

## ୨୭.୪

(୧) (କ) କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସ୍ୱାଧୀନତା (ଖ) ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା (ଗ) ପଡ଼ୋଶୀ ଦେଶ ଓ ଅନ୍ୟାନ୍ୟ ଦେଶ ମାନଙ୍କ ସଙ୍ଗେ ଉତ୍ତମ ସଂପର୍କ ସ୍ଥାପନ (ଘ) ମିଳିତ ଜାତିସଂଘକୁ ସମର୍ଥନ (ଙ) ନିରସ୍ତ୍ରୀକରଣ, ଔପନିବେଶବାଦକୁ ପ୍ରତିରୋଧ, ଜାତିପ୍ରଥା ଓ ଏକଛତ୍ରବାଦକୁ ବିରୋଧ (ଚ) ବିକାଶୀଳ ଦେଶମାନଙ୍କ ମଧ୍ୟରେ ସହଯୋଗ।

୨. ଭାରତ, କୌଣସି କ୍ଷମତା ଗୋଷ୍ଠୀଙ୍କ ସଙ୍ଗେ ହାତ ନ ମିଳାଇ ଏକ ନିରପେକ୍ଷ ବୈଦେଶିକ ନୀତି ଗ୍ରହଣ କରିଛି। ଉକ୍ତ ନୀତି ସମସ୍ତ ବିକାଶୀଳ ଦେଶକୁ ସାର୍ବଭୌମତ୍ୱ ରକ୍ଷା କରିବାରେ ସାହାଯ୍ୟ କରୁଛି। ଏହା ମଧ୍ୟ ଶୀତଳଯୁଦ୍ଧ ଜନିତ ମାନସିକ ଚାପରୁ ଅନେକ ଦେଶକୁ ରକ୍ଷା କରୁଛି। ନିରପେକ୍ଷ ଦେଶ ସମୂହ ଆନ୍ତର୍ଜାତିକ କ୍ଷେତ୍ରରେ, ବିଭିନ୍ନ ସମସ୍ୟା ପାଇଁ ନିଆଯାଉଥିବା ନିଷ୍ପତ୍ତିରେ ଅଂଶଗ୍ରହଣ କରିବାର ସୁଯୋଗ ପାଉଛନ୍ତି।

୩ (କ) ମୁଖ୍ୟ କର୍ଣ୍ଣଧାର (ଖ) ଶାନ୍ତି ଓ ନିରାପତା ଓ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ (ଗ) ଶାନ୍ତିରକ୍ଷା କାର୍ଯ୍ୟକ୍ରମ (ଘ) ସ୍ଥାୟୀ